# ରାମଚରିତ ମାନସ ଦୃଷ୍ଟିରେ ବେଦ

ପ୍ରଫୁଲ୍ଲ କୁମାର ଦାଶ

# ପ୍ରବେଶ ପୂର୍ବରୁ...

ଋଷିବର ଦେବ ଦୟାନନ୍ଦଙ୍କର ଅମର କୃତି ଗ୍ରନ୍ଥରତ୍ନ 'ସତ୍ୟାର୍ଥପ୍ରକାଶ' ପାଠ କରିବାର ସୌଭାଗ୍ୟ ପ୍ରାପ୍ତ ହେଲାପରେ ସତ୍ୟ ଓ ଅସତ୍ୟକୁ ଠିକ୍ ରୂପେ ଜାଣିବା ପାଇଁ ଇଚ୍ଛା ବଢ଼ିବାକୁ ଲାଗିଲା । ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ଥିବା ପାର୍ଥକ୍ୟ ଅତି ସହଜରେ ସ୍ପଷ୍ଟ ରୂପେ ଜାଣିହେଲା । ଧର୍ମଶାସ୍ତ୍ର ତଥା ସତ୍ଶାସ୍ତ୍ର ଓ ସାମ୍ପ୍ରଦାୟିକ ଗ୍ରନ୍ଥ (ସମ୍ପ୍ରଦାୟଗୁଡ଼ିକ ଯେଉଁ ଗ୍ରନ୍ଥକୁ ଧର୍ମଶାସ୍ତ୍ର ରୂପେ ମାନି ନେଇଛନ୍ତି) ନିର୍ଣ୍ଣୟ କରିବା ପାଇଁ ଏକ କଷଟି ପଥର ମିଳିଗଲା । 'ସତ୍ୟାର୍ଥପ୍ରକାଶ' ୩ୟ ସମୁଲ୍ଲାସ (ଅଧ୍ୟାୟ)ରେ କେତେକ ବେଦାନୁକୂଳ ତଥା ଋଷିକୃତ ଗ୍ରନ୍ଥ ଓ ଅବୈଦିକ ତଥା ଅନୃଷିକୃତ ଗ୍ରନ୍ଥ ସମ୍ପର୍କିତ ଏକ ସୂଚନା ଦିଆଯାଇଛି, ଯେଉଁଥିରେ କି ତୁଳସୀ ଦାସ କୃତ ହିନ୍ଦୀ ରାମାୟଣକୁ ଜାଲ୍ ଗ୍ରନ୍ଥ ତାଲିକାଭୁକ୍ତ କରାଯାଇଛି । ଜନମାନସରେ 'ରାମଚରିତ ମାନସ' ପ୍ରତି ଥିବା ଆଦରକୁ ଅନୁଧ୍ୟାନ କରିଥିବାରୁ 'ସତ୍ୟାର୍ଥପ୍ରକାଶ'ର ଏହି ନିର୍ଦ୍ଦିଷ୍ଟ ମନ୍ତବ୍ୟ ପ୍ରତି ବିଶ୍ୱାସ କରି ହେଲାନି । ଏଣୁକରି ଶ୍ରୀଗୋବିନ୍ଦ ଭବନ କାର୍ଯ୍ୟାଳୟ ଗୀତା ପ୍ରେସ୍, ଗୋରଖପୁର ଦ୍ୱାରା ପ୍ରକାଶିତ (ଟୀକାକାର- ହନୁମାନ ପ୍ରସାଦ ପୋଦ୍ଦାର) ବହି କିଣି ଆଣି ପଢ଼ିଲାପରେ ସ୍ପଷ୍ଟ ହେଲା ଯେ ବେଦାଦି ସତ୍ଶାସ୍ତ୍ରମାନଙ୍କରେ ଯେଉଁ ବିଷୟ ସ୍ଥାନ ପାଇନି, ସେହି ବିଷୟଗୁଡ଼ିକ ବେଦ ନିହିତ ବିଷୟ ରୂପେ ଦଶରଥ, ରାମ, ଲକ୍ଷ୍ମଣ, ଭରତ, କୌଶଲ୍ୟା, ବଶିଷ୍ଠ, ବିଶ୍ୱାମିତ୍ର, ଭରଦ୍ୱାଜ, ହନୁମାନାଦି ପ୍ରତିଷ୍ଠିତ ପାତ୍ରମାନଙ୍କର ମୁଖରେ ଉପସ୍ଥାପନା କରାଯାଇଛି । ପରିଣାମତଃ ବେଦରେ ଥିବା ବ୍ରହ୍ମବିଦ୍ୟା, ସୃଷ୍ଟିବିଦ୍ୟା, ଖଗୋଳ ବିଦ୍ୟା, ଭୁଗୋଳ ବିଦ୍ୟା, ଗଣିତ ବିଦ୍ୟା, ତାର ବିଦ୍ୟା, ନୌବିମାନାଦି ବିଦ୍ୟା, ବୈଦିକ ବିଦ୍ୟା, ବେଦର ବିଜ୍ଞାନ କାଣ୍ଡ, କର୍ମକାଣ୍ଡ, ଦେବତା ବିଷୟ, ବେଦ ସଂଜ୍ଞା ବିଚାର, ବେଦୋକ୍ତ ଧର୍ମ, ବେଦୋତ୍ପତ୍ତି ବିଷୟ, ଆକାଶୀୟ ପିଣ୍ଡମାନଙ୍କର ଧାରଣାକର୍ଷଣ ବିଷୟ, ପ୍ରକାଶ୍ୟାପ୍ରକାଶ ବିଷୟ, ଗଣିତ ବିଦ୍ୟା, ଉପାସନା ବିଷୟ, ମୁକ୍ତି ବିଷୟ, ରାଜାପ୍ରଜା ଧର୍ମ, ଶାସନ ତନ୍ତ୍ର ବିଷୟ,

ବର୍ଣ୍ଣାଶ୍ରମ ବିଷୟ, ପଞ୍ଚ ମହାଯଜ୍ଞ ବିଷୟ, ଅଗ୍ନିହୋତ୍ର ଠାରୁ ଆରମ୍ଭ କରି ଅଶ୍ୱମେଧ ପର୍ଯ୍ୟନ୍ତ ଯଜ୍ଞ ବିଷୟ ସମ୍ବନ୍ଧରେ କଲ୍ୟାଣପ୍ରଦ ଓ ନିର୍ଣ୍ଣାୟକ ଜ୍ଞାନ ପାଇବାରୁ ରାମଚରିତ ମାନସ ପ୍ରେମୀମାନେ ବଞ୍ଚିତ ହୋଇ ରହିଛନ୍ତି । କ୍ଲୁପ୍ତରେ କହିବାକୁ ଗଲେ ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ ରାମଚରିତ ମାନସରେ ଏକପକ୍ଷରେ ବେଦର ପ୍ରଶଂସା କରାଯାଇ ଅନ୍ୟପକ୍ଷରେ ବେଦର ଜ୍ଞାନ ବିଜ୍ଞାନକୁ ଘୋଡ଼ାଇ ଦିଆଯାଇଛି । ରାମଚନ୍ଦ୍ରଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ଦେବା ପରିବର୍ତ୍ତେ କେବଳ 'ନାମ' ନେବାପାଇଁ ଗୁରୁତ୍ୱ ଦିଆଯାଇ ଲେଖାଯାଇଛି ଯେ-

"କହଉଁ ନାମ ବଡ଼ ରାମତେ ନିଜ ବିଚାର ଅନୁସାର ।"

(ବା-କା, ଦୋହା-୨୩)

(ଅର୍ଥାତ୍) ତୁଳସୀ ଦାସ ନିଜର ବିଚାର ଉପସ୍ଥାପନା କରି କହୁଛନ୍ତି ଯେ ରାମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱ ଠାରୁ ଅର୍ଥାତ୍ ରାମଚନ୍ଦ୍ରଙ୍କ ଠାରୁ ରାମ ଶବ୍ଦ ବଡ଼ ଅଟେ । ଏହାକୁ ଆହୁରି ସୁସ୍ପଷ୍ଟ କରି କହିଛନ୍ତି ଯେ-

"କହୌ କହଁ ଲଗି ନାମ ବଡ଼ାଇ ।
ରାମୁ ନ ସକହିଁ ନାମ ଗୁନ ଗାଇ ।"

(ବା.କା- ଦୋହା-୨୫, ଚୌପାଇ-୪)

(ଅର୍ଥାତ୍) ରାମଚନ୍ଦ୍ର ମଧ୍ୟ ରାମ ଶବ୍ଦର ମହିମା କହିପାରିବେନି ।

ରାମଚରିତ ମାନସ ପ୍ରଚାରକ ଓ ପ୍ରବାଚକମାନେ ଏହି ଅଶୁଦ୍ଧ ବିଚାରକୁ ମନଭୁଲାଣିଆ ଢଙ୍ଗରେ ଜନତା ଆଗରେ ଉପସ୍ଥାପନ କରି ସେମାନଙ୍କୁ ଅଜ୍ଞାନାନ୍ଧକାରରେ ବୁଡ଼ାଇ ରଖିବା ପାଇଁ ଅନବରତ ଚେଷ୍ଟା କରି ଚାଲିଛନ୍ତି । ଏଣୁକରି ଏହାର ଯଥାର୍ଥ ସ୍ୱରୂପକୁ ଜନସାଧାରଣଙ୍କୁ ଜଣାଇଦେବା ଉଚିତ ମନେ କଲି ।

ଇତ୍ୟବସରରେ ବ୍ରହ୍ମପୁର ଅଳକାପୁରୀ ନିବାସୀ ଶ୍ରୀ କାହ୍ନୁ ବାଳକୃଷ୍ଣ ବିହାରୀଙ୍କ ପରି ଜଣେ ବିଖ୍ୟାତ ଐତିହାସିକଙ୍କ ସହ ମୋର ବନ୍ଧୁତା ଗଢ଼ି ଉଠିଥିଲା । ସେ ଦିନେ ଶ୍ରଦ୍ଧାର ସହ ମତେ ପଚାରିଲେ; ଦାଶ ବାବୁ ! ଏମିତି ବହି ପଢ଼ି ପଢ଼ି

ଜୀବନ ଚାଲିଯିବ, ନା ତା'ପୂର୍ବରୁ କିଛି ଚିହ୍ନ ଛାଡ଼ିଯିବା ପାଇଁ ଚେଷ୍ଟା କରିବେ ? ଏହି ଦୁଇପଦ କଥାରୁ 'ରାମଚରିତ ମାନସ ଦୃଷ୍ଟିରେ ବେଦ' ନାମକ ଏହି ପୁସ୍ତକ ପାଠକମାନଙ୍କ ହସ୍ତଗତ ହୋଇପାରିଲା । ପାଣ୍ଡୁଲିପିର ବନାନ ସଂଶୋଧନ ଠାରୁ ବହିଛପା ହେବା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକୀୟ ସ୍ଥଳରେ ମୋତେ ସଶ୍ରଦ୍ଧ ସହଯୋଗ କରିଥିବାରୁ ମୁଁ ବିହାରୀ ମହାଶୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ।

ମୋର ଦୃଢ଼ ବିଶ୍ୱାସ ଏହି ଯେ, ରାମଚରିତ ମାନସକୁ 'ବେଦଠାରୁ ମଧ୍ୟ ଉର୍ଦ୍ଧ୍ୱରେ' ବୋଲି ପ୍ରଚାର କରୁଥିବା ଏବଂ ବିଶ୍ୱାସ କରୁଥିବା ସଜ୍ଜନମାନେ ଏହି ପୁସ୍ତକ ପଢ଼ିଲା ପରେ ନିଶ୍ଚିତ ରୂପେ ସତ୍ୟପ୍ରତି ଆସ୍ଥାବାନ ହେବେ ଏବଂ ରାମଚରିତ ମାନସର ଯଥାର୍ଥ ସ୍ୱରୂପକୁ ଜାଣିପାରିବେ ।

ପାଠକମାନେ ଅନ୍ତତଃ ମୋ ପ୍ରତି ଏତିକି ବିଶ୍ୱାସ ରଖନ୍ତୁ ଯେ, ସନ୍ଥ ତୁଳସୀଦାସଙ୍କର ଓ ରାମଚରିମାନସର କୁତ୍ସାରଟନା କରିବା ପାଇଁ ଏହି ବହି ରଚନା କରାଯାଇନି ବରଂ ସମାଜ ସମ୍ମୁଖରେ ସତକୁ ସତ ଓ ମିଛକୁ ମିଛ ବୋଲି କହି ମାନବତାର କଲ୍ୟାଣ ହିଁ କାମନା କରାଯାଇଛି ।

॥ ଇତି ॥

**ଲେଖକ**

# ସୂଚୀକ୍ରମ


୧. ରାମାୟଣ ନିର୍ଣ୍ଣୟ

୨. ରାମଚରିତ ମାନସ ଦୃଷ୍ଟିରେ ବେଦ

୩. ରାମଚରିତ ମାନସରେ ଈଶ୍ୱର ପ୍ରସଙ୍ଗ

୪. ରାମଚରିତ ମାନସରେ ପାପ ମୋଚନ ଓ ମୁକ୍ତି

୫. ରାମଚରିତ ମାନସରେ ରାମ ଓ ସୀତାଙ୍କ ଚରିତ୍ର

୬. ଅହଲ୍ୟା ଉଦ୍ଧାର

# ରାମାୟଣ ନିର୍ଣ୍ଣୟ

ରାମାୟଣ, ଅର୍ଥାତ୍ ରାମସ୍ୟ ଅୟନମ୍ (ଗତି) ଇତି 'ରାମାୟଣମ୍' । ରାମଚନ୍ଦ୍ରଙ୍କର ଜୀବନୀ ସଂପର୍କିତ ଘଟଣାବଳୀକୁ କାବ୍ୟରୂପ ଦେଇ ମହର୍ଷି ବାଲ୍ମୀକି ଏହି ଆଦିକାବ୍ୟକୁ 'ରାମାୟଣ' ନାମକରଣ କରିଛନ୍ତି । ଏକ ବିକଳ୍ପରହିତ ଯଥାର୍ଥ ନାମକରଣ । ଏହି କାବ୍ୟ ଜନମାନସରେ ଏତେ ଆଦୃତ ହୋଇଛି ଯେ, ଏଥିରେ ଥିବା ତଥ୍ୟାବଳୀକୁ ନେଇ ଆର୍ଯ୍ୟବର୍ତ୍ତ (ଭାରତ)ର ସମସ୍ତ ପ୍ରାନ୍ତୀୟ ଭାଷାରେ ଅନେକ ପ୍ରକାର କାବ୍ୟ, କବିତା, ଗଳ୍ପ, ନାଟକ, ଏକାଙ୍କିକା, ଛାନ୍ଦାଦି ସାହିତ୍ୟ ପ୍ରକାଶଲାଭ କରିଛି । ଶାରଳା ଦାସଙ୍କ ଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଶତାଧିକ ଓଡ଼ିଆ ଲେଖକ ରାମାୟଣର ପୂର୍ଣ୍ଣାଙ୍ଗ କିମ୍ବା ଆଂଶିକ ବିଷୟବସ୍ତୁକୁ ନିଜସ୍ୱ ଢଙ୍ଗରେ ପରିବେଷଣ କରିଛନ୍ତି । ପରିବେଷଣ ବୈଚିତ୍ର୍ୟ ଦୃଷ୍ଟିରୁ ଏଗୁଡ଼ିକୁ ସାଧାରଣତଃ ସାତଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା: ୧. ଅନୁସୃତ ରାମାୟଣ, ୨. ଅନୁଦିତ ରାମାୟଣ, ୩. ସଂକ୍ଷିପ୍ତ ରାମାୟଣ, ୪. ଛାନ୍ଦବଦ୍ଧ ରାମାୟଣ, ୫. ଗୀତବଦ୍ଧ ରାମାୟଣ, ୬. ନୃତ୍ୟ ରାମାୟଣ ଓ ୭. ସଂକୀର୍ଣ୍ଣ ରାମାୟଣ । ଶ୍ରେଣୀବିଭାଗ ନିର୍ବିଶେଷରେ ଏହାର ଲେଖକମାନେ ନିଜ ରଚନାର ମୌଳିକତା ମହର୍ଷି ବାଲ୍ମୀକି ରଚିତ ରାମାୟଣରୁ ସଂଗ୍ରହ କରିଥିବା ସ୍ୱୀକାର କରିଥିଲେ ମଧ୍ୟ ସ୍ୱରଚିତ ଗ୍ରନ୍ଥକୁ ଜନାଦୃତ କରାଇବା ପାଇଁ ଏବଂ ତାହାର ମହତ୍ତ୍ୱ ପ୍ରତିପାଦନ କରାଇବା ପାଇଁ ସେଥିରେ କିଛି ନିଜସ୍ୱ ବିଚାର, ମନ୍ତବ୍ୟ ଓ ରୋଚକ ତଥ୍ୟାବଳୀ ଯୋଡ଼ି ଦେଇଥାନ୍ତି । ରାମାୟଣ ଧାରାବାହିକର ନିର୍ମାତା 'ରାମାନନ୍ଦ ସାଗର'ଙ୍କର ଏକ ମନ୍ତବ୍ୟ ଏହାକୁ ଅଧିକ ସ୍ପଷ୍ଟ କରିଛି । ଯେଉଁଦିନ ଉତ୍ତର ରାମାୟଣ ଧାରାବାହିକ ଦୂରଦର୍ଶନରେ ପ୍ରସାରଣ ଆରମ୍ଭ ହେଲା, ସେହିଦିନ ରାମାନନ୍ଦ ସାଗର ନିଜେ ଦୂରଦର୍ଶନ ପରଦାକୁ ଆସି ଏକ ନିଜସ୍ୱ ବିଚାର ଉପସ୍ଥାପନ କଲେ ଯେ- "ରାମାୟଣ ସମ୍ବନ୍ଧରେ କିଛି ଲେଖିଥିବା ଲେଖକମାନେ ନିଜର ରଚନାକୁ ଜନାଦୃତ କରାଇବା ପାଇଁ ରାମାୟଣରେ

ଅନେକ କିଛି ରୋଚକ ବିଷୟ ଯୋଡ଼ି ଦେଇଛନ୍ତି । ମୁଁ ମଧ୍ୟ ମୋର ଏହି ଧାରାବାହିକକୁ ସରସ ସୁନ୍ଦର କରିବା ପାଇଁ କିଛି ରୋଚକ ବିଷୟ ଯୋଡ଼ି ଦେଇଛି । ଏଥିପାଇଁ ମୁଁ କ୍ଷମାପ୍ରାର୍ଥନା କରୁଛି ।"

ରାମାନନ୍ଦ ସାଗର ନିଜକୁ ଲୁଚାଇ ନାହାନ୍ତି । ନିଜର ବିଚାର ସର୍ବସାଧାରଣଙ୍କ ବିବେଚନା ପାଇଁ ଉନ୍ମୁକ୍ତ କରିଦେଇଛନ୍ତି । ରାମାୟଣ ଧାରାବାହିକ ପ୍ରସ୍ତୁତ ପୂର୍ବରୁ ସେ ଯେତେ ପ୍ରକାର ରାମାୟଣକୁ ଅନୁଧ୍ୟାନ କରିଥିଲେ, ସେଥିରେ ଯୋଡ଼ା ଯାଇଥିବା ମନଗଢ଼ା ବିଷୟବସ୍ତୁ ତାଙ୍କୁ ଯଥେଷ୍ଟ ମନେ ହେଲାନି । ସେଥିପାଇଁ ଆହୁରି କିଛି ଯୋଡ଼ା ଯୋଡ଼ି କରି ଧାରାବାହିକ ପ୍ରସ୍ତୁତ କରି ଦୂରଦର୍ଶନ ମାଧ୍ୟମରେ ପ୍ରସାରଣ କରିବା ପାଇଁ ଉଦ୍ୟମ କଲେ । ଜାନୁଆରୀ ମାସରେ ପ୍ରସାରଣ ଆରମ୍ଭ ହେଲା । ଶୀତ ଛାଡ଼ି ନଥାଏ । ଜନସାଧାରଣ ଘୋଡ଼ାଘୋଡ଼ି ଓ ଭିଡ଼ିମୋଡ଼ି ହୋଇ ସେହି ଯୋଡ଼ାଯୋଡ଼ି ରାମାୟଣକୁ ଦେଖି ଦେଖି ଆନନ୍ଦ ସାଗରରେ ବୁଡ଼ି ଯାଉଥିଲେ ।

***ପ୍ରଶ୍ନ:*** ***କିଛି ଯୋଡ଼ା ଯୋଡ଼ି କରି ରାମାୟଣକୁ ରୋଚକ ଢଙ୍ଗରେ ପ୍ରଚାର କରିବା କ'ଣ ଦୋଷାବହ ? ଏହି ସତ୍ ପ୍ରୟାସକୁ ଗଡ଼ି ଗଡ଼ି କରିବା ପାଇଁ ଭିଡ଼ାଭିଡ଼ି ହୋଇ ରଡ଼ି ଛାଡ଼ିବାରେ ବଡ଼ିମା ରହିଲା କେଉଁଠି ?***

**ଉତ୍ତର:** ନିରପେକ୍ଷ ଭାବେ କହିବାକୁ ଗଲେ ମହର୍ଷି ବାଲ୍ମୀକି ରଚିତ ରାମାୟଣକୁ ପ୍ରାୟତଃ ସମସ୍ତ ରାମାୟଣ ପ୍ରେମୀ ଲେଖକ ନିଜର ପୈତୃକ ସମ୍ପତ୍ତି ଭାବେ ବିବେଚନା କରିଛନ୍ତି । ଏହା ଆଦୌ ଅସଙ୍ଗତ ମଧ୍ୟ ନୁହେଁ । ସମାଜକୁ ସନ୍ମାର୍ଗ ପ୍ରଦର୍ଶନ କରାଇଥିବା ମନ୍ତ୍ରଦା ଋଷିମାନଙ୍କୁ ପିତୃ ସଂଜ୍ଞା (ଅଜ୍ଞୋବୈ ଭବତି ବାଳଃ ପିତା ଭବତି ମନ୍ତ୍ରଦା) ପ୍ରଦାନ କରିବା ଏକ ଆର୍ଷ ମାନ୍ୟତା ଅଟେ । ରାମାୟଣରେ ଉଚ୍ଚସ୍ଥାନ ଦିଆଯାଇଥିବା ପାତ୍ରମାନଙ୍କର ଜୀବନଦର୍ଶନକୁ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାରେ ସନ୍ନିବେଶିତ କରିବା ପାଇଁ ସାଧାରଣ ବ୍ୟକ୍ତିଟିଏ ଶ୍ରେୟ ମଣିଥାଏ । ଏଣୁକରି କତିପୟ ଲେଖକ ରାମାୟଣକୁ ରୋଚକ ଢଙ୍ଗରେ ଉପସ୍ଥାପନା କରିବା ଉଚିତ ମଣିଥାନ୍ତି କିନ୍ତୁ ରୋଚକତାକୁ ଗୁରୁତ୍ୱ ଦେଇ 'ଅହଲ୍ୟା ଉଦ୍ଧାର' ପରି ପ୍ରସଙ୍ଗ ଉପସ୍ଥାପନ କରି ଏକ ଋଷିପତ୍ନୀଙ୍କର ଚରିତ୍ର

ସଂହାର କରିବା, ବାଲିପିଣ୍ଡ ଦାନ ପରି ପ୍ରସଙ୍ଗ ଉପସ୍ଥାପନା କରି ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେବା, ଅଶ୍ୱମେଧ ଯଜ୍ଞ ନାମରେ ଶୁଦ୍ଧ ବୈଦିକ କର୍ମକାଣ୍ଡରେ ଅଶ୍ଳୀଳତା ପ୍ରବେଶ କରାଇବା, ବେଦରେ ସ୍ଥାନ ପାଇନଥିବା ବିଷୟକୁ ବୈଦିକ ସିଦ୍ଧାନ୍ତ ରୂପେ ପ୍ରଚାର କରି ସ୍ୱାର୍ଥସିଦ୍ଧି କରିବା, ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ଈଶ୍ୱର ସିଦ୍ଧ କରିବା ପାଇଁ ତାଙ୍କର ଚରିତ୍ରରେ ଅମର୍ଯ୍ୟାଦା ଭରିଦେବା, ହନୁମାନଙ୍କ ପରି ବିଜ୍ଞ ମହାପୁରୁଷଙ୍କୁ ମାଙ୍କଡ଼ ରୂପେ ଚିତ୍ରଣ କରିବା, ଅନ୍ତଃସତ୍ୱା ସମୟରେ ସୀତାଙ୍କୁ ରାଜମହଲରୁ ବାହାର କରିଦେଇ ବଣକୁ ପଠାଇଦେବା ଭଳି ମିଥ୍ୟା ଉପାଖ୍ୟାନ ଉପସ୍ଥାପନା କରିବା, ରାବଣକୁ ଭକ୍ତ ରୂପେ ଚିତ୍ରଣ କରିବା ପରି ଉପାଖ୍ୟାନ / ପ୍ରସଙ୍ଗ ଉପସ୍ଥାପନା କରି ରାମାୟଣର ମର୍ଯ୍ୟାଦା ହାନି କରିବା ପ୍ରୟାସରୁ ବିରତ ରହିବା ନିହାତି ଆବଶ୍ୟକ । ସମାଜ ପାଇଁ ରାମାୟଣ ସେତେବେଳେ କଲ୍ୟାଣପ୍ରଦ ହେବ, ଯେତେବେଳେ କି ଜନସାଧାରଣ ରାମାୟଣର ମୌଳିକତା ଆଡ଼କୁ ଅଗ୍ରସର ହେବାପାଇଁ ଉଚିତ ମଣିବେ । ଏତାଦୃଶ ପ୍ରୟାସ ହିଁ 'ଋଷି ଋଣ ପରିଶୋଧ' ପର୍ଯ୍ୟାୟଭୁକ୍ତ ହେବା ସଂଗେ ସଂଗେ ଅଧୁନା ଉପଲବ୍ଧ ରାମାୟଣରୁ ପ୍ରକ୍ଷିପ୍ତ ବାଛିବା ପାଇଁ ସକ୍ଷମ ହୋଇପାରିବ ।

***ପ୍ରଶ୍ନ: କେଉଁ ଗ୍ରନ୍ଥକୁ ଆଲୋଚନା ପରିସରକୁ ଆଣି ସେଥିରୁ ପ୍ରକ୍ଷିପ୍ତାଂଶ ବାଛିବା ଉଚିତ ହେବ ?***

**ଉତ୍ତର:** କତିପୟ ଲେଖକ ରାମାୟଣ ପ୍ରଚାର ପ୍ରସାର କରିବା ପାଇଁ ନିଜେ ସ୍ୱତନ୍ତ୍ର ଗ୍ରନ୍ଥ ରଚନା କରିଛନ୍ତି । ସେହି ଗ୍ରନ୍ଥଗୁଡ଼ିକୁ 'ରାମାୟଣ' ନାମକରଣ ନକରି, ଅଧ୍ୟାତ୍ମ ରାମାୟଣ, ଦାଣ୍ଡି ରାମାୟଣ, ବିଚିତ୍ର ରାମାୟଣ, ଗର୍ଗବଟୁ ରାମାୟଣ, ଯୋଗବାଶିଷ୍ଠ ରାମାୟଣ, ରାମଚରିତ ମାନସ, ରଘୁବଂଶ, ବୈଦେହୀଶ ବିଳାସ ଇତ୍ୟାଦି ନାମ ଦେଇଛନ୍ତି । ପ୍ରାନ୍ତୀୟ ଭାଷାରେ ରଚିତ ଏତାଦୃଶ ଶତାଧିକ ଗ୍ରନ୍ଥ ବର୍ତ୍ତମାନ ଉପଲବ୍ଧ ହେଉଛି । ପ୍ରାନ୍ତୀୟ ସାହିତ୍ୟକୁ ସମୃଦ୍ଧ କରିବାରେ ଏଗୁଡ଼ିକର ଭୂମିକା ପ୍ରଶଂସନୀୟ । ଏଥିରେ

ଥିବା ବିଷୟବସ୍ତୁ ଓ ଉପଦେଶାବଳୀ ଯଦି ପ୍ରାଣୀମାତ୍ରର କଲ୍ୟାଣକାରକ ସାବ୍ୟସ୍ତ ହୁଏ, ତାହାହେଲେ ସେଗୁଡ଼ିକ ସବିଚାର ସାଦର ଗ୍ରହଣୀୟ ।

ସ୍ୱତନ୍ତ୍ର ଗ୍ରନ୍ଥ ରଚନାରୁ ବିରତ ରହି, ବାଲ୍ମୀକି ମହର୍ଷି ରଚିତ ରାମାୟଣର ପ୍ରଚାର ପ୍ରସାର କରିବା ପାଇଁ ଅନେକ ପରବର୍ତ୍ତୀ ବିଦ୍ୱାନ ପ୍ରୟାସ କରିଛନ୍ତି । ସେମାନେ ସଂସ୍କୃତ ରାମାୟଣର ଟୀକା ଓ ଅନୁବାଦ କରି ତାହାକୁ 'ବାଲ୍ମୀକିୟ ରାମାୟଣ' ଓ 'ଶ୍ରୀମଦ୍ ବାଲ୍ମୀକିୟ ରାମାୟଣ' ନାମକରଣ କରିଛନ୍ତି । ଏତାଦୃଶ ପ୍ରୟାସ ମହର୍ଷି ବାଲ୍ମୀକି ପରବର୍ତ୍ତୀ ସମୟଠାରୁ ଆଜି ପର୍ଯ୍ୟନ୍ତ ଜାରି ରହିଛି । ଏହି ଦୀର୍ଘ ସମୟର ପ୍ରବାହରେ ରାମାୟଣରେ ଅନେକ କିଛି ମିଶ୍ରଣ (ପ୍ରକ୍ଷିପ୍ତ) ହୋଇଥିବାର ଲକ୍ଷ୍ୟ କରାଯାଉଛି ।

ସୁସ୍ଥ ସମାଜ ଗଠନ ପାଇଁ ଓ ପ୍ରାଣୀଜଗତକୁ ସୁଖ ପହଞ୍ଚାଇବା ପାଇଁ ରାମାୟଣ ପ୍ରଚାର କରିବାର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ଏଣୁକରି ମାନବତା ପ୍ରେମୀ ବିଦ୍ୱାନ୍‌ମାନେ ବର୍ତ୍ତମାନ ଉପଲବ୍ଧ 'ବାଲ୍ମୀକିୟ ରାମାୟଣ'କୁ ଆଲୋଚନା ପରିସରକୁ ଆଣି ସେଥିରୁ ପ୍ରକ୍ଷିପ୍ତାଂଶ ବାଦଦେଇ ଏକ ଶୁଦ୍ଧ ରାମାୟଣ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ । ଏହା କଷ୍ଟସାଧ୍ୟ ହୋଇପାରେ କିନ୍ତୁ ଅସାଧ୍ୟ ନୁହେଁ ।

***ପ୍ରଶ୍ନ: ମୌଳିକତା ନ'ଜାଣି ପ୍ରକ୍ଷିପ୍ତାଂଶ କିପରି ନିର୍ଣ୍ଣୟ ହୋଇ ପାରିବ ?***

**ଉତ୍ତର:** ପ୍ରକ୍ଷିପ୍ତ ନିର୍ଣ୍ଣୟ ପାଇଁ ପ୍ରବୃତ୍ତ ହେବା ପୂର୍ବରୁ ସର୍ବପ୍ରଥମେ ସ୍ୱୀକାର କରିବା ଜରୁରୀ ଅଟେ ଯେ 'ରାମାୟଣ' ଏକ ଋଷିକୃତ ଗ୍ରନ୍ଥ । ଧର୍ମ (ସତ୍ୟ)କୁ ସାକ୍ଷାତ୍‌କାର କରିଥିବା ବ୍ୟକ୍ତିମାନଙ୍କୁ ଋଷି କୁହାଯାଏ ଏବଂ ଭାରତୀୟ ପରମ୍ପରା ବାଲ୍ମୀକିଙ୍କୁ ମହର୍ଷି ରୂପେ ସ୍ୱୀକାର କରିଆସିଛି । ଋଷିକୃତ ଗ୍ରନ୍ଥମାନଙ୍କରେ ପ୍ରାଣୀମାତ୍ରର କଲ୍ୟାଣ ସାଧନ ହେଲାପରି ବାର୍ତ୍ତାମାନ ହିଁ ସ୍ଥାନ ପାଇଥାଏ । ସେଥିରେ ବେଦ ବିରୁଦ୍ଧ, ସୃଷ୍ଟିକ୍ରମ ବିରୁଦ୍ଧ, ପରସ୍ପର ବିରୁଦ୍ଧ, ବୁଦ୍ଧି ବିରୁଦ୍ଧ, ଅଯୌକ୍ତିକର, ଅତିବାଦିତାଦି ବିଚାର ସ୍ଥାନ ପାଇନଥାଏ । ଅତଏବ ରାମାୟଣର ମୌଳିକତା ଆଡ଼କୁ ଅଗ୍ରସର

ହେଲାବେଳେ, ନିରପେକ୍ଷତା ଅବଲମ୍ବନ କରି ନିମ୍ନଲିଖିତ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ।

୧. ଯେଉଁଠାରେ ମହର୍ଷି ବାଲ୍ମୀକିଙ୍କର ଯଶଗାନ କରାଯାଇଛି କିମ୍ବା ରାମାୟଣ ଗ୍ରନ୍ଥ ରଚନା ସମ୍ବନ୍ଧରେ କିଛି ଆଲୋଚନା / ସମାଲୋଚନା କରାଯାଇଛି, ସେସବୁ ଆଦିକାବ୍ୟ ରାମାୟଣର ବିଷୟବସ୍ତୁ ରୂପେ ନୁହେଁ ବରଂ ପରବର୍ତ୍ତୀ ଲେଖକଙ୍କର ମନ୍ତବ୍ୟ ରୂପ ହିଁ ବିବେଚ୍ୟ ହେବା ଉଚିତ ।

ଉଦାହରଣତଃ: ଗୀତାପ୍ରେସ୍, ଗୋରଖପୁର ଦ୍ୱାରା ମୁଦ୍ରିତ 'ଶ୍ରୀମଦ୍ ବାଲ୍ମୀକୀୟ ରାମାୟଣମ୍' ବାଳକାଣ୍ଡ, ପ୍ରଥମ ସର୍ଗ, ପ୍ରଥମ ଶ୍ଳୋକରେ ଲେଖାଯାଇଛି ଯେ-

**ତପଃ ସ୍ୱାଧ୍ୟାୟ ନିରତଂ ତପସ୍ୱୀ ବାଗ୍‌ବିଦା ବରମ୍ ।**
**ନାରଦଂ ପରିପ୍ରପଚ୍ଛ ବାଲ୍ମୀକିର୍ମୂନୀ ପୁଙ୍ଗବମ୍ ॥**

(ଅର୍ଥାତ୍) ତପସ୍ୟା ଓ ସ୍ୱାଧ୍ୟାୟରତ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ମୂନିବର ନାରଦଙ୍କୁ, ତପସ୍ୱୀ ବାଲ୍ମୀକି ପଚାରିଲେ...

ଏହି ଶ୍ଳୋକ ଯଦି ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ଛନ୍ଦୋବଦ୍ଧ ହୋଇଥାନ୍ତା ତାହାହେଲେ "ତପସ୍ୱୀ ବାଲ୍ମୀକି ପଚାରିଲେ" ଏପରି ଲେଖାଯାଇ ନଥାନ୍ତା । ଅତଏବ ଏହି ଶ୍ଳୋକରେ ଯେଉଁ ସତ୍ୟତା ଅଛି ତାହା ବାଲ୍ମୀକି ଭିନ୍ନ ଅନ୍ୟ କୌଣସି ଲେଖକଙ୍କର ପ୍ରାକ୍ କଥନ ରୂପେ ଗ୍ରହଣୀୟ ହୋଇପାରିବ କିନ୍ତୁ ଆଦି କାବ୍ୟ 'ରାମାୟଣ' ରଚୟିତା ମହର୍ଷି ବାଲ୍ମୀକିଙ୍କର ରଚନା ରୂପେ ନୁହେଁ । ଅତଏବ ଏହା ପ୍ରକ୍ଷିପ୍ତ ରୂପେ ହିଁ ବିବେଚ୍ୟ ହେବା ଉଚିତ ।

୨. **ଯାହା ସୃଷ୍ଟିକ୍ରମ ବିରୁଦ୍ଧ ତାହା ମିଥ୍ୟା ଅଟେ ।** ଉଦାହରଣତଃ-

**ଚତୁର୍ବିଷାଣୈର୍ଦ୍ୱିରଦୈସ୍ତ୍ରୀବିଷାଣୈସ୍ତଥୈବଚ ।**
**ପରିକ୍ଷିପ୍ତମସମ୍ବାଧଂ ରକ୍ଷମାଣମୁଦାୟୁଧୈଃ ॥**

(ବା.ରା.- ସୁ.କା- ୯ମ ସର୍ଗ -ଶ୍ଳୋକ-୫)

(ଅର୍ଥାତ୍) ଚାରି ଏବଂ ତିନି ଦାନ୍ତ ଥିବା ହାତୀ ସମୂହ ରାବଣର ବାସଭବନ ଚାରିପାଖେ ରହିଥିଲେ ।

ଈଶ୍ୱରଙ୍କ ସୃଷ୍ଟି ସଂପୂର୍ଣ୍ଣ ଶୃଙ୍ଖଳିତ । ତିନି କିମ୍ବା ଚାରି ଦାନ୍ତ ବିଶିଷ୍ଟ ହାତୀ ଜନ୍ମହେବା ପରି ସୃଷ୍ଟିକ୍ରମ ବିରୁଦ୍ଧ ବିଷୟ ଋଷିକୃତ ଗ୍ରନ୍ଥମାନଙ୍କରେ ସ୍ଥାନ ପାଇବ ନାହିଁ । ଅତଏବ ଏହା ପ୍ରକ୍ଷିପ୍ତ ରୂପେ ହିଁ ବିବେଚ୍ୟ ହେବା ଉଚିତ ।

୩. ଯାହା ଅତିବାଦିତା ତାହା ମିଥ୍ୟା । ଉଦାହରଣତଃ-

**ଯେଷାଂ ସସାଗରୋ ନାମ ସାଗର ଯେନ ଖାନିତଃ ।**
**ଷଷ୍ଟିପୁତ୍ର ସହସ୍ରାଣି ଯଂ ଯାନ୍ତଂ ପର୍ଯ୍ୟବାରୟବ୍ ॥**

(ବା.ରା.- ବା.କା- ୫ମ ସର୍ଗ-ଶ୍ଳୋକ-୯)

(ଅର୍ଥାତ୍) ସଗର ବଂଶ ସାଗରଗୁଡ଼ିକୁ ଖୋଳିଥିଲେ । ଯାତ୍ରା ସମୟରେ ୬୦ ହଜାର ପୁତ୍ର ଚାରିପଟେ ଘେରି ବୁଲୁଥିଲେ ।

ପ୍ରାଣୀଜଗତ ସୃଷ୍ଟି ପୂର୍ବରୁ ସସାଗରାଧରାର ବିଦ୍ୟମାନତା ଥିଲା । ମାନବ ଦ୍ୱାରା ସାଗରଗୁଡ଼ିକ ଖୋଳାଯାଇଥିବା ବିଷୟ ମିଥ୍ୟା ଏବଂ ଅତିବାଦିତା ରୂପେ ହିଁ ପରିଗଣିତ ହେବ । ଏତାଦୃଶ ବିଷୟ ଋଷିକୃତ ଗ୍ରନ୍ଥରେ ସ୍ଥାନ ପାଇବ ନାହିଁ । ଅତଏବ ଏହା ପ୍ରକ୍ଷିପ୍ତ ରୂପେ ହିଁ ବିବେଚ୍ୟ ହେବା ଉଚିତ ।

୪. ଗୋଟିଏ ଗ୍ରନ୍ଥରେ ପରସ୍ପର ବିରୁଦ୍ଧ ତଥ୍ୟର ସମାବେଶ ମିଥ୍ୟା ଅଟେ । ଉଦାହରଣତଃ-

**ଦୀପ୍ୟମାନଂ ତତୋବହିଃ ପୁଷ୍ପୈରଭ୍ୟର୍ଚ୍ୟ ସତ୍କୃତମ୍ ।**
**ତୟୋର୍ମଧ୍ୟେତୁ ସୁପ୍ରିତୋ ନିଦଧୌ ସୁସମାହିତଃ ॥**

(ବା.ରା.- କି.କା.-୫ମ ସର୍ଗ-ଶ୍ଳୋକ- ୧୪)

(ଅର୍ଥାତ୍) (ସୁଗ୍ରୀବ ଓ ରାମଚନ୍ଦ୍ରଙ୍କର ମିତ୍ରତା ସମୟରେ) ହନୁମାନଜୀ ସାଦର ଅଗ୍ନି ପୂଜନ କଲାପରେ ଏକାଗ୍ର ଚିତ୍ତରେ ରାମଚନ୍ଦ୍ର ଓ ସୁଗ୍ରୀବଙ୍କ ସମ୍ମୁଖରେ ସାକ୍ଷୀ ଭାବେ ଅଗ୍ନି ସ୍ଥାପନ କଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ ଅଗ୍ନିହୋତ୍ରର (ହୋମ) ଆୟୋଜନ କରାଯାଇଥିଲା, ଯେଉଁଥିରେ ହନୁମାନ ଆଚାର୍ଯ୍ୟ ସ୍ଥାନ ଗ୍ରହଣ କରିଥିଲେ ।

ଅଗ୍ନିହୋତ୍ର କରିବା ସମୟରେ 'ଆଚାର୍ଯ୍ୟ ବରଣ' ଏକ କର୍ମକାଣ୍ଡୀୟ ବ୍ୟବସ୍ଥା । ଏଣୁକରି ହନୁମାନଙ୍କୁ ରାମଚନ୍ଦ୍ର ଓ ସୁଗ୍ରୀବ ନିଶ୍ଚିତ ରୂପେ ଆଚାର୍ଯ୍ୟ ରୂପେ ବରଣ କରିଥିବେ । ରାମଚନ୍ଦ୍ର ଯାହାକୁ ଆଚାର୍ଯ୍ୟ ରୂପେ ବରଣ କରିଥିବେ ସେହି ବ୍ୟକ୍ତି ନିଶ୍ଚିତଭାବେ କର୍ମକାଣ୍ଡର ଏକ ଉଚ୍ଚକୋଟୀର ବିଦ୍ୱାନ ହୋଇଥିବେ । ରାଜନୈତିକ ଦୂରଭିସନ୍ଧି ନେଇ ମିତ୍ରତା କରିବା ସମୟରେ ଯେଉଁ ବ୍ୟକ୍ତି (ହନୁମାନ) ମଧ୍ୟସ୍ଥତା କରିଥିବେ ସେ ନିଶ୍ଚିତ ରୂପେ ଶାସନ ତନ୍ତ୍ରର ଏକ ବିଚକ୍ଷଣ କୂଟନୀତି ବିଶାରଦ ହୋଇଥିବେ । ଏମିତି ଏକ ବ୍ୟକ୍ତିଙ୍କୁ ମହର୍ଷି ବାଲ୍ମୀକି କଦାପି ଏକ ବାନର ରୂପେ ଚିତ୍ରଣ କରିନଥିବେ । କିନ୍ତୁ ସୁନ୍ଦରା କାଣ୍ଡର ଏକ ପ୍ରକରଣରେ ଲେଖାଯାଇଛି ଯେ-

**ଆସ୍ଫୋୟମାସ ଚୁଚୁମ୍ବ ପୁଚ୍ଛଂ ନନନ୍ଦ ଚିକ୍ରିଡ଼ ଜଗୌ ଜଗାମ୍ ।**
**ସ୍ତମ୍ଭାନରୋହନ୍ନିପପାତ ଭୂମୌ ନିଦର୍ଶୟନ୍ ସ୍ୱାଂ ପ୍ରକୃତିଂ କପିନାମ୍ ॥**

(ବା.ରା- ସୁ.କା- ୧୦ମ ସର୍ଗ- ଶ୍ଳୋକ-୫୪)

(ଅର୍ଥାତ୍) ସୀତାଙ୍କୁ ଖୋଜିବା ଅବସରରେ ଯେତେବେଳେ ହନୁମାନ ରାବଣର ଅନ୍ତଃପୁରରେ ମନ୍ଦୋଦରୀଙ୍କୁ ଦେଖିଲେ ସେ ତାକୁ ସୀତା ବୋଲି ଭାବିନେଲେ କାରଣ ସେ ଆଗରୁ ସୀତାଙ୍କୁ କେବେ ଦେଖିନଥିଲେ । ଏହି ସମୟରେ ଆନନ୍ଦରେ ନିଜର ପୁଚ୍ଛକୁ ଚୁମିବାରେ ଲାଗିଲେ ଓ ଏହାକୁ ଭୂମିରେ ପିଟିବାକୁ ଲାଗିଲେ । ନିଜର ବାନର ପ୍ରକୃତି ଦେଖାଇ ଆନନ୍ଦରେ ଖେଳିବାକୁ ଲାଗିଲେ । କେତେବେଳେ ଖମ୍ବ ଉପରେ ଚଢ଼ି ଯାଉଥିଲେ ତ କେତେବେଳେ ଭୂମି ଉପରକୁ ଡେଇଁ ପଡୁଥିଲେ ।

ହନୁମାନଙ୍କ ପରି ଏକ ମହାପୁରୁଷଙ୍କୁ ମହର୍ଷି ବାଲ୍ମୀକି ଏକ ବାନର ରୂପେ ଚିତ୍ରଣ କରିଥିବେ ବୋଲି ବିଶ୍ୱାସ କରିବା ନିଶ୍ଚିତ ରୂପେ ତାଙ୍କର ଋଷିତ୍ୱକୁ ଅବମାନନା କରିବା ସଂଗେ ସମାନ । ଅତଏବ ଏତାଦୃଶ ଶ୍ଳୋକ ସମୂହକୁ ପ୍ରକ୍ଷିପ୍ତ କୋଟୀକୁ ନିକ୍ଷେପ କରିବା ହିଁ ବୁଦ୍ଧିମତ୍ତାର ପରିଚାୟକ ହେବ ।

୫. ବୈଦିକ କର୍ମକାଣ୍ଡୀୟ ବ୍ୟବସ୍ଥାର ଯାହା ପରିପନ୍ଥି, ତାହା ମିଥ୍ୟା ଅଟେ । ଉଦାହରଣତଃ-

**ସୁତାର୍ଥ ବାଜୀମେଧେନ କିମର୍ଥଂ ନ ଯଜାମ୍ୟହମ୍ ।**

(ବା.ରା.- ବା.କା.- ୮ମ ସର୍ଗ- ଶ୍ଳୋକ -୯)

(ଅର୍ଥାତ୍) ଦଶରଥ ଚିନ୍ତା କରୁଛନ୍ତି କି, ପୁତ୍ର ପ୍ରାପ୍ତି ପାଇଁ ମୁଁ ଅଶ୍ୱମେଧ ଯଜ୍ଞ ନ କରିବି କାହିଁକି ?

ପୁତ୍ର ପ୍ରାପ୍ତି ପାଇଁ ପୁତ୍ରେଷ୍ଟି ଯଜ୍ଞ କରିବା ପାଇଁ ବୈଦିକ କର୍ମକାଣ୍ଡରେ ବ୍ୟବସ୍ଥା ଦିଆଯାଇଛି । ଏଥିପାଇଁ ଅଶ୍ୱମେଧ ଯଜ୍ଞ* କରିବା ପାଇଁ ପ୍ରେରଣା ଦେବା ସଂପୂର୍ଣ୍ଣ ଅବୈଦିକ ହୋଇଥିବାରୁ ଏହା ଋଷି ବଚନ ରୂପେ ଗ୍ରାହ୍ୟ ହୋଇପାରିବନି ।

**ପତତ୍ରିଣା ତଦାସାର୍ଧଂ ସୁସ୍ଥିତେନ ଚ ଚେତସା ।**
**ଅବସନ୍ ରଜନୀମେକାଂ କୌଶଲ୍ୟା ଧର୍ମକାମ୍ୟୟା ।।**

(ବା.ରା- ବା.କା- ୧୪ସର୍ଗ- ଶ୍ଳୋକ-୩୪)

(ଅର୍ଥାତ୍) ଧର୍ମପାଳନ କରିବା ପାଇଁ କୌଶଲ୍ୟା ଦେବୀ ସ୍ଥିର ଚିତ୍ତରେ ଯଜ୍ଞାଶ୍ୱ ନିକଟରେ ଗୋଟିଏ ରାତି ବାସ କଲେ ।

ଶୁଦ୍ଧ ବୈଦିକ କର୍ମକାଣ୍ଡ ଏତାଦୃଶ ଅଶ୍ଳୀଳ ବିଚାର ବହନ କରି ନଥାଏ । ସୁତରାଂ ଏହାକୁ ଋଷି ଲେଖନୀ ନିଃସୃତ ବଚନ ରୂପେ ସ୍ୱୀକାର କରିବା ଅନୁଚିତ ।

୬. ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ମୁଖରେ ଶିଷ୍ଟାଚାର ରହିତ କଳ୍ପନା ବିଳାସ ବିଚାର ଉପସ୍ଥାପନା ମିଥ୍ୟା ଅଟେ । ଉଦାହରଣତଃ-

ବର୍ଷା ଋତୁରେ ପ୍ରକୃତିର ଶୋଭା ସମ୍ଭାର ବର୍ଣ୍ଣନା କରିବାକୁ ଯାଇ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହୁଛନ୍ତି:

---

** ଅଶ୍ୱମେଧ ଯଜ୍ଞ ସମ୍ବନ୍ଧରେ ବିଶେଷ ଅବଗତ ହେବାପାଇଁ ମହର୍ଷି ଦୟାନନ୍ଦକୃତ 'ଋଗ୍‌ବେଦାଦିଭାଷ୍ୟ ଭୂମିକା' ପଠନଯୋଗ୍ୟ ।*

**ମେଘକୃଷ୍ଣାଜୀନଧରା ଧାରା ଯଜ୍ଞୋପବୀତିନଃ ।**
**ମାରୁତା ପୁରିତଗୁହାଃ ପ୍ରାଧିତା ଇବ ପର୍ବତାଃ ॥**
(ବା.ରା.- କି.କା- ୨୮ସର୍ଗ- ଶ୍ଳୋକ-୧୦)

କଳା ମେଘରୂପୀ ମୃଗଚର୍ମ ଓ ବର୍ଷାଧାରା ରୂପୀ ଯଜ୍ଞୋପବୀତ ଧାରଣ କରିଥିବା ମାଲ୍ୟବନ୍ତ ପର୍ବତର ବକ୍ଷସ୍ଥଳରେ ଥିବା ବାୟୁ ପୂରିତ ଗୁହାମାନଙ୍କରୁ ଯେଉଁ ଶବ୍ଦ ନିର୍ଗତ ହେଉଛି ତାହା ବ୍ରହ୍ମଚାରୀମାନଙ୍କ ଦ୍ୱାରା ବେଦାଧୟନ ଆରମ୍ଭ କଲାପରି ପ୍ରତୀୟମାନ ହେଉଛି ।

ବର୍ଷାକାଳର ଶୋଭା ସମ୍ଭାର ବର୍ଣ୍ଣନା କରିବା ଅବସରରେ ମହର୍ଷି ବାଲ୍ମୀକି ଦୁଇଭାଇଙ୍କୁ ଗୁରୁକୁଳ ଶିକ୍ଷାପ୍ରାପ୍ତ ଯୋଗ୍ୟ ବ୍ରହ୍ମଚାରୀ ରୂପେ ଚିତ୍ରଣ କରିଛନ୍ତି । ଦୁଇଭାଇଙ୍କର କଥୋପକଥନ ସମୟରେ ରାମଚନ୍ଦ୍ରଙ୍କୁ ସବୁଠାରେ କେବଳ ବୈଦିକ ସଂସ୍କୃତିର ବାର୍ତ୍ତାବାହକ ଚିହ୍ନମାନ ଯେମିତିକି କଳାମେଘରେ ମୃଗଚର୍ମ ପରିଧାନ ଓ ବର୍ଷାଧାରରେ ଯଜ୍ଞୋପବୀତ ଦେଖାଯାଇଛି । ପର୍ବତର ଗୁହାମାନଙ୍କରୁ ନିର୍ଗତ ଶବ୍ଦରୁ ବେଦାଧ୍ୟାୟନ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମଚାରୀମାନେ ଯେପରି ଓମ୍‌କାର ଉଚ୍ଚାରଣ କରନ୍ତି ସେମିତି ଶୁଣାଯାଇଛି, କିନ୍ତୁ ସେହି ଅଧ୍ୟାୟର ପରବର୍ତ୍ତୀ ଏକ ଶ୍ଳୋକରେ ଲେଖାଯାଇଛି:

**ସୁରତାମଦବିଚ୍ଛିର୍ନାଃ ସ୍ୱର୍ଗସ୍ତ୍ରୀହାରମୌକ୍ତିକାଃ ।**
**ପତନ୍ତି ଚାତୁଳା ଦିକ୍ଷୁ ତୋୟଧାରାଃ ସମନ୍ତତଃ ॥**
(ବା.ରା.- କି.କା.-୨୮ ସର୍ଗ- ଶ୍ଳୋକ-୫୧)

(ଅର୍ଥାତ୍) ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହୁଛନ୍ତି କି ହେ ଲକ୍ଷ୍ମଣ ଦେଖ ! ରତିକ୍ରିୟା ସମୟରେ ଅଙ୍ଗମର୍ଦ୍ଦନ ଦ୍ୱାରା ଦେବାଙ୍ଗନାମାନଙ୍କର ଗଳାରୁ ଛିଡ଼ିପଡ଼ିଥିବା ମୁକ୍ତାହାର ସଦୃଶ ଏହି ଅନୁପମ ଜଳଧାରା ଗୁଡ଼ିକ ଶୋଭା ପାଉଛି ।

ପ୍ରକରଣ ପ୍ରତି ଲକ୍ଷ୍ୟ ଦେଲେ ଜଣାଯାଏ ଯେ, ସୀତାଙ୍କର ଅପହରଣ ହୋଇ ସାରିଛି । ସୀତାଙ୍କୁ ଠାବ କରି ତାଙ୍କୁ ଉଦ୍ଧାର କରିବା ପାଇଁ ଉଭୟେ ପ୍ରୟାସ କରୁଥାନ୍ତି । ଇତ୍ୟବସରରେ ମାଲ୍ୟବନ୍ତ ପର୍ବତରେ

ଅବସ୍ଥାନ କରୁଥିବା ସମୟରେ ବର୍ଷାକାଳ ଉପସ୍ଥିତ ହୋଇଛି । ଏହି ସମୟରେ ରାମ ଓ ଲକ୍ଷ୍ମଣଙ୍କର ମନଃସ୍ଥିତି କିପରି ଥିବ ତାହା ସହଜେ ଅନୁମେୟ । ଦୁଇଭାଇଙ୍କର ଉଭୟଙ୍କ ପ୍ରତି ସମର୍ପିତ ଭାବନା ସମାଜ ପାଇଁ ଏକ ଆଦର୍ଶ ଏବଂ ଉଦାହରଣ ହୋଇ ରହିଛି । ଏହି ସମୟରେ ଉଭୟଙ୍କ କଥୋପକଥନରେ 'ରତିକ୍ରିୟା' ଓ 'ଅଙ୍ଗମର୍ଦନାଦି' ବିଚାର ସ୍ଥାନ ପାଇଥିବ ବୋଲି ଯଦି ଧରିନେବା, ତାହାହେଲେ ଆଜିକାଲିର ଉଚ୍ଛୃଙ୍ଖଳ ଯୁବକମାନଙ୍କ ମଧ୍ୟରେ ପରସ୍ପର କଥୋପକଥନ ଏବଂ ରାମ ଓ ଲକ୍ଷ୍ମଣଙ୍କ ମଧ୍ୟରେ ପରସ୍ପର କଥୋପକଥନର ଫରକ ରହିଲା କ'ଣ ? ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଓ ଲକ୍ଷ୍ମଣଙ୍କୁ ଏକ ନିଷ୍କଳଙ୍କ ବ୍ରହ୍ମଚାରୀ ରୂପେ ଚିତ୍ରଣ କରିଥିବା ମହର୍ଷି ବାଲ୍ମୀକି ଏତାଦୃଶ ଅଶ୍ଳୀଳ ତଥା ନିକୃଷ୍ଟ ବିଚାର ରାମଚନ୍ଦ୍ରଙ୍କ ମୁଖରେ ପ୍ରକାଶ କରିଥିବେ ବୋଲି ଆଦୌ ବିଶ୍ବାସ କରାଯାଇ ପାରିବନି । ଗୋଟିଏ ଅଧ୍ୟାୟରେ ପୂର୍ବ ଓ ପର ବିଚାର ମଧ୍ୟରେ ଏତେ ବିରୋଧାଭାସ କୌଣସି ଋଷିକୃତ ଗ୍ରନ୍ଥରେ ସ୍ଥାନ ନେଇପାରିବନି । ସୁତରାଂ ବାଲ୍ମୀକି ମହର୍ଷିକୃତ 'ରାମାୟଣ'ରେ ପ୍ରକ୍ଷିପ୍ତ ହୋଇଥିବାର ଏହା ଏକ ଜ୍ୱଳନ୍ତ ଉଦାହରଣ ।

୭. ବୈଦିକ କର୍ମଫଳ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରି ପ୍ରାୟଶ୍ଚିତ ବିଧାନ କରିବା (କର୍ମଫଳ ଭୋଗ ନ'କରି) ଓ ସ୍ୱରଚିତ ଗ୍ରନ୍ଥକୁ 'ବେଦସମାନ' ବୋଲି କହିବା ଋଷି ପରମ୍ପରାର ପରିପନ୍ଥୀ ଅଟେ । ଉଦାହରଣତଃ-

**ଇଦଂ ପବିତ୍ରଂ ପାପଘ୍ନଂ ପୁଣ୍ୟଂ ବୈଦେଶ୍ଚ ସମ୍ମିତମ୍ ।**
**ୟଃ ପଠେଦ୍ ରାମଚରିତଂ ସର୍ବ ପାପୈଃ ପ୍ରମୁଚ୍ୟତେ ॥**

(ବା.ରା.- ବା.କା.- ୧ମ ସର୍ଗ- ଶ୍ଲୋକ-୯୮)

(ଅର୍ଥାତ୍) ବେଦସମ ପବିତ୍ର ପାପ ନାଶକ ଏବଂ ପୁଣ୍ୟମୟ ଏହି ରାମଚରିତକୁ ଯେଉଁ ବ୍ୟକ୍ତି ପାଠ କରିବ ସେ ସମସ୍ତ ପାପରୁ ମୁକ୍ତ ହୋଇଯିବ ।

ଶାସ୍ତ୍ରକାର କହନ୍ତି 'ପାପାୟ ପରପିଡ଼ନ' । କୌଣସି ଉପଯୁକ୍ତ କାରଣ ନଥାଇ କାହାକୁ ପୀଡ଼ା ପହଞ୍ଚାଇବା ପାପ । ଏହା ଏକ ସର୍ବଜନ୍ୟ

ସିଦ୍ଧାନ୍ତ । ପାପାଚରଣ ପାଇଁ ଦଣ୍ଡ ଭୋଗିବା ପରିବର୍ତ୍ତେ କୌଣସି ଏକ ଗ୍ରନ୍ଥକୁ ପଢ଼ିଦେଇ ଦଣ୍ଡପାଇବାରୁ ମୁକୁଳିଯିବା ବିଚାର ଯୁକ୍ତିଯୁକ୍ତ ମନେ ହେଉନି । ଯେକୌଣସି ଗ୍ରନ୍ଥ ହେଉ, ସେଥିରେ ଯଦି ଏପରି ବ୍ୟବସ୍ଥା ଦିଆଯାଇଥିବ ତାହାହେଲେ ସେହି ଗ୍ରନ୍ଥକୁ 'ଶାସ୍ତ୍ର' ମର୍ଯ୍ୟାଦା ଦିଆଯାଇ ପାରିବନି । କାରଣ କେବଳ **'ସତ୍ୟ ବିଦ୍ୟା' ଯୁକ୍ତ ଗ୍ରନ୍ଥକୁ ହିଁ 'ଶାସ୍ତ୍ର'* କୁହାଯାଏ ଏବଂ ବିଦ୍ୟା+ ତାହାକୁ କୁହାଯାଏ ଯାହାଦ୍ୱାରା 'ଈଶ୍ୱରଙ୍କ ଠାରୁ ଆରମ୍ଭ କରି ପୃଥିବୀ ପର୍ଯ୍ୟନ୍ତ ସମସ୍ତ ପଦାର୍ଥର ଠିକ୍ ଠିକ୍ ଜ୍ଞାନ ହୋଇ ପାରୁଥିବ ଏବଂ ସେଥିରୁ ଯଥାଯୋଗ୍ୟ ଉପକାର ପ୍ରାପ୍ତ ହୋଇପାରୁଥିବ ।**

'ସତ୍ଶାସ୍ତ୍ରର' ସମସ୍ତ ଗୁଣ ବହନ କରିଥିବା ଓ ପ୍ରାଣୀମାତ୍ରର ମଙ୍ଗଳ ପାଇଁ ଉଦ୍ଦିଷ୍ଟ କୌଣସି 'ଗ୍ରନ୍ଥ' ଯଦି ଅନ୍ୱେଷଣ କରାଯାଏ, ତାହାହେଲେ ବିଦ୍ୱଦ୍‌ବର୍ଗ ବେଦ ପ୍ରତି ହିଁ ଅଙ୍ଗୁଳି ନିର୍ଦ୍ଦେଶ କରିବେ । ଏହାର ମୂଳ କାରଣ ଏହିକି 'ବେଦ ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ ଅଟେ ।'× ଏପରିସ୍ଥଳେ କୌଣସି ଗ୍ରନ୍ଥକୁ ଯଦି 'ବେଦସମ' ବୋଲି ଆଖ୍ୟା ଦିଆଯାଏ ତାହାହେଲେ ସମସ୍ତ ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥାଏ ।

ବେଦ କହେ- "କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ ଅପଘ୍ନନ୍ତୋ ଅରାବ୍‌ଣାଃ" (ଋକ୍- ୯/୬୩/୫)

ବିଶ୍ୱକୁ ବ୍ରହ୍ମବର୍ଚ୍ଚସ୍ୱୀ, ପରୋପକାରୀ, ଶାନ୍ତିପ୍ରିୟ ବୀର ଓ ବୀରାଙ୍ଗନାମାନଙ୍କର ବିଚରଣସ୍ଥଳ ରୂପେ ପରିଣତ କରିବାକୁ ହେଲେ (ଅପଘ୍ନତୋ ଆରାବତାଃ) ମାନବତାର ଶତ୍ରୁମାନଙ୍କୁ ଦଣ୍ଡବିଧାନ ଦ୍ୱାରା ପରାହତ କରି ସେମାନଙ୍କର ପାପାଚାର ପୂର୍ଣ୍ଣ ବନ୍ଧୁର ପଥକୁ ନଷ୍ଟ କରିଦେବା ଉଚିତ ।

---

* *ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା, ରଚୟିତା: ମହର୍ଷି ଦୟାନନ୍ଦ*

\+ *ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା, ରଚୟିତା: ମହର୍ଷି ଦୟାନନ୍ଦ*

× *ଆର୍ଯ୍ୟ ସମାଜର ୩ୟ ନିୟମ ।*

ବେଦରେ ଦୋଷ ପାଇଁ ଦଣ୍ଡର ବିଧାନ କରାଯାଇଛି । ଭାରତର ଋଷିକୁଳ ବେଦକୁ 'ପରମ ପ୍ରାମାଣିକ' ଓ 'ଈଶ୍ୱରକୃତ' ରୂପେ ସମ୍ମାନ ଦେଇ ଆସୁଛନ୍ତି । ଅତଏବ ଆଲୋଚ୍ୟ ଶ୍ଳୋକକୁ ମହର୍ଷି ବାଲ୍ମୀକିଙ୍କର ରଚନାନ୍ତର୍ଗତ ରୂପେ ସ୍ୱୀକାର କରାଯାଇ ପାରିବନି । ଏହାକୁ ପ୍ରକ୍ଷିପ୍ତ ହିଁ କୁହାଯିବ ।

***ପ୍ରଶ୍ନ:*** ***ଅଧୁନା ଉପଲବ୍ଧ ପ୍ରକ୍ଷିପ୍ତ ସହିତ 'ବାଲ୍ମୀକି ରାମାୟଣ' ପଢ଼ିଲେ କିମ୍ବା ପ୍ରଚାର ପ୍ରସାର କଲେ କ୍ଷତି କ'ଣ ?***

**ଉତ୍ତର:** ବାଲ୍ମୀକି ରାମାୟଣରେ ପ୍ରକ୍ଷିପ୍ତ ହୋଇଥିବା ବିଷୟକୁ ସ୍ୱୀକାର କରିସାରିଲା ପରେ ସେହି ପ୍ରକ୍ଷିପ୍ତାଂଶକୁ ବୁଦ୍ଧିପୂର୍ବକ ନିର୍ଣ୍ଣୟ ଓ ନିରାକରଣ କରିବା ପାଇଁ ସଫଳ ପୁରୁଷାର୍ଥ ନ କରି ତାହାକୁ ପ୍ରଚାରଯୋଗ୍ୟ ରୂପେ ବିବେଚନା କରିବା ବୁଦ୍ଧିମତାର ପରିଚାୟକ ହୋଇପାରିବନି । ମିଥ୍ୟା ପ୍ରଚାର କଲେ ସତ୍ୟ ପ୍ରାପ୍ତ ହେବ କେମିତି ? ଅସତ୍ୟ ଓ ଅଜ୍ଞାନତା ଦୁଃଖର କାରଣ ହୋଇଥିବାରୁ ପ୍ରକ୍ଷିପ୍ତ ସହିତ 'ରାମାୟଣ' ପ୍ରଚାର ଯୋଗ୍ୟ ବିବେଚିତ ହେଲେ ସମାଜକୁ ଦୁଃଖ ହିଁ ପହଞ୍ଚିବ ।

***ପ୍ରଶ୍ନ:*** ***କାମନା ହିଁ ଦୁଃଖର କାରଣ ବୋଲି ମହାତ୍ମା ବୁଦ୍ଧ କହିଛନ୍ତି । ଏହା କଣ ଭୁଲ ?***

**ଉତ୍ତର:** ଏହି ଅନୁଚିତ କାମନା ମଧ୍ୟ ଅଜ୍ଞାନତାରୁ ଜନ୍ମ ନେଇଥାଏ ।

ଆକ୍ଷେପ: ଏଠାରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କର ମନ୍ତବ୍ୟ ଉପସ୍ଥାପନା ହୋଇଥିବାରୁ, ଅନୁମାନ ହେଉଛି ଯେ ଆର୍ଯ୍ୟ ସମାଜର ବିଚାରଧାରାରେ ପ୍ରଭାବିତ ହୋଇ ଜନମାନସରେ ଥିବା ରାମାୟଣ ପ୍ରତି ଶ୍ରଦ୍ଧାକୁ ପ୍ରତିହତ କରିବା ପାଇଁ ବାକ୍‌ଛଳର ଆଶ୍ରୟ ନିଆଯାଉଛି ।

ସମାଧାନ: ଆର୍ଯ୍ୟ ସମାଜର ବିଚାରଧାରାରେ ପ୍ରଭାବିତ ହେଲେ ସାଧାରଣତଃ ଈଶ୍ୱର ଓ ବେଦ ପ୍ରତି ଶ୍ରଦ୍ଧା ବଢ଼ିଥାଏ । ସତ୍ୟକୁ ଅନୁସନ୍ଧାନ କରିବା ଏବଂ ସତ୍ୟାଚାରଣ କରିବା ପ୍ରବୃତ୍ତି ବଢ଼ିଥାଏ । ଈଶ୍ୱର, ବେଦ ଓ ସତ୍ୟ ପ୍ରତି ଶ୍ରଦ୍ଧାବାନ କୌଣସି ବ୍ୟକ୍ତି ଜନମାନସର 'ରାମାୟଣ ଶ୍ରଦ୍ଧା'କୁ

ପ୍ରତିହିତ କରିବା ପାଇଁ ଚେଷ୍ଟିତ ହେବାର ପ୍ରଶ୍ନ ହିଁ ଉଠୁନି । ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗ ପାଇଁ ସର୍ବଦା ଉଦ୍ୟତ ରହିବାକୁ ପରମ କର୍ତ୍ତବ୍ୟ ମାନୁଥିବା ବ୍ୟକ୍ତି, ରାମାୟଣର ସତ୍ୟ ସମୂହକୁ ଗ୍ରହଣ କରିବା ପାଇଁ ମଧ୍ୟ ସର୍ବଦା ଉଦ୍ୟତ ରହିବ । ଏଣୁକରି ସମାଜକୁ ଏକ ଶୁଦ୍ଧ ରାମାୟଣ ଭେଟି ଦେବା ପାଇଁ ଏଠାରେ ପ୍ରୟାସ କରାଯାଉଛି ।

ତା'ପରେ ଋଷିବର ଦୟାନନ୍ଦଙ୍କର ବ୍ୟକ୍ତିତ୍ୱ ପ୍ରତି ପ୍ରଭାବିତ ହୋଇଥିବା ବ୍ୟକ୍ତି ବାକ୍‌ଛଳର ଆଶ୍ରୟ ନେବ କାହିଁକି ? ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ରଚିତ କାଳଜୟୀ ଗ୍ରନ୍ଥ 'ସତ୍ୟାର୍ଥ ପ୍ରକାଶ' ଅନୁଶୀଳନ କରିଥିବା ବ୍ୟକ୍ତି ସତ୍ୟାସତ୍ୟ ନିର୍ଣ୍ଣୟ କରିବା ପାଇଁ ସଂପୂର୍ଣ୍ଣ ସମର୍ଥ । କୌଣସି ଛଳନାର ଆଶ୍ରୟ ନେବା ଆଦୌ ଆବଶ୍ୟକ ନାହିଁ । ସତ୍ୟର ପ୍ରକାଶରେ ଅସତ୍ୟ ଆପେ ଆପେ ନିଷ୍ପ୍ରଭ ହୋଇଯିବ । ବାସ୍ତବତା ଏହିକି ମହର୍ଷି ଦୟାନନ୍ଦ ଓ ଆର୍ଯ୍ୟ ସମାଜ ବିଷୟରେ ସଠିକ୍ ଜ୍ଞାନ ଆହରଣ କରିନଥିବା କିଛି ବ୍ୟକ୍ତି ଅଜ୍ଞତାପୂର୍ଣ୍ଣ ମନ୍ତବ୍ୟ ଦେଇଥାନ୍ତି । କମ୍ ସମୟରେ ଅଧିକ କିଛି ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି 'ଆର୍ଯ୍ୟ ସମାଜର ଦଶ ନିୟମ' ବୁଦ୍ଧି ପୂର୍ବକ ଅନୁଧ୍ୟାନ କରନ୍ତୁ । ଜୀବନର ପୂର୍ଣ୍ଣତା ପ୍ରାପ୍ତି ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଜ୍ଞାନ, କର୍ମ ଓ ଉପାସନାର ମାର୍ଗ ଏଥିରୁ ପ୍ରାପ୍ତ ହୋଇପାରିବ ।

## ଆର୍ଯ୍ୟ ସମାଜର ଦଶ ନିୟମ

୧. ସମସ୍ତ ସତ୍ୟ ବିଦ୍ୟା ଓ ଯାହାସବୁ ପଦାର୍ଥ ବିଦ୍ୟାଦ୍ୱାରା ଜଣାଯାଏ, ସେ ସବୁର ଆଦିମୂଳ ପରମେଶ୍ୱର ଅଟନ୍ତି ।

୨. ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ, ନିରାକାର, ସର୍ବଶକ୍ତିମାନ, ନ୍ୟାୟକାରୀ, ଦୟାଳୁ, ଅଜନ୍ମା, ଅନନ୍ତ, ନିର୍ବିକାର, ଅନାଦି, ଅନୁପମ, ସର୍ବାଧାର, ସର୍ବେଶ୍ୱର, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ଅଜର, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାଙ୍କର ହିଁ ଉପାସନା କରିବା ଉଚିତ ।

୩. ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା, ପଢ଼ାଇବା ଓ ଶୁଣିବା, ଶୁଣାଇବା, ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ଅଟେ ।

୪. ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ପାଇଁ, ସର୍ବଦା ଉଦ୍ୟମଶୀଳ ହେବା ଆବଶ୍ୟକ ।

୫. ସମସ୍ତ କାର୍ଯ୍ୟ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ଅସତ୍ୟକୁ ବିଚାର କରି କରିବା ଉଚିତ ।

୬. ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ ଆତ୍ମିକ ଓ ସାମାଜିକ ଉନ୍ନତି ସାଧନ କରିବା ଆର୍ଯ୍ୟ ସମାଜର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

୭. ସମସ୍ତଙ୍କ ସହିତ ପ୍ରୀତି ପୂର୍ବକ ଧର୍ମାନୁସାରେ ଯଥାଯୋଗ୍ୟ ବ୍ୟବହାର କରିବା ଉଚିତ ।

୮. ଅବିଦ୍ୟାର ବିନାଶ ଓ ବିଦ୍ୟାର ବୃଦ୍ଧି କରିବା ଆବଶ୍ୟକ ।

୯. ପ୍ରତ୍ୟେକ ବ୍ୟକ୍ତି କେବଳ ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କ ଉନ୍ନତିରେ ହିଁ ନିଜର ଉନ୍ନତି ବୋଲି ମନେ କରିବା ଉଚିତ ।

୧୦. ସମସ୍ତେ ସାମାଜିକ ସର୍ବହିତକାରୀ ନିୟମ ପାଳନରେ ପରତନ୍ତ୍ର ରହିବେ ଓ ପ୍ରତ୍ୟେକ ହିତକାରୀ ନିୟମ ପାଳନରେ ସ୍ୱତନ୍ତ୍ର ରହିବେ ।

ଏହି ଦଶ ନିୟମକୁ ବୁଦ୍ଧି ପୂର୍ବକ ପାଠ କଲାପରେ ଯଦି କୌଣସି ବ୍ୟକ୍ତି ଉକ୍ତ ଅନୁପମ ବିଚାରଧାରାକୁ ନିଜ ଜୀବନ ଦର୍ଶନରେ ପ୍ରୟୋଗ କରିବା ପାଇଁ ଇଚ୍ଛା ପୋଷଣ କରିପାରୁନି କିମ୍ବା ତାକୁ ସେହି ସୌଭାଗ୍ୟ ପ୍ରାପ୍ତ ହୋଇପାରୁନି, ତାହାହେଲେ ସେଇ ହତଭାଗ୍ୟଙ୍କ ପ୍ରତି କେବଳ ଦୟାଶୀଳ ହେବା ବ୍ୟତୀତ ଅନ୍ୟ କୌଣସି ଉତ୍କୃଷ୍ଟ ପନ୍ଥା ଥିବାପରି ମନେ ହେଉନି ।

ଅତଏବ ରାମାୟଣର ମୌଳିକତା ଆଡ଼କୁ ଅଗ୍ରସର ହେଉଥିବା ଆର୍ଯ୍ୟସମାଜୀଙ୍କୁ ଅନୁଚିତ ଆକ୍ଷେପ କରିବା ମୂଳରେ କୌଣସି ବଳିଷ୍ଠ ତର୍କ ଥିବା ପରି ମନେ ହେଉନି । ଆର୍ଯ୍ୟ ସମାଜର ମର୍ମଜ୍ଞ ବିଦ୍ୱାନ ବ୍ୟକ୍ତି ହିଁ ସମାଜକୁ ଶୁଦ୍ଧ ମାଙ୍ଗଳିକ ବାର୍ତ୍ତା ଦେଇପାରିବ । ବାଲ୍ମୀକି ରାମାୟଣରୁ

ପ୍ରକ୍ଷିପ୍ତାଂଶ ନିର୍ଣ୍ଣୟ କରିପାରିବ ଓ ସମାଜକୁ ଏକ ଶୁଦ୍ଧ ରାମାୟଣ ଭେଟି ଦେଇପାରିବ । ମର୍ଯ୍ୟାଦା ପୁରୁଷୋତ୍ତମଙ୍କର ଅମ୍ଳାନ ବ୍ୟକ୍ତିତ୍ୱକୁ ସମାଜ ଜାଣିପାରିବ । ଫଳତଃ ରାମଚନ୍ଦ୍ରଙ୍କୁ ମନ୍ଦିରର ଗମ୍ଭୀରା ଭିତରୁ ବାହାର କରି ତାଙ୍କୁ 'ରାଷ୍ଟ୍ରପୁରୁଷ'ର ସମ୍ମାନ ଦେଇପାରିବ । ଇତିହାସର ସୁରକ୍ଷା ହେବା ସଂଗେ ସଂଗେ ରାମାୟଣରେ ପ୍ରଶଂସିତ ଐତିହାସିକ ବ୍ୟକ୍ତିମାନଙ୍କର ଆଦର୍ଶ ଜୀବନ ଦର୍ଶନକୁ ନିଜର ଜୀବନରେ ପ୍ରୟୋଗ କରି ସୁଖମୟ ଜୀବନଯାପନ କରିବାର ସୌଭାଗ୍ୟ ସମାଜକୁ ପ୍ରାପ୍ତ ହୋଇପାରିବ ।

***ପ୍ରଶ୍ନ:*** ***ରାମାୟଣକୁ ଏକ ଐତିହାସିକ ଗ୍ରନ୍ଥ ବୋଲି କହିବା ଦ୍ୱାରା, ତାହାର ମର୍ଯ୍ୟାଦା କ୍ଷୁଣ୍ଣ ହୁଏନି କି ?***

**ଉତ୍ତର:** ରାମଚନ୍ଦ୍ର ଏକ ଐତିହାସିକ ପୁରୁଷ ଅଟନ୍ତି । ତାଙ୍କର ବ୍ୟକ୍ତିତ୍ୱ ଏବଂ ତାଙ୍କର ଜୀବନକାଳରେ ସେ ଯେଉଁମାନଙ୍କ ସଂପର୍କରେ ଆସିଥିଲେ ସେମାନଙ୍କର ଚରିତ୍ର ସମ୍ବନ୍ଧରେ ରାମାୟଣରେ ବହୁତ କିଛି ଲେଖାଯାଇଛି । ସୁତରାଂ ରାମାୟଣକୁ ଐତିହାସିକ ଗ୍ରନ୍ଥ କହିଲେ ତାହାର ମର୍ଯ୍ୟାଦା ଆଦୌ କ୍ଷୁଣ୍ଣ ହୁଏନି ବରଂ ସୁରକ୍ଷିତ ରହେ ।

***ପ୍ରଶ୍ନ:*** ***ବାଲ୍ମୀକି ରାମାୟଣରୁ ପ୍ରକ୍ଷିପ୍ତ ବାଛିବା ପାଇଁ ବୃଥା ପରିଶ୍ରମ କରିବା କାହିଁକି ? ସନ୍ଥ ତୁଳସୀ ଦାସ ରଚିତ ରାମଚରିତ ମାନସ ଏକ ଭକ୍ତିରସାପ୍ଳୁତ ଗ୍ରନ୍ଥ ରୂପେ ଜନାଦୃତ ହୋଇ ସାରିଛି । ଏହାକୁ ପ୍ରାମାଣିକ ରୂପେ ସ୍ୱୀକାର କରି ଯଦି ପ୍ରଚାର କରାଯାଏ, ତାହାହେଲେ ସମାଜ ଉପକୃତ ହେବନି କି ?***

**ଉତ୍ତର:** ରାମାୟଣରୁ ପ୍ରକ୍ଷିପ୍ତ ବାଛିବା ଏକ ବୃଥା ପ୍ରୟାସ ନୁହେଁ ବରଂ ବର୍ତ୍ତମାନର ଏକ ନିହାତି ଆବଶ୍ୟକତା ଅଟେ । ରାମାୟଣ ଯଦି ସୁରକ୍ଷିତ ନ'ରହେ ତାହାହେଲେ ବର୍ତ୍ତମାନ ଉପଲବ୍ଧ ସମସ୍ତ ରାମାୟଣ ଆଧାରିତ ରଚନା, କେବଳ କଳ୍ପନାପ୍ରସୂତ ସାହିତ୍ୟ ରୂପେ ପରିଗଣିତ ହୋଇଯିବ । ସେଗୁଡ଼ିକର ଅସ୍ତିତ୍ୱ ହିଁ ରହିବନି । ସେଥିରେ ବ୍ୟବହୃତ ହୋଇଥିବା

ରାମ, ସୀତା, ଦଶରଥ, କୌଶଲ୍ୟା, ରାବଣ, ହନୁମାନ, ଯମୁନା, ସରଯୁ, ବଶିଷ୍ଠାଦି ଶବ୍ଦଗୁଡ଼ିକ କେବଳ ଶବ୍ଦ ରୂପେ ହିଁ ରହିଯିବ, କାହାର ବାଚକ ହୋଇପାରିବନି । ରାମାୟଣ ବିଷୟରେ ଏକ ସ୍ଥିର ମାନ୍ୟତା ସ୍ୱୀକୃତି ଲାଭ ନ' କରିବା ପର୍ଯ୍ୟନ୍ତ ରାମଚରିତ ମାନସର ପ୍ରାମାଣିକତା ସ୍ୱୀକାର୍ଯ୍ୟ ହୋଇପାରିବନି ।

***ପ୍ରଶ୍ନ: ରାମଚରିତ ମାନସରେ ସମାଜ ପାଇଁ କିଛି କ୍ଷତିକାରକ ସନ୍ଦେଶ ଦିଆଯାଇଛି କି ?***

**ଉତ୍ତର:** ଯେତେବେଳେ ସମାଜର ସର୍ବାଙ୍ଗୀନ ଉନ୍ନତି ଓ ପ୍ରାଣୀମାତ୍ରର କଲ୍ୟାଣ ପ୍ରଶ୍ନ ଉଠିଥାଏ, ସେତେବେଳେ ସମାଜରୁ ଅଜ୍ଞାନାନ୍ଧକାର ଦୂର କରିବା ପାଇଁ ବୈଦିକ ଜ୍ୟୋତି ପ୍ରଜ୍ୱଳନର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ଏହାଦ୍ୱାରା ଅବିଦ୍ୟାର ବିନାଶ ଓ ବିଦ୍ୟାର ବୃଦ୍ଧି ହୋଇ କଲ୍ୟାଣମାର୍ଗ ଉନ୍ମୁକ୍ତ ହୋଇଥାଏ ।

ଏହି ପରିପ୍ରେକ୍ଷୀରେ ରାମଚରିତମାନସକୁ ସତ୍ୟର କଷଟୀରେ କଷିନେଇ ସେଥିରେ ଥିବା ତଥ୍ୟ-ସନ୍ଦେଶାବଳୀ ବେଦର କେତେ ଅନୁକୂଳ ଓ କେତେ ବିରୁଦ୍ଧ ଥରେ ପରଖି ନେବା ଉଚିତ ମନେହୁଏ କାରଣ 'ସମସ୍ତ କାର୍ଯ୍ୟ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ଅସତ୍ୟର ବିଚାର ପୂର୍ବକ କରିବା ଉଚିତ' । (ଆର୍ଯ୍ୟ ସମାଜର ୫ମ ନିୟମ)

■■

# ରାମଚରିତ ମାନସ ଦୃଷ୍ଟିରେ ବେଦ

ଧର୍ମକୁ ସାକ୍ଷାତକାର କରିଥିବା ଆର୍ଯ୍ୟାବର୍ତ୍ତ (ଭାରତ)ର ଊର୍ଦ୍ଧ୍ୱରେତା ଋଷିମାନେ 'ବେଦ'କୁ ଈଶ୍ୱର ପ୍ରଦତ୍ତ କଲ୍ୟାଣମୟ ବାଣୀ ରୂପେ ସ୍ୱୀକାର କରି ଆସିଛନ୍ତି । ବେଦ ମନୁଷ୍ୟକୁ ସତ୍ୟାସତ୍ୟ ଓ କର୍ତ୍ତବ୍ୟାକର୍ତ୍ତବ୍ୟ ବିଷୟରେ ପୂର୍ଣ୍ଣ ଜ୍ଞାନ ପ୍ରଦାନ କରିଛି । ସେହି ଜ୍ଞାନର ସମୁଚିତ ପ୍ରୟୋଗ ପୂର୍ବକ ପରମାନନ୍ଦଙ୍କୁ ପ୍ରାପ୍ତ କରିବାର ସନ୍ମାର୍ଗ ପ୍ରଦର୍ଶନ କରାଇ ଆସିଛି । ସର୍ବପ୍ରଥମ 'ମାନବ ସଂହିତା' (ମନୁ ସଂହିତା) ରଚୟିତା ମହର୍ଷି 'ମନୁ' ବେଦକୁ ସମସ୍ତ ଜ୍ଞାନ-ବିଜ୍ଞାନର ଭଣ୍ଡାର ରୂପେ ସାକ୍ଷାତକାର କରି ଘୋଷଣା କଲେ ଯେ- ସର୍ବଜ୍ଞାନମୟୋହିସଃ (ମନୁ- ୧-୧୨୬) । ଏହା ଶୁଦ୍ଧ ଜ୍ଞାନ, ଶୁଦ୍ଧ କର୍ମ ଓ ଶୁଦ୍ଧ ଉପାସନାର ତ୍ରିବେଣୀ ସଙ୍ଗମ ଅଟେ । ବେଦକୁ ହିଁ ଶ୍ରୁତି, ନିଗମ ଓ ଆମ୍ନାୟ କୁହାଯାଏ । ବେଦ ମାନବ ମାତ୍ରକୁ ସମ୍ବୋଧନ କରି କହିଛି "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ" (ଋକ୍-୧୩/୧) । ଏହା ଈଶ୍ୱର ପ୍ରଦତ୍ତ ହୋଇଥିବାରୁ ମାନବ ମାତ୍ରର ପୈତୃକ ସମ୍ପତ୍ତି ତୁଲ୍ୟ ଅଟେ । ଋଷି, ମୁନି, ତପସ୍ୱୀ, ଜ୍ଞାନୀ, ଗୁଣୀ ଓ ଯୋଗୀମାନେ ବେଦ ସମକ୍ଷରେ ନତମସ୍ତକ ହୋଇଯାଇଛନ୍ତି ଏବଂ ପ୍ରାଣୀ ମାତ୍ରର କଲ୍ୟାଣ କାମନା କରି ଯେଉଁ ଶାସ୍ତ୍ରାଦି ରଚନା କରିଛନ୍ତି ତାହାର ମୌଳିକ ଉପାଦାନ ବେଦରୁ ସଂଗ୍ରହ କରିଥିବା ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି । ବେଦକୁ ହିଁ ପରମ ପ୍ରାମାଣିକ ରୂପେ ସ୍ୱୀକାର କରି ସ୍ୱରଚିତ ଗ୍ରନ୍ଥକୁ ବେଦାନୁକୂଳ ବୋଲି କହି ତୃପ୍ତି ଲାଭ କରିଛନ୍ତି । କିନ୍ତୁ ଏହାର ଏକ ବ୍ୟତିକ୍ରମ ରାମଚରିତମାନସରେ ଲେଖା ହୋଇଥିବା ତୁଳସୀ ଦାସଙ୍କର ସଂକ୍ଷିପ୍ତ ଜୀବନୀରୁ ପ୍ରାପ୍ତ ହେଉଛି । ରାମଚରିତ ମାନସକୁ ବେଦଠାରୁ ମଧ୍ୟ ଊର୍ଦ୍ଧ୍ୱରେ ବୋଲି ପ୍ରତିପାଦନ କରିବା ପାଇଁ କିଛି ମନଗଢ଼ା କାହାଣୀ ସେଥିରେ ଅବତାରଣା କରାଯାଇଛି । ଯଥା-

କାଶୀ ନଗରୀର ପଣ୍ଡିତମାନେ ରାମଚରିତ ମାନସକୁ ସ୍ୱୀକାର କଲେନାହିଁ । ଏଣୁକରି କାଶୀ ବିଶ୍ୱନାଥଙ୍କ ଠାରୁ ମନ୍ତବ୍ୟ ପାଇବା ପାଇଁ ଏକ ଯୋଜନା ପ୍ରସ୍ତୁତ

କରାଗଲା । ତଦନୁଯାୟୀ- ଭଗବାନ ବିଶ୍ୱନାଥଙ୍କ ସାମନାରେ ସବା ଉପରେ ବେଦ, ତା' ତଳକୁ ଶାସ୍ତ୍ର, ତା' ତଳକୁ ପୁରାଣ ଏବଂ ସବା ତଳରେ 'ରାମଚରିତ ମାନସ' ରଖାଗଲା । ମନ୍ଦିର ଦ୍ୱାର ବନ୍ଦ କରି ଦିଆଗଲା । ରାତି ପାହିଲା । ଯେତେବେଳେ ମନ୍ଦିର ଖୋଲାଗଲା, ଲୋକମାନେ ଦେଖିଲେ କି ରାମଚରିତ ମାନସ ବେଦ ଉପରେ ରଖାଯାଇଛି । ଯେଉଁ ପଣ୍ଡିତମାନେ ରାମଚରିତମାନସର ଶ୍ରେଷ୍ଠତାକୁ ସ୍ୱୀକାର କରୁନଥିଲେ, ଏହା ଦେଖି ସେମାନେ ଲଜ୍ଜିତ ହେଲେ । ତୁଳସୀ ଦାସଙ୍କୁ କ୍ଷମା ମାଗିଲେ ଏବଂ ତାଙ୍କର ପାଦୋଦକ ସେବନ କଲେ । (ଶ୍ରୀ ଗୋବିନ୍ଦ ଭବନ କାର୍ଯ୍ୟାଳୟ-ଗୀତାପ୍ରେସ୍ ଗୋରଖପୁର ଦ୍ୱାରା ପ୍ରକାଶିତ 'ଶ୍ରୀରାମଚରିତ ମାନସ' ୩୩ତମ ସଂସ୍କରଣ-ଟୀକାକାର ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର- ସଂକ୍ଷିପ୍ତ ଜୀବନୀ ପୃଷ୍ଠା- ୧୭) ସେହି ଦିନଠାରୁ ଭକ୍ତମାନେ ରାମଚରିତ ମାନସକୁ ବେଦଠାରୁ ମଧ୍ୟ ଊର୍ଦ୍ଧ୍ୱରେ ବୋଲି ସ୍ୱୀକାର କରି ଆସୁଛନ୍ତି । ଅସ୍ତୁ ।

ବେଦର ପ୍ରଚାର, ପ୍ରସାର, ପଠନ, ପାଠନ କମି କମି ଆସିବାର ପରିଣାମରୁ ଭାରତକୁ ଏମିତି ଏକ ଦୁର୍ଭାଗ୍ୟପ୍ରାପ୍ତ ହେଲା ଯେ, ଯେଉଁ ଦେଶର ଶୁଆ-ଶାରୀ 'ପରମପ୍ରମାଣ-ପରତଃ ପ୍ରମାଣ' ରଟୁଥିଲେ ସେହି ଦେଶରେ ରାମଚରିତ ମାନସ ପରି ଏକ ମାନବକୃତ ପୁସ୍ତକକୁ 'ବେଦଠାରୁ ମଧ୍ୟ ଊର୍ଦ୍ଧ୍ୱରେ' ବୋଲି ପ୍ରତିପାଦନ କରିବା ପାଇଁ କିଛି ଚତୁର ଓ ଧୂର୍ତ୍ତ ବ୍ୟକ୍ତି ଛଳନାର ଆଶ୍ରୟ ନେବାପାଇଁ ଉଚିତ ମଣିଲେ । ଅନ୍ୟ କିଛି ପଣ୍ଡିତମନ୍ୟ ପ୍ରବଚକ ଓ କଥାକାରାଦି ବ୍ୟକ୍ତି ସ୍ୱାର୍ଥସିଦ୍ଧି ପାଇଁ ସେହି କଳ୍ପିତ ମିଛକୁ ପ୍ରଚାର କରିବା ପାଇଁ ଶ୍ରେୟ ମଣିଲେ । ସତ୍ୟକୁ ସ୍ୱୀକାର କରିବା ପାଇଁ କୁଣ୍ଠାବୋଧ କରୁଥିବା କିଛି 'ମାନସ ହଂସ' ଉପାଧିଧାରୀ ପ୍ରବଚକ ବୁଲେଇ ବଙ୍କେଇ କହନ୍ତି ଯେ, କେବଳ ତୁଳସୀ ଦାସଙ୍କ ଜୀବନୀକୁ ଆଧାର କରି ରାମଚରିତ ମାନସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ଉଚିତ ହେବନି । ମିଛକୁ (ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନୀ) ଘୋଡ଼ାଇ ରଖିବା ପାଇଁ ଏମିତି କିଛି ମିଛ କହନ୍ତି । କିନ୍ତୁ ବାସ୍ତବତା ଏହିକି, ଏମିତି ଘଟଣା ଘଟିଥିବା ବିଷୟରେ ସନ୍ଦିହାନ ହେବା ଆଦୌ ଆବଶ୍ୟକ ନାହିଁ । ଏମିତି ଘଟଣା ଘଟି ହିଁ ପାରିବନି । ମନ୍ଦିର ଗମ୍ଭିରା ମଧ୍ୟରେ ଚାବି ପକାଇ ରଖାଯାଇଥିବା କୌଣସି ଦେବତା,

ଦେବୀ କିମ୍ବା ଭଗବାନ ରାମଚରିତ ମାନସର ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ କୌଣସି ଭୂମିକାରେ ଅବତୀର୍ଣ୍ଣ ହୋଇପାରିବେ ନାହିଁ । ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ, ଯେତେବେଳେ ବିଦେଶୀ ଦସ୍ୟୁ ତଥା ମତାନ୍ଧ ମୁସଲମାନମାନେ ଭାରତର ମନ୍ଦିରମାନଙ୍କରୁ ଲୁଟ୍‌ପାଟ୍ କଲାପରେ ତାହାକୁ ଧୂଳିସାତ୍ କରିଦେଉଥିଲେ, ସେତେବେଳେ କୌଣସି ମନ୍ଦିର ଗମ୍ଭିରା ଭିତରୁ କୌଣସି ଦେବତା କିମ୍ବା ଭଗବାନ ବାହାରି ନିଜକୁ ସୁରକ୍ଷା କରିପାରି ନଥିଲେ । ଅତଏବ ଉପରୋକ୍ତ ଘଟଣାକୁ ଉପସ୍ଥାପନା କରିବା ଅନ୍ତରାଳରେ କିଛି ମହଦୁଦ୍ଦେଶ୍ୟ ଥିଲାପରି ମନେ ହେଉନି ବରଂ କୌଣସି ଅନ୍ଧ ଭକ୍ତଙ୍କର ଅସାଧୁ ଉଦ୍ୟମ ମୁଖ୍ୟ ସ୍ଥାନ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଯାଉଛି । ତଥାପି ସେହି ମନଗଢ଼ା କାହାଣୀକୁ ସତ୍ୟ ଘଟଣା ରୂପେ ରାମଚରିତ ମାନସ ବହି ଓ ପ୍ରବଚନ ମାଧ୍ୟମରେ ପ୍ରଚାର ହୋଇ ଆସିଛି । କତିପୟ ଅନ୍ଧ ଶ୍ରଦ୍ଧାଳୁ ସେହି ଅସାଧୁ ଉଦ୍ୟମର ଶିକାର ହୋଇ ଅଜ୍ଞାନାନ୍ଧକାରରେ ଘୁରି ବୁଲୁଛନ୍ତି । ରାମଚରିତ ମାନସରେ ବେଦ ସମ୍ବନ୍ଧରେ ଯାହାକିଛି ଲେଖାଯାଇଛି ତାହାକୁ ବିନା ବିଚାରରେ ବୈଦିକ ସତ୍ୟ ରୂପେ ଗ୍ରହଣ କରିନେଉଛନ୍ତି ଏବଂ ସେହି ଗ୍ରନ୍ଥକୁ (ରାଚମା) ବେଦଠାରୁ ଊର୍ଦ୍ଧ୍ୱରେ ବୋଲି ସ୍ୱୀକାର କରିନେଇଛନ୍ତି । ଏତଦ୍‌ବ୍ୟତୀରେକେ ଏକ ପକ୍ଷରେ ତୁଳସୀ ଦାସଙ୍କୁ ସନ୍ଥ ରୂପେ ସ୍ୱୀକାର କରି ଅନ୍ୟପକ୍ଷରେ କାଶୀର ପଣ୍ଡିତମାନଙ୍କୁ ତୁଳସୀ ଦାସ ପାଦୋଦକ ପରିବେଷଣ କଲେ ବୋଲି କହିବା ଅଯୌକ୍ତିକର ମନେ ହୁଏନି କି ? ଜଣକୁ ସନ୍ଥ ବୋଲି ମାନି ସାରିବା ପରେ ତାଙ୍କ ବିଚାରକୁ ଏତେ ତଳସ୍ତରକୁ ଖସାଇବାର ଅଜ୍ଞତାପୂର୍ଣ୍ଣ ପ୍ରୟାସ ସର୍ବାଦୌ ବର୍ଜିତ ନୁହେ କି ? ସୁତରାଂ ଜନମାନସରୁ ଅଜ୍ଞାନତା ଓ ମିଥ୍ୟା ମାନ୍ୟତା ନିର୍ମୂଳନ କରିବା ପାଇଁ ସବୁ ଦିଗରୁ ପ୍ରୟାସ କରିବା ଉଚିତ ହେବ ।

***ପ୍ରଶ୍ନ: ସନ୍ଥ ତୁଳସୀ ଦାସ କ'ଣ ବେଦାଧ୍ୟୟନ କରିନଥିଲେ ? ବେଦ ନାମରେ ଅବୈଦିକ ବିଚାର ଉପସ୍ଥାପନା କରାଯାଇଥିବାର କିଛି ପ୍ରମାଣ ରାମଚରିତ ମାନସରୁ ପ୍ରାପ୍ତ ହେଉଛି ?***

**ଉତ୍ତର:** ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନରୁ ଯାହା ଜଣାଯାଏ ସେ କାଶୀରେ (ଭୌଗୋଳିକ ସ୍ଥାନ ବିଶେଷ) ଶେଷ ସନାତନଜୀଙ୍କ (ବ୍ୟକ୍ତିବିଶେଷ) ପାଖରେ

୧୫ ବର୍ଷ ପର୍ଯ୍ୟନ୍ତ ରହି ବେଦ ବେଦାଙ୍ଗାଦି ଅଧ୍ୟୟନ କରିଥିଲେ । କିନ୍ତୁ ରାମଚରିତ ମାନସରେ 'ବେଦ' ଶବ୍ଦର ପ୍ରୟୋଗ ସ୍ଥଳ ଓ ଏହାର ପୂର୍ବାପର ପ୍ରକରଣ ସହିତ ଅର୍ଥ ବିଷୟରେ ଚିନ୍ତା କଲେ ତୁଳସୀ ଦାସଙ୍କର ବେଦାଧ୍ୟୟନ ପ୍ରତି ସନ୍ଦେହ ଜାତ ହୁଏ । ସେଥିରୁ କିଛି ଉଦ୍ଧାର କରି ତାହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବା ଉଚିତ ହେବ । ଯଥା: ରାମଚରିତ ମାନସ ଗ୍ରନ୍ଥ ଆରମ୍ଭରେ ଅର୍ଥାତ୍ ମଙ୍ଗଳାଚରଣରେ ଲେଖାଯାଇଛି-

**"ନାନା ପୁରାଣ ନିଗମାଗମସମ୍ମତଂ ଯଦ୍**
**ରାମାୟଣେ ନିଗଦିତଂ କ୍ୱଚିଦନ୍ୟତୋପି ।**
**ସ୍ୱାନ୍ତଃ ସୁଖାୟ ତୁଳସୀ ରଘୁନାଥଗାଥା**
**ଭାଷା-ନିବନ୍ଧ-ମତିମଞ୍ଜୁଳ-ମାତନୋତି ।।**

(ରା.ଚ.ମା-ବାଳକାଣ୍ଡ- ଶ୍ଲୋକ-୭)

(ଅର୍ଥାତ୍) ଅନେକ ପୁରାଣ, ବେଦ ଏବଂ ଶାସ୍ତ୍ର ସମ୍ମତ ତଥା ଯାହାସବୁ ରାମାୟଣରେ ବର୍ଣ୍ଣନା କରାଯାଇଛି ଓ ଅନ୍ୟତ୍ର ମଧ୍ୟ ଯେଉଁଠି ରଘୁନାଥଙ୍କ କଥା ଉପଲବ୍ଧ ହୋଇଛି, ମୁଁ ତୁଳସୀ ଦାସ ସ୍ୱାନ୍ତଃକରଣ ସୁଖପାଇଁ ଅତ୍ୟନ୍ତ ମନୋହର ଭାଷାରେ ବିସ୍ତୃତ କରୁଛି । ଅସ୍ତୁ ।

ଏହା ପଢ଼ିଲା ପରେ ଏତିକି କୁହାଯାଇପାରିବ ଯେ ବେଦ ଭିନ୍ନ ଅନ୍ୟ କୌଣସି ଗ୍ରନ୍ଥରୁ ରାମଚନ୍ଦ୍ରଙ୍କ ବିଷୟରେ କିମ୍ବା ରାମାୟଣ ସମ୍ବନ୍ଧରେ କିଛି ତଥ୍ୟ ମିଳିଥାଇପାରେ । କିନ୍ତୁ ତୁଳସୀ ଦାସ ବେଦରୁ (ମନ୍ତ୍ର ସଂହିତାରୁ) ରାମଚନ୍ଦ୍ରଙ୍କର ଇତିହାସ କେଉଁଠାରୁ ପାଇଲେ ? ଏହାର ଉତ୍ତର ରାମଚରିତ ମାନସରୁ ମିଳିପାରୁନି । ଏହାର ବିରୁଦ୍ଧରେ ସେହି ଗ୍ରନ୍ଥରୁ ପ୍ରାପ୍ତ ହେଉଛି ଯେ-

**"ଭବନ ବେଦଧ୍ୱନି ଅତି ମୃଦୁ ବାନି ।"**

(ରା.ଚ.ମା, ବା.କା-ଦୋହା-୧୯୪-୪)

(ଅର୍ଥାତ୍) ରାମଚନ୍ଦ୍ର ଜନ୍ମ ହେଲାପରେ ରାଜଭବନରୁ ମୃଦୁ ବାଣୀରେ ବେଦଧ୍ୱନି ଭାସି ଆସୁଥିଲା ।

ଏଥିରୁ ପ୍ରମାଣିତ ହେଉଛି ଯେ ରାମଚନ୍ଦ୍ରଙ୍କର ଜନ୍ମ ପୂର୍ବରୁ ବେଦର ବିଦ୍ୟମାନତା ଥିଲା, ନତୁବା ଜନ୍ମ ସମୟରେ ବେଦ ବାଣୀ ଶୁଣାଯାଇଥାନ୍ତା କିପରି ?

ତାହାହେଲେ ବେଦରୁ ରାମଚନ୍ଦ୍ରଙ୍କର ଇତିହାସ ସଂଗୃହୀତ ହୋଇଛି ବୋଲି କହିବା ମିଥ୍ୟା ପ୍ରମାଣିତ ହେଲାନି କି ? ଏମିତିରେ ତୁଳସୀ ଦାସ ବେଦାଧ୍ୟୟନ କରିଥିଲେ ବୋଲି କେମିତି ବା କହିବା ?

ରାମଚରିତ ମାନସରେ ଏତାଦୃଶ ଅନେକ ତଥ୍ୟ ବେଦ ପ୍ରତିପାଦ୍ୟ ରୂପେ ଉଲ୍ଲେଖ କରାଯାଇଛି ଯାହାର କି ବେଦ ସହ କୌଣସି ସଂପର୍କ ହିଁ ନାହିଁ, ଯଥା:

୧. **ଏହି ମହଁ ରଘୁପତି ନାମ ଉଦାରା ।**
**ଅତି ପାବନ ପୁରାନ ଶ୍ରୁତି ସାରା ॥**
**ମଙ୍ଗଲ ଭବନ ଅମଙ୍ଗଲ ହାରି ।**
**ଉମା ସହିତ ଜେହି ଜପତ ପୁରାରୀ ॥**
(ରା.ଚ.ମା., ବା.କା, ଦୋହା-୯-୧)

(ଅର୍ଥାତ୍) ତୁଳସୀ ଦାସ ସ୍ୱରଚିତ ଗ୍ରନ୍ଥ ରାମଚରିତ ମାନସ ବିଷୟରେ କହୁଛନ୍ତି କି, ଏଥିରେ ଶ୍ରୀରଘୁନାଥଙ୍କ ଉଦାର, ପବିତ୍ରତ୍ତମ, ବେଦ ପୁରାଣ ସାର ନାମ ସମାହିତ ହୋଇଛି ଯାହାଙ୍କୁ ପାର୍ବତୀ ସହିତ ଶିବଜୀ ସଦାବେଳେ ଜପ କରନ୍ତି ।

**ସମୀକ୍ଷା:**

ରାମଚନ୍ଦ୍ରଙ୍କର ନାମକୁ ଜପ କରିବା ନ କରିବା, ଏଥିପାଇଁ ସମସ୍ତେ ସ୍ୱତନ୍ତ୍ର । ରାମନାନମକୁ ପୁରାଣର ସାର ବୋଲି କହିବାରେ କିଛି ଆପତ୍ତି ନାହିଁ କିନ୍ତୁ ଏହାକୁ 'ବେଦର ସାର' ବୋଲି କହିବାରେ ସତ୍ୟତା ଆଦୌ ନାହିଁ । ବେଦରେ 'ଓମ୍' ବାଚକ ଈଶ୍ୱର ହିଁ ମୁଖ୍ୟ ଅଟନ୍ତି । (ଓମ୍ କ୍ରତୋସ୍ମର-ଯଜୁ-୪୦/୧୫)

× × ×

୨. **ପ୍ରଭୁଜେ ମୁନି ପରମାରଥ ବାଦୀ ।**
**କହହିଁ ରାମ କହୁଁ ବ୍ରହ୍ମ ଅନାଦି ॥**
**ସେସ ସାରଦା ବେଦ ପୁରାନା**
**ସକଲ କରହିଁ ରଘୁପତି ଗୁନ ଗାନା ॥**
(ବା.କା., ଦୋହା, ୧୦୭-୩)

(ଅର୍ଥାତ୍) ପାର୍ବତୀ ଶିବଜୀଙ୍କୁ ଅନୁରୋଧ କରୁଛନ୍ତି କି (ପୂର୍ବ ପ୍ରକରଣ) ହେ

ପ୍ରଭୁ ! ପରମାର୍ଥତତ୍ତ୍ୱ ଜ୍ଞାତା ମୁନିମାନେ ଯେଉଁ ରାମଚନ୍ଦ୍ରଙ୍କୁ ଅନାଦି ବ୍ରହ୍ମ ବୋଲି କହନ୍ତି ଓ ଶେଷ, ସରସ୍ୱତୀ, ବେଦ, ପୁରାଣାଦି ଶାସ୍ତ୍ର ଯେଉଁ ରଘୁନାଥଙ୍କର ଗୁଣଗାନ କରୁଛନ୍ତି ସେହି ରାମଙ୍କ କଥା ମତେ କହନ୍ତୁ ।

**ସମୀକ୍ଷା:**

ସାଙ୍ଗୋପାଙ୍ଗ ବେଦାଧ୍ୟୟନ କଲେ ଯେକୌଣସି ବ୍ୟକ୍ତି ଜାଣିବାକୁ ପାଇବ ଯେ ଭାରତରେ ମନ୍ତ୍ରଦ୍ରଷ୍ଟା ଋଷିକାମାନେ ମଧ୍ୟ ଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ ଭାରତୀୟ ନାରୀମାନେ ବେଦ ପଠନ ପାଠନରେ ବେଶ୍ ଅଭ୍ୟସ୍ତ ଥିଲେ । ତଦନୁଯାୟୀ ପାର୍ବତୀଜୀ ମଧ୍ୟ ନିଶ୍ଚିତ ରୂପେ ବେଦାଧ୍ୟୟନ କରିଥିବେ ଏବଂ ବେଦରେ ରାମଚନ୍ଦ୍ରଙ୍କ ସମ୍ବନ୍ଧରେ କିଛି ମଧ୍ୟ ଲେଖାଯାଇନି ବୋଲି ନିଶ୍ଚୟ ଜାଣିଥିବେ । ପାର୍ବତୀଙ୍କର ଜ୍ଞାନ ସମ୍ବନ୍ଧରେ କେହି ପ୍ରଶ୍ନ ଉଠାଇବେ ବା କାହିଁକି ? ବେଦ ରାମଚନ୍ଦ୍ରଙ୍କର ଗୁଣଗାନ କରିଛି ବୋଲି ଯଦି ପାର୍ବତୀ କହିବେ, ତାହାହେଲେ ଏହାକୁ କେହି ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁନି । ଏଣୁକରି ତୁଳସୀ ଦାସ ନିଜର ଆରାଧ୍ୟ ରାମଙ୍କୁ 'ଅନାଦି ବ୍ରହ୍ମ' ସିଦ୍ଧ କରିବା ପାଇଁ ପାର୍ବତୀଙ୍କ ମୁଖରେ ତାହା ସିଦ୍ଧ କରାଇନେଲେ । ପରିଣାମତଃ ତୁଳସୀ ଦାସଜୀ ନିଜର ବେଦାଧ୍ୟୟନ ସମ୍ବନ୍ଧରେ କିଛି ନ କହି ପ୍ରକାରାନ୍ତରେ ପାର୍ବତୀଜୀ ବେଦ ଅଧ୍ୟୟନ କରିନଥିଲେ ବୋଲି ପ୍ରମାଣିତ କରିଦେଲେ ।

× × ×

୩. **ରାମନାମ ଗୁନ ଚରିତ ସୁହାଏ ।**
**ଜନମ କରମ ଅଗନତୀ ଶ୍ରୁତି ଗାଏ ।।**
(ବାଳକାଣ୍ଡ- ଦୋହା- ୧୧୩- ୨)

(ଅର୍ଥାତ୍) ଶିବଜୀ ପାର୍ବତୀଜୀଙ୍କୁ କହିଛନ୍ତି କି, ରାମଚନ୍ଦ୍ରଙ୍କର ନାମ, ଗୁଣ ଓ ଚରିତ୍ର ଅଗଣିତ ଭାବେ ଶ୍ରୁତି ଗାଇଥାଏ ।

**ସମୀକ୍ଷା:**

ଚାରି ବେଦରେ କୌଣସି ସ୍ଥାନରେ ରଘୁକୁଳମଣି ଶ୍ରୀରାମଚନ୍ଦ୍ରଙ୍କର ଚରିତ୍ର ବିଷୟରେ କିଛି ଲେଖାଯାଇ ନଥିଲେ ମଧ୍ୟ, ଶିବଜୀ ପାର୍ବତୀଙ୍କୁ କିପରି କହିପାରିଲେ ଯେ "ରାମଚନ୍ଦ୍ରଙ୍କର ଚରିତ୍ରକୁ ବେଦ ଅଗଣିତ ଭାବେ ଗାଇଥାଏ" ବୋଲି ।

ପାର୍ବତୀଙ୍କ କଥା ଅଲଗା, କିନ୍ତୁ ଶିବଜୀଙ୍କର ଜ୍ଞାନରେ ପ୍ରଶ୍ନବାଚୀ ଲଗାଇବା କିପରି ? ତୁଳସୀ ଦାସଜୀ ବେଦ ପଢ଼ିନଥିଲେ ନା ଶିବଜୀ ବେଦ ସମ୍ବନ୍ଧରେ ଅନଭିଜ୍ଞ ଥିଲେ ? ଏମିତିରେ ତୁଳସୀ ଦାସଜୀ ବେଦ ପଢ଼ିନଥିଲେ ବୋଲି କହିବା ଉଚିତ ହେବନି କି ?

× × ×

୪. **ବାଲ ଚରିତ ଅତି ସରଳ ସୁହାଏ ।**
**ସାରଦ ସେଷ ଶମ୍ଭୁ ଶ୍ରୁତି ଗାଏ ।।**
(ବାଲକାଣ୍ଡ-ଦୋହା-୨୦୩-୧)

(ଅର୍ଥାତ୍) ସାରଦ, ଶେଷ, ଶମ୍ଭୁ ଓ ଶ୍ରୁତି, ଏସବୁ ରାମଚନ୍ଦ୍ରଙ୍କର ବାଲ୍ୟଲୀଳା ଗାନ କରିଛନ୍ତି ।

**ସମୀକ୍ଷା:**

ସାରଦ, ଶେଷ ଓ ଶମ୍ଭୁ କ'ଣ ଗାନ କରିଥିଲେ ତାହା ଅନୁସନ୍ଧାନ ସାପେକ୍ଷ । କିନ୍ତୁ ଏହା ସର୍ବଜନ ବିଦିତ ହୋଇସାରିଲାଣି ଯେ, ରଘୁକୁଳମଣି ରାମଚନ୍ଦ୍ରଙ୍କର ବାଲ୍ୟଲୀଳା ସଂପର୍କରେ ଚାରିବେଦରେ କିଛି ବି ଲେଖା ହୋଇନି । ବର୍ତ୍ତମାନ 'ବେଦ' ବଜାରରେ ବିକ୍ରି ହେଲାଣି । ଜନସାଧାରଣ ପଢ଼ିବା ଆରମ୍ଭ କରିସାରିଲେଣି । ଅତଏବ ଏହା ପ୍ରମାଣିତ ହୋଇଯାଉଛି ଯେ ରାମଚରିତ ମାନସ ରଚୟିତା ବେଦ ଭିନ୍ନ ଅନ୍ୟ କୌଣସି ପୁସ୍ତକ ପାଠ କରି ତାକୁ ହିଁ ବେଦ ରୂପେ ସ୍ୱୀକାର କରିନେଇଛନ୍ତି ।

× × ×

୫. **ରାମ ସରୂପ ତୁହ୍ମାର ବଚନ ଅଗୋଚର ବୁଦ୍ଧି ପର ।**
**ଅବିଗତ ଅକଥ ଅପାର ନେତି ନେତି ନିତ ନିଗମ କହ ।।**
(ଅ.କାଣ୍ଡ- ସୋପାନ-୧୨୬)

(ଅର୍ଥାତ୍) ମହର୍ଷି ବାଲ୍ମୀକି ରାମଚନ୍ଦ୍ରଙ୍କୁ କହୁଛନ୍ତି ଯେ ହେ ରାମ ! ତୁମର ସ୍ୱରୂପ ବାଣୀର ଅଗୋଚର ଅବ୍ୟକ୍ତ, ଅକଥନୀୟ ଏବଂ ଅପାର ଅଟେ । ବେଦ ନିରନ୍ତର ନେତି ନେତି କହି ବର୍ଣ୍ଣନ କରୁଛି ।

× × ×

୬. **ନିଗମ ନେତି ନେତି ଶିବ ଧ୍ୟାନ ନ ପାବା ।**

(ଅର୍ଥାତ୍) ବେଦ ଯାହାକୁ ନେତି ନେତି କହେ ଏବଂ ଶିବ ଯାହାଙ୍କୁ ଧ୍ୟାନ କରି ମଧ୍ୟ ପାଇ ପାରନ୍ତି ନାହିଁ ।

**ସମୀକ୍ଷା:**

ବର୍ତ୍ତମାନ ମହର୍ଷି ବାଲ୍ମୀକିଙ୍କର ପାଳି ପଡ଼ିଲା । ବେଦରେ ରାମଚନ୍ଦ୍ରଙ୍କ ସମ୍ବନ୍ଧରେ କୌଣସି ବିଷୟ ଉଲ୍ଲେଖ ନଥିବା ସ୍ଥଳେ ବାଲ୍ମୀକି ମହର୍ଷି କିପରି କହିବେ ଯେ ରାମଚନ୍ଦ୍ରଙ୍କୁ ବେଦ ନେତି ନେତି କହେ ବୋଲି ? ତାହାହେଲେ ମହର୍ଷି ବାଲ୍ମୀକିଙ୍କର କ'ଣ ବେଦ ବିଷୟରେ କୌଣସି ଧାରଣା ନଥିଲା ? ନା ତୁଳସୀ ଦାସଜୀ ବେଦାଧ୍ୟୟନ କରିନଥିଲେ ? ଯେ କେହି ତୁଳସୀ ଦାସଙ୍କ ପ୍ରତି ଯେ ଅଙ୍ଗୁଳି ନିର୍ଦ୍ଦେଶ କରିବ, ଏଥିରେ କିଛି ସନ୍ଦେହ ଅଛି କି ?

× × ×

୭. **ଯଦ୍ୟପି ପ୍ରଭୁକେ ନାମ ଅନେକା ।**
**ଶ୍ରୁତି କହ ଅଧିକ ଏକ ତେ ଏକା ॥**
**ରାମ ସକଲ ନାମହ୍ନତେ ଅଧିକା ।**
**ହୋଉନାଥ ଅଘଖଗଗନ ବଧିକା ॥**
(ଅରଣ୍ୟ କାଣ୍ଡ- ଦୋହା-୪୧-୪)

(ଅର୍ଥାତ୍) ନାରଦ କହୁଛନ୍ତି ଯେ, ଶୃତି ବଚନ ଅନୁଯାୟୀ ପ୍ରଭୁଙ୍କର ଅନେକ ନାମ ଅଛି । ସେଗୁଡ଼ିକ ଏକରୁ ଅନ୍ୟଟି ବଡ଼ ହେଲେ ମଧ୍ୟ ରାମ ନାମ ସବୁଠାରୁ ବଡ଼ ।

× × ×

୮. **ଶ୍ରବନ ଦିସା ଦସ ବେଦ ବଖାନୀ ।**
**ମାରୁତ ଶ୍ୱାସ ନିଗମ ନିଜ ବାନୀ ॥** (ଲ.କା- ଦୋହା-୧୪-୨)

(ଅର୍ଥାତ୍) ମନ୍ଦୋଦରୀ ରାବଣକୁ କହୁଛନ୍ତି କି, ବେଦ ଯାହାର ନିଜ ବାଣୀ, ସେ ହିଁ ରାମ ଅଟନ୍ତି ।

**ସମୀକ୍ଷା:**

ବେଦ କାହାକୁ ବଡ଼ ରୂପେ ବର୍ଣ୍ଣନା କରିଛି ତାହା ଜାଣିବା ପାଇଁ ଅଧ୍ୟବସାୟ ଆବଶ୍ୟକ । କିନ୍ତୁ ବେଦରେ ରାମଚନ୍ଦ୍ରଙ୍କର ଜୀବନ ଦର୍ଶନ ସମ୍ବନ୍ଧରେ କୌଣସି

ଉଲ୍ଲେଖ ନଥିବା ସତ୍ତ୍ୱେ, ମହର୍ଷି ବାଲ୍ମୀକି ବେଦ ସଂପର୍କରେ କିଛି ମିଥ୍ୟା ବାର୍ତ୍ତା ଦେଇଥିବା ବିଶ୍ୱାସ କରିବା କିପରି ? ମହର୍ଷି ବାଲ୍ମୀକି ବେଦାଧ୍ୟୟନ କରିନଥିବେ ବୋଲି କହିହେବ ?

ବେଦରେ ଯାହା ନାହିଁ, ମହର୍ଷି ବାଲ୍ମୀକି ତାହା ବେଦରୁ ପାଇବେ କିପରି ? ବେଦରେ କୌଣସି ଲୌକିକ ଇତିହାସ ନଥିବା ସ୍ଥଳେ ରାମଚନ୍ଦ୍ରଙ୍କର ଇତିହାସ ଉପଲବ୍ଧ ହେବ କିପରି ? "ବେଦ କହେ ଯେ ରାମନାମ ସବୁଠାରୁ ଶ୍ରେଷ୍ଠ" ଏହା ଯଦି ମହର୍ଷି ବାଲ୍ମୀକି କହିବେ, ତାହାହେଲେ ଏହା ସହଜରେ ଜନସାଧାରଣ ବିଶ୍ୱାସ କରିଯିବେ । କାରଣ ମହର୍ଷିଙ୍କ ବୈଦିକ ଅବଧାରଣା ଉପରେ କେହି ମଧ୍ୟ ପ୍ରଶ୍ନବାଚୀ ଲଗାଇବେନି । ଏଣୁକରି ମହର୍ଷିଙ୍କ ମୁଖରେ ଲଳିତ ଭାଷାରେ ବେଦନାମରେ ଏକ ବିଶୁଦ୍ଧ ମିଥ୍ୟା କହିବା ପାଇଁ ତୁଳସୀ ଦାସଜୀ ଉଚିତ ମଣିଛନ୍ତି ବୋଲି ପ୍ରମାଣିତ ହୋଇଯାଉଛି ।

× × ×

୯. **ଅନବଦ୍ୟ ଅଖଣ୍ଡ ନ ଗୋଚର ଗୋ ।**
**ସବରୂପ ସଦା ସବ ହୋଇ ନ ଗୋ ॥**
**ଇତି ବେଦ ବଦନ୍ତି ନ ଦନ୍ତ କଥା ।**
**ରବି ଆତପ ଭିନ୍ନମଭିନ୍ନ ଯଥା ॥**
(ଲ.କା.- ଦୋହା-୧୧୦-୮)

(ଅର୍ଥାତ୍) ବ୍ରହ୍ମା ରାମଚନ୍ଦ୍ରଙ୍କୁ ସ୍ତୁତି କରୁଛନ୍ତି କି; ଆପଣ ଅନିନ୍ଦ୍ୟ, ଦୋଷରହିତ, ଅଖଣ୍ଡ ଓ ଅତିନ୍ଦ୍ରିୟ ଅଟନ୍ତି । ବେଦ କହେକି ଆପଣ ସର୍ବରୂପ ହେଲେ ମଧ୍ୟ ଏହି ସର୍ବ ଆପଣ ନୁହନ୍ତି । ବେଦ ଏପରି କହେ । ଏହା ଦନ୍ତ କଥା ନୁହେଁ । ଯେପରି ସୂର୍ଯ୍ୟର ପ୍ରକାଶ ଓ ସୂର୍ଯ୍ୟ ଅଲଗା ହେଲେ ମଧ୍ୟ ଅଲଗା ନୁହନ୍ତି, ସେହିପରି ଆପଣ ସଂସାରରୁ ଭିନ୍ନ ଓ ଅଭିନ୍ନ ମଧ୍ୟ ଅଟନ୍ତି ।

× × ×

୧୦. **ମୁନି ଯେହି ଧ୍ୟାନ ନ ପାବହି ନେତି ନେତି କହ ବେଦ ।**
**କୃପାସିନ୍ଧୁ ସୋଇ କପିହ୍ନ ସନ କରତ ଅନେକ ବିନୋଦ ॥**
(ଲ.କା.- ଦୋହା-୧୧୭ କ)

(ଅର୍ଥାତ୍) ବେଦ ଯାହାକୁ ନେତି ନେତି କହେ, ମୁନିମାନେ ଯାହାକୁ ଧ୍ୟାନରେ ମଧ୍ୟ ପାଇପାରନ୍ତି ନାହିଁ, ସେହି କୃପା ସାଗର ରାମ, ବାନରମାନଙ୍କ ସହ ବିନୋଦ ମଗ୍ନ ଅଛନ୍ତି ।

**ସମୀକ୍ଷା:**

ପାର୍ବତୀ, ଶିବ, ବାଲ୍ମୀକି, ନାରଦାଦି ଜ୍ୟେଷ୍ଠମାନେ ରାମଚନ୍ଦ୍ରଙ୍କୁ 'ନେତି ନେତି' କହି ଥକିଗଲାପରେ, ଜ୍ୟେଷ୍ଠ ଶ୍ରେଷ୍ଠ ମହର୍ଷି ବ୍ରହ୍ମା ରାମଚନ୍ଦ୍ରଙ୍କୁ ବୈଦିକ ଶ୍ରେଷ୍ଠ ରୂପେ ସ୍ତୁତି କଲେ ଏବଂ କହିଲେ "ହେ ରାମ ! ବେଦ କହେକି ଆପଣ ସର୍ବରୂପ ହେଲେ ମଧ୍ୟ ଏହି ସର୍ବ ଆପଣ ନୁହନ୍ତି" । ବେଦର ଏହି ମୂଲ୍ୟବାନ ବଚନ ବିଷୟରେ କାଳେ ରାମଚନ୍ଦ୍ର ଅନଭିଜ୍ଞ ଥିବେ କିମ୍ବା ପାଶୋରି ଦେଇଥିବେ, ସେଥିପାଇଁ ବ୍ରହ୍ମା ତାଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ଦେଲେ ଯେ "ଆପଣ ହିଁ ବେଦ ପ୍ରତିପାଦିତ ବ୍ରହ୍ମ ଅଟନ୍ତି, ଏହା ବେଦ ବାକ୍ୟ ଅଟେ । ଦନ୍ତ କଥା ନୁହେଁ" ।

ଏଥିରୁ ଯାହା ଜଣାଯାଉଛି, ବେଦ ଯାହାକୁ ନେତି ନେତି କହେ ଓ ମୁନିମାନେ ଯାହାକୁ ଧ୍ୟାନ ଦ୍ୱାରା ଲାଭ କରିପାରନ୍ତି ନାହିଁ, ସେହି ରାମ ସମ୍ଭବତଃ ଜାଣିନଥିଲେ ଯେ ବେଦରେ ତାଙ୍କୁ ହିଁ ନେତି ନେତି କୁହାଯାଇଛି । ରାମଚରିତ ମାନସ ଅନୁଯାୟୀ ରାମଚନ୍ଦ୍ର ସୌଭାଗ୍ୟକ୍ରମେ ବ୍ରହ୍ମାଙ୍କ ଠାରୁ ଜାଣିବାକୁ ପାଇଲେ ଯେ ବେଦରେ ତାଙ୍କୁ ହିଁ ନେତି ନେତି କୁହଯାଇଛି ଏବଂ ସେ ନିଜେ ହିଁ ବେଦ ପ୍ରତିପାଦିତ ବ୍ରହ୍ମ ଅଟନ୍ତି । ବ୍ରହ୍ମାଙ୍କୁ ମଧ୍ୟ ସୌଭାଗ୍ୟପ୍ରାପ୍ତ ହେଲାରୁ ରାମଚନ୍ଦ୍ରଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ପାରିଲେ ଯେ ସେ (ରାମ) ନିଜେ ହିଁ ବେଦ ପ୍ରତିପାଦିତ ବ୍ରହ୍ମ ଅଟନ୍ତି ।

ବେଦରେ ରାମଚନ୍ଦ୍ରଙ୍କର ଇତିହାସ ସଂପର୍କରେ କିଛି ମଧ୍ୟ ଲେଖାଯାଇ ନଥିବା ବିଷୟ ବାରମ୍ବାର କହିବା ଆବଶ୍ୟକ ନାହିଁ । ଏହି କ୍ରମରେ ରାମଚରିତ ମାନସର ଉପରୋକ୍ତ ଦୋହା / ଚୌପାଇ ମାନଙ୍କର ନିର୍ଯ୍ୟାସ ଏହିକି, ପାର୍ବତୀ, ଶିବ, ବାଲ୍ମୀକି, ନାରଦ, ବ୍ରହ୍ମାଦି ଶ୍ରେଷ୍ଠ ବ୍ୟକ୍ତିମାନେ କେହି ମଧ୍ୟ ବେଦାଧ୍ୟୟନ କରିନଥିଲେ । ସବୁଠାରୁ ବଳି ଆଶ୍ଚର୍ଯ୍ୟ ଏହିକି ରାମଚନ୍ଦ୍ର ମଧ୍ୟ ବୈଦିକ ବିଚାର ସମ୍ବନ୍ଧରେ ଅଜ୍ଞ ଥିଲେ ବୋଲି ପ୍ରକାରାନ୍ତରେ ରାମଚରିତ ମାନସ ସିଦ୍ଧ କରିଦେଲା ।

ଅତଏବ ରାମଚରିତ ମାନସର ଏତାଦୃଶ ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରି ତୁଳସୀ ଦାସ ହିଁ ବେଦାଧ୍ୟୟନ କରିନଥିଲେ କହିବା ଉଚିତ ହେବ । କିନ୍ତୁ ତାଙ୍କର ଲେଖନୀ ଅଟକି ଯାଇନି । ପୁଣି ଲେଖିଲେ-

× × ×

୧୧. **ଶ୍ରୁତି ସିଦ୍ଧାନ୍ତ ଇହଇ ଉରଗାରୀ ।**
**ରାମ ଭଜିଅ ସବ କାଜ ବିସାରୀ ॥**
(ଉ.କା- ଶ୍ଳୋକ ୧୨୨-ଗ-୧)

(ଅର୍ଥାତ୍) ଭକ୍ତ ଶ୍ରେଷ୍ଠ କାକଭୁଷୁଣ୍ଡିଜୀ, ପରମଭକ୍ତ ଗରୁଡ଼ଜୀଙ୍କୁ କହୁଛନ୍ତି ଯେ "ବେଦର ସିଦ୍ଧାନ୍ତ ଏହିକି, ସମସ୍ତ କାମ ଛାଡ଼ି ରାମଚନ୍ଦ୍ରଙ୍କର ଭଜନ କୀର୍ତ୍ତନ କରିବା ଉଚିତ ।"

**ସମୀକ୍ଷା:**

ବଡ଼ବଡ଼ିଆଙ୍କ ବେଦ ଚର୍ଚ୍ଚା ସରିଲା ପରେ କାକ ଭୁଷୁଣ୍ଡି ଓ ଗରୁଡ଼ ଉଭୟେ ବେଦଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି । କାକଭୁଷୁଣ୍ଡି ଯଦି ବେଦାଧ୍ୟୟନ କରିଥାନ୍ତେ ତାହାହେଲେ 'ଶ୍ରୁତି ସିଦ୍ଧାନ୍ତ ରାମଭଜନ' ବୋଲି କହିନ'ଥାନ୍ତେ । ଗରୁଡ଼ଜୀ ଯଦି ବେଦାଧ୍ୟୟନ କରିଥାନ୍ତେ ତାହାହେଲେ କାକଭୁଷୁଣ୍ଡିଙ୍କର ଉପଦେଶକୁ ସମର୍ଥନ କରିନଥାନ୍ତେ । ଅନ୍ୟ ଅର୍ଥରେ କହିବାକୁ ଗଲେ ରାମଚରିତ ମାନସ ଉଭୟଙ୍କୁ ବେଦଠାରୁ ଦୂରେଇ ଦେଇଛି ।

ବିସ୍ତାରକୁ ଏଡ଼ାଇବା ପାଇଁ ଏଠାରେ ଅତି ଅଳ୍ପ ଉଦାହରଣ ପ୍ରସ୍ତୁତ କରାଯାଇଛି । ଏତାଦୃଶ ବିଚାର ବହନ କରିଥିବା ଶତାଧିକ ଦୋହା/ ଚୌପାଇ ରାମଚରିତ ମାନସରେ ଯତ୍ରତତ୍ର ଉପଲବ୍ଧ ହେଉଛି । ବେଦାଧ୍ୟୟନ ନ'କରି ହଂ ପୂର୍ବକ ନିଜର ଅବୈଦିକ ତଥା ମିଥ୍ୟା ମାନ୍ୟତାକୁ 'ବୈଦିକ ସନ୍ଦେଶ' ରୂପେ କିପରି ଜନମାନସରେ ଗୁଞ୍ଜାଯାଇ ପାରିବ ତାହା ରାମଚରିତ ମାନସରୁ ସହଜରେ ଲକ୍ଷ୍ୟ କରାଯାଇ ପାରିବ । 'ତିନି ତୁଣ୍ଡରେ ଛେଳି କୁକୁର' ପ୍ରବାଦ, ଏହିଠାରେ ସାର୍ଥକ ହୋଇଯାଇଛି । ଶତ ମୁଖରେ ବେଦର ପ୍ରଶଂସା କରିବା ଏବଂ କିଛି ମିଛକୁ ବାରମ୍ବାର 'ବେଦବିହିତ' କହି ତାହାକୁ ସତ୍ୟସିଦ୍ଧ କରିବା ପାଇଁ ରାମଚରିତ

ମାନସରେ ଯେତିକି ଅନୁଚିତ ପ୍ରୟାସ କରାଯାଇଛି ତାହା ଦେଖି, ବେଦାଧ୍ୟୟନ କରିଥିବା ଯେକୌଣସି ବ୍ୟକ୍ତି ହତବାକ୍ ପ୍ରାୟ ହୋଇଯିବ । ସୁତରାଂ ପ୍ରାଚୀନ ଭାରତୀୟ ତଥା ସନାତନ ବୈଦିକ ସଂସ୍କୃତିର କଳ୍ପବୃକ୍ଷ ମୂଳରେ କୁଠାରାଘାତ ହେଉଥିବା ସମସ୍ତ ପ୍ରୟାସକୁ ନିର୍ମୂଳ କରିବା ପାଇଁ ବିଜ୍ଞ ବ୍ୟକ୍ତିମାନେ ଆଗଭର ହେବା ଉଚିତ ।

***ପ୍ରଶ୍ନ: ଈଶ୍ୱରଙ୍କର ଗୁଣ, କର୍ମ, ସ୍ୱଭାବ ସମ୍ବନ୍ଧରେ ବେଦରେ ଯାହା ଲେଖାଯାଇଛି ସେମିତି କିଛି ବିଷୟକୁ ରାମଚରିତ ମାନସ ଦଶରଥ ନନ୍ଦନ ରାମଚନ୍ଦ୍ରଙ୍କ ଉପରେ ଆରୋପ କରିଛି । ଏଥିରେ କ୍ଷତି କ'ଣ ? ଏହା ସମାଜ ପାଇଁ କ୍ଷତିକାରକ ହେବ କାହିଁକି ?***

**ଉତ୍ତର:** ବେଦ ବର୍ଣ୍ଣିତ ଈଶ୍ୱରଙ୍କର ଗୁଣ, କର୍ମ, ସ୍ୱଭାବ ସମ୍ବନ୍ଧରେ ସଠିକ୍ ଅବଗତ ହେଲା ପରେ ହିଁ କହିହେବ ଯେ ତାହା ଦଶରଥ ନନ୍ଦନ ରାମଙ୍କ ଉପରେ ଆରୋପ କରିବା କେତେଦୂର ଯୁକ୍ତିଯୁକ୍ତ । ବେଦ କହେ:

**ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଁ ଶୁଦ୍ଧମପାପବିଦ୍ଧମ୍ ।**
**କବିର୍ମନିଷି ପରିଭୂଃ ସ୍ୱୟଂମ୍ଭୁର୍ଯ୍ୟାଥାତଥ୍ୟତୋ ଅର୍ଥାନ୍**
**ବ୍ୟବଧାଚ୍ଛାସ୍ୱତିଭ୍ୟଃ ସମାଭ୍ୟଃ ॥** (ଯଜୁର୍ବେଦ- ଅଧ୍ୟାୟ୪୦-ମନ୍ତ୍ର ୮)

(ଅର୍ଥାତ୍) ସେହି ଈଶ୍ୱର ଶିଘ୍ରକାରୀ, ସର୍ବଶକ୍ତିମାନ, ସ୍ଥୁଳ ସୂକ୍ଷ୍ମ ଓ କାରଣ ଶରୀର ରହିତ, ଛିଦ୍ର ରହିତ, ନାଡ଼ିବନ୍ଧନ ରହିତ, ଅବିଦ୍ୟାଦି ଦୋଷ ରହିତ, ନିତ୍ୟ, ପବିତ୍ର, ପାପ ରହିତ, ସର୍ବବ୍ୟାପକ, ସର୍ବଜ୍ଞ, ମନୀଷୀ, ଅନାଦି ପୁରୁଷ, ଜନ୍ମ-ବୃଦ୍ଧି-ମରଣ ରହିତ ପରମାତ୍ମା, ଅନାଦି ଜୀବକୁ ଅନାଦି କାଳରୁ ବେଦ ଦ୍ୱାରା ଉପଦେଶ ଦେଇ ଆସୁଛନ୍ତି । ସେହି ପରମେଶ୍ୱର ହିଁ ସମସ୍ତଙ୍କ ଦ୍ୱାରା ଉପାସନା କରିବା ଯୋଗ୍ୟ ଅଟନ୍ତି ।

ସର୍ବପ୍ରଥମେ 'ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବବ୍ୟାପକ' ଏହି ତିନୋଟି ମୁଖ୍ୟ ଗୁଣ ବିଷୟରେ ବିଚାର କରିବା ଉଚିତ ହେବ ।

**ସର୍ବଶକ୍ତିମାନ:**

କୌଣସି କର୍ମ ସଂପାଦନ ପାଇଁ ଯାହାକୁ ଅନ୍ୟ କାହାର ସହାୟତା ନେବା ଆବଶ୍ୟକ ହୁଏନି ତାଙ୍କୁ ସର୍ବଶକ୍ତିମାନ କୁହାଯାଏ । କିନ୍ତୁ ରାମଚରିତ ମାନସରେ

ଏମିତି ଅନେକ ଘଟଣାର ଅବତାରଣା କରାଯାଇପାରିବ ଯାହାଦ୍ୱାରା ସ୍ପଷ୍ଟ ପ୍ରତିପାଦନ ହେଉଛି ଯେ ରାମଚନ୍ଦ୍ର ସର୍ବଶକ୍ତିମାନ ନଥିଲେ । ସେଥିମଧ୍ୟରୁ ଗୋଟିଏ ହେଲା ଯେ ଯୁଦ୍ଧ କରି ରାବଣକୁ ପରାସ୍ତ କରିବା ପାଇଁ ରାମଚନ୍ଦ୍ର ବାନର ସେନାର ସହାୟତା ଲୋଡ଼ିଥିଲେ । ଅତଏବ ରାମଚନ୍ଦ୍ରଙ୍କ ଉପରେ 'ସର୍ବଶକ୍ତିମାନ' ଗୁଣ ଆରୋପ କରିବା ଯୁକ୍ତିଯୁକ୍ତ ସିଦ୍ଧ ହେଉନି ।

**ସର୍ବଜ୍ଞ:**

ଯିଏ ସବୁ ଜାଣିପାରେ ତାକୁ ସର୍ବଜ୍ଞ କୁହାଯାଏ । ରାମଚରିତ ମାନସରେ ଏମିତି ଅନେ ବିଷୟ ଦେଖିବାକୁ ମିଳୁଛି ଯାହାଦ୍ୱାରା ରାମଚନ୍ଦ୍ର ଅଳ୍ପଜ୍ଞ ସିଦ୍ଧ ହେଉଛନ୍ତି । ଉଦାହରଣତଃ ବାଳି ଓ ସୁଗ୍ରୀବ ଯେତେବେଳେ ଯୁଦ୍ଧରତ ଥିଲେ ସେତେବେଳେ ଛପି ରହି ବାଳିକୁ ଶରବିଦ୍ଧ କରିବା ପାଇଁ ରାମଚନ୍ଦ୍ର ପ୍ରୟାସ କରି ବିଫଳ ହୋଇଥିଲେ, କାରଣ ଉଭୟଙ୍କର ଶାରୀରିକ ଗଠନ ଏକ ପ୍ରକାର ଥିବାରୁ ସେ ବାଳିକୁ ଠଉରାଇ ପାରିନଥିଲେ । ସୀତାଙ୍କୁ କିଏ ଅପହରଣ କରିଛି ଏବଂ କେଉଁଠାରେ ରଖିଛି ତାହା ରାମଚନ୍ଦ୍ର ଜାଣିପାରି ନଥିଲେ । ସୁତରାଂ ରାମଚନ୍ଦ୍ରଙ୍କ ଉପରେ 'ସର୍ବଜ୍ଞ' ଗୁଣ ଆରୋପ କରିବା ଆଦୌ ଉଚିତ ମନେହେଉନି ।

**ସର୍ବବ୍ୟାପକ:**

ଯିଏ ସର୍ବଦା ଏକ ସମୟରେ ସର୍ବତ୍ର ବିଦ୍ୟମାନ ଥାଏ, ତାଙ୍କୁ ସର୍ବବ୍ୟାପକ କୁହାଯାଏ । ରାମଚନ୍ଦ୍ର ଯେତେବେଳେ ଅଯୋଧ୍ୟାରେ ଥିଲେ ସେତେବେଳେ ଲଙ୍କାରେ ନଥିଲେ । ଯେତେବେଳେ ଲଙ୍କାକୁ ଗଲେ ସେତେବେଳେ ଅଯୋଧ୍ୟାରେ ନଥିଲେ । ଅର୍ଥାତ୍ ଏକ ସମୟରେ ଏକ ସ୍ଥାନରେ ରହୁଥିଲେ । ଅତଏବ ରାମଚନ୍ଦ୍ରଙ୍କ ଉପରେ 'ସର୍ବବ୍ୟାପକ' ଗୁଣ ଆରୋପ କରିବା ଅଯୌକ୍ତିକର ପ୍ରମାଣିତ ହେଲା ।

ସର୍ବୋପରି ଏଥିରୁ ସ୍ପଷ୍ଟ ହେଲା ଯେ ରାମଚନ୍ଦ୍ରଙ୍କୁ ବେଦ ପ୍ରତିପାଦିତ ଈଶ୍ୱର ସିଦ୍ଧ କରିବା ପାଇଁ ତାଙ୍କ ଉପରେ ତୁଳସୀ ଦାସଜୀ ଯେଉଁ ଶବ୍ଦାବଳୀ ଓ ଗୁଣ ଆରୋପ କରିଛନ୍ତି ସେଥିରେ ରୂପ ସମୃଦ୍ଧତା ଆଦୌ ନାହିଁ । ଶବ୍ଦର ପରିଭାଷା ସହ ରାମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱର କୌଣସି ସଂପର୍କ ମଧ୍ୟ ନାହିଁ । କୌଣସି ବ୍ୟକ୍ତିବିଶେଷଙ୍କୁ ବେଦ ପ୍ରତିପାଦିତ ବ୍ରହ୍ମ ସିଦ୍ଧ କରି ହେବନି । ତଥାପି ହଠ ପୂର୍ବକ ପୁନରପି ବେଦର

ଦ୍ୱାହି ଦେଇ ଲେଖାଯାଇଛି ଯେ;

**ଶ୍ରୁତି ସିଦ୍ଧାନ୍ତ ଇହଇ ଉରଗାରି ।**
**ରାମ ଭଜିଅ ସବ କାଜ ବିସାରୀ ॥**
(ଉ.କା.- ଶ୍ଳୋକ ୧ ୨ ୨ଗ- ଚୌ-୧ )

(ଅର୍ଥାତ୍) ବେଦର ସିଦ୍ଧାନ୍ତ ଏହିକି ସବୁ କାମ ଭୁଲି ରାମ ଭଜନ କରିବା ଉଚିତ ।

ମିଥ୍ୟା ତଥ୍ୟକୁ ବୈଦିକ ସିଦ୍ଧାନ୍ତ ବୋଲି କହି ତାହାକୁ ଅନୁସରଣ-ଅନୁକରଣ କରିବା ପାଇଁ ଉପଦେଶ ଦେବା ଦ୍ୱାରା କ'ଣ ସମାଜର ମଙ୍ଗଳ ହୋଇପାରିବ ? କଦାପି ନୁହେଁ । ଏହି ପ୍ରକରଣରେ ତୁଳସୀ ଦାସଜୀଙ୍କ ଏକ ମନ୍ତବ୍ୟ ଉଦ୍ଧାର କରିବା ଉଚିତ ମନେହୁଏ । ଯଥା:

**ନହିଁ ଅସତ୍ୟ ସମ ପାତନ ପୁଞ୍ଜା ।**
**ଗିରୀସମ ହୋହିଁକି କୋଟିକ ଗୁଞ୍ଜା ॥**
**ସତ୍ୟମୂଳ ସବ ସୁକୃତ ସୁହାଏ ।**
**ବେଦ ପୁରାନ ବିଦିତ ମନୁ ଗାଏ ॥**
(ଅଯୋଧ୍ୟା କାଣ୍ଡ- ଦୋହା-୨୭- ଚୌ. ୩)

(ଅର୍ଥାତ୍) ଅସତ୍ୟ ଠାରୁ ବଳି ପାପ ଆଉ କିଛି ନାହିଁ ଏବଂ ସତ୍ୟ ସମସ୍ତ ପୁଣ୍ୟ କର୍ମର ମୂଳ କାରଣ ଅଟେ ।

ଏକ ପକ୍ଷରେ ବେଦର ଆଶ୍ରୟ ନେଇ ଅସତ୍ୟକୁ ବଡ଼ ପାପ ବୋଲି କହିବା ଏବଂ ଅନ୍ୟପକ୍ଷରେ ବେଦର ଦ୍ୱାହି ଦେଇ ଅସତ୍ୟର ଅନୁକରଣ କରିବାକୁ (ରାମ ଭଜନ) ଜୀବନର ପରମ ଧ୍ୟେୟ କହିବା, ତୁଳସୀ ଦାସଜୀଙ୍କର ଏହି ଦୁଇଟି ମନ୍ତବ୍ୟ ମଧ୍ୟରୁ କେଉଁଟିକୁ ଗୁରୁତ୍ୱ ଦେବା ?

ବର୍ତ୍ତମାନ ବେଦ ଆଉ କାହାପାଇଁ ଅଛପା-ଅଛୁଆଁ ହୋଇ ରହିନି । ଛପା ହୋଇ ବଜାରରେ ବିକା ହେଲାଣି । ଏଇ ଭାରତରେ ଏପରି ଏକ ସମୟ ଥିଲା ଯେତେବେଳେ କି ନାରୀ ଓ ଶୂଦ୍ରମାନଙ୍କର ବେଦ ପଢ଼ିବା ଅଧିକାର ନାହିଁ ବୋଲି କୁହାଯାଉଥିଲା । ଏମାନେ ବେଦାଧ୍ୟୟନ କଲେ ତାଙ୍କର ଜିହ୍ୱା କାଟିଦେବା ଉଚିତ ବୋଲି ପ୍ରଚାର କରାଯାଉଥିଲା । ବେଦ ଶୁଣିଲେ କାନରେ ତପ୍ତ ସୀଶା ଢାଳିଦେବା ପାଇଁ କୁହାଯାଉଥିଲା । ଏତାଦୃଶ ଅନ୍ଧକାର ରାଜୁତି କରୁଥିବା ସମୟରେ ବୈଦିକ

ଜ୍ୟୋତି ହସ୍ତରେ ମହର୍ଷି ଦେବ ଦୟାନନ୍ଦଙ୍କର ଆବିର୍ଭାବ ହୋଇଥିଲା । ସେ ବେଦରୁ ହିଁ ପ୍ରମାଣ+ ଉପସ୍ଥାପନା କରି ମାନବ ସମାଜକୁ ଜଣାଇ ଦେଲେ ଯେ, ଈଶ୍ୱର ସୃଷ୍ଟ ବାୟୁ, ଜଳାଦି ପ୍ରାକୃତିକ ପଦାର୍ଥ ଗୁଡ଼ିକର ସମୁଚିତ ଉପଯୋଗ କରିବା ପାଇଁ ଯେପରି ସମସ୍ତେ ସ୍ୱତନ୍ତ୍ର, ଠିକ୍ ସେହିପରି ଈଶ୍ୱର ପ୍ରଦତ୍ତ କଲ୍ୟାଣମୟୀ ବେଦରୁ ଯଥାରୀତି ଜ୍ଞାନ ଆହରଣ କରି ତଦନୁକୂଳ ପୁରୁଷାର୍ଥ ଦ୍ୱାରା ଜୀବନର ଅନ୍ତିମ ଲକ୍ଷ୍ୟ 'ଆନନ୍ଦ' ପ୍ରାପ୍ତ କରିବା ପାଇଁ ମଧ୍ୟ ସମସ୍ତେ ସ୍ୱତନ୍ତ୍ର । ପ୍ରାଣୀ ମାତ୍ରର କଲ୍ୟାଣ କାମନା କରି, କଲ୍ୟାଣ ପ୍ରଦାୟିନୀ ବେଦବାଣୀକୁ ଘର ଘର ପହଞ୍ଚାଇବା ପାଇଁ ଋଷିବର 'ଆର୍ଯ୍ୟ ସମାଜ' ନାମକ ଏକ ଅନୁପମ ସଂଗଠନ ସ୍ଥାପନା କରିଦେଇ ଯାଇଛନ୍ତି ଯେଉଁଥିରେ କି ଏକ ନିୟମ ଯଥା: "ବେଦ ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ ଅଟେ । ବେଦକୁ ପଢ଼ିବା ଓ ଶୁଣାଇବା ସମସ୍ତ ଆର୍ଯ୍ୟମାନଙ୍କର ପରମଧର୍ମ ଅଟେ" (ଆର୍ଯ୍ୟ ସମାଜର ୩ୟ ନିୟମ) ବ୍ୟବସ୍ଥିତ କରିଦେଇଛନ୍ତି । ଆଜିକୁ ୧୫୦ ବର୍ଷ ହେଲା ଆର୍ଯ୍ୟ ସମାଜ ବେଦ ପ୍ରଚାର× କରି ଆସୁଅଛି । ଯେକୌଣସି ସତ୍ୟାନୁରାଗୀ ବେଦ ପଢ଼ିପାରିବେ । ସତ୍ୟାସତ୍ୟ ନିର୍ଣ୍ଣୟ କରିପାରିବେ । ଦଶରଥ ନନ୍ଦନ ରାମଚନ୍ଦ୍ରଙ୍କ ଉପରେ ବେଦ ପ୍ରତିପାଦିତ ଈଶ୍ୱରଙ୍କର ଗୁଣ, କର୍ମ, ସ୍ୱଭାବ ଆରୋପ କରିବା କେତେ ଯୁକ୍ତିଯୁକ୍ତ, ବୁଦ୍ଧିସମ୍ମତ, ସତ୍ୟର ନିକଟତର ଓ ବେଦାନୁକୂଳ ତାହା ପୂର୍ଣ୍ଣ ରୂପେ ଅବଗତ ହୋଇପାରିବେ । ସତ୍ୟ* ପ୍ରତିଷ୍ଠିତ ହେବ । ତେବେ ଯାଇ ସମାଜ ଉପକୃତ ହୋଇପାରିବ ।

---

\+ *ଇମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ (ଯଜୁ ୨୬/୨)*
*କଲ୍ୟାଣମୟ ବେଦବାଣୀ ସକଳ ମନୁଷ୍ୟଙ୍କ ପାଇଁ ଉପଦିଷ୍ଟ ହୋଇଛି ।*

× *ବେଦର ପ୍ରତିପାଦ୍ୟ ବିଷୟ ଜାଣିବା ପାଇଁ ମହର୍ଷି ଦୟାନନ୍ଦ ରଚିତ 'ଋକ୍‌ବେଦାଦି ଭାଷ୍ୟ ଭୂମିକା ପଠନୀୟ ।*

* *ସତ୍ୟାସତ୍ୟ ନିର୍ଣ୍ଣୟ କରିବା ଜ୍ଞାନ ମହର୍ଷି ଦୟାନନ୍ଦକୃତ 'ସତ୍ୟାର୍ଥ ପ୍ରକାଶ'ରୁ ସହଜପ୍ରାପ୍ତ ହୋଇପାରିବ ।*

***ପ୍ରଶ୍ନ: ରାମଚରିତ ମାନସ ଦୃଷ୍ଟିରେ ବେଦ ବିଷୟ ଆଲୋଚନା କରିବା ଅବସରରେ 'ଦୟାନନ୍ଦଙ୍କ ଦୃଷ୍ଟିରେ ବେଦ' ବିଷୟ ଆଲୋଚନା ପରିସରକୁ ଆଣିବା କ'ଣ ନିହାତି ଆବଶ୍ୟକ ? ଏଠାରେ 'ଆର୍ଯ୍ୟସମାଜ'ର ଭୂମିକା କିଛି ଅଛି ?***

**ଉତ୍ତର:** 'ଆର୍ଯ୍ୟ ସମାଜ' ହିଁ ଏକମାତ୍ର ସଂଗଠନ ଯେକି ପ୍ରାଣୀମାତ୍ରର ମଙ୍ଗଳ×× କରିବା ପାଇଁ ଆଜିକୁ ୧୫୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ବେଦ ପ୍ରଚାର କରିଆସୁଛି । ମହର୍ଷି ଦୟାନନ୍ଦ ହିଁ ଏକମାତ୍ର ମହାପୁରୁଷ ଯେକି ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ଯେ "ଆଦି ସୃଷ୍ଟିରୁ ମହର୍ଷି ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି ମହର୍ଷି ଜୈମିନି ପର୍ଯ୍ୟନ୍ତ ଋଷିମାନଙ୍କର ମନ୍ତବ୍ୟ ଯାହା ମୋର ମନ୍ତବ୍ୟ ମଧ୍ୟ ତାହା" ଏତାଦୃଶ ଆତ୍ମବିଶ୍ୱାସ ଓ ସ୍ୱାଭିମାନଭରା ମନ୍ତବ୍ୟ କୁତ୍ରାପି ଶୁଣିବାକୁ ମିଳୁନି । ତାଙ୍କର ବେଦଭାଷ୍ୟରେ ପୂର୍ଣ୍ଣତଃ ଋଷି ପରମ୍ପରାକୁ ଅନୁସରଣ କରାଯାଇଛି । ଋଷିକୃତ ବେଦାଙ୍ଗକୁ ହିଁ ପୂର୍ଣ୍ଣତଃ ଉପଯୋଗ କରାଯାଇଛି ।

***ପ୍ରଶ୍ନ: ବର୍ତ୍ତମାନ କତିପୟ ବିଦ୍ୱାନ୍‌ମାନଙ୍କର ବେଦଭାଷ୍ୟ ଉପଲବ୍ଧ ହେଉଥିବା ସ୍ଥଳେ ଦୟାନନ୍ଦଙ୍କର ଭାଷ୍ୟକୁ ଗୁରୁତ୍ୱ ଦିଆଯିବ କାହିଁକି ?***

**ଉତ୍ତର:** ମନୁଷ୍ୟ ସତ୍ୟାସତ୍ୟ ନିର୍ଣ୍ଣୟ କରିବା ପାଇଁ ସକ୍ଷମ ଅଟେ । ଦୁଇଟି ପରସ୍ପର ବିରୁଦ୍ଧ କିମ୍ବା ପରସ୍ପର ପ୍ରତିକୂଳ ତଥ୍ୟ ଉପରେ ବୁଦ୍ଧି ପୂର୍ବକ, ପୂର୍ବାଗ୍ରହ ରହିତ, ନିରପେକ୍ଷ ବିଚାର କଲେ ସତ୍ୟାସତ୍ୟ ନିର୍ଣ୍ଣୟ କରିପାରିବ । ଅତଏବ ବର୍ତ୍ତମାନ ଉପଲବ୍ଧ ବିଭିନ୍ନ ଭାଷ୍ୟ ସହ ମହର୍ଷି ଦୟାନନ୍ଦଙ୍କର ଭାଷ୍ୟର ତୁଳନାତ୍ମକ ଅଧ୍ୟୟନ କଲେ ସତ୍ୟାସତ୍ୟ ଆପେ ଆପେ ପ୍ରଘଟ ହୋଇପାରିବ । ଅସ୍ତୁ ।

ତୁଳସୀ ଦାସ ଏମିତି ଅନେକ ବିଷୟ ବୈଦିକ ସିଦ୍ଧାନ୍ତ ରୂପେ ଉପସ୍ଥାପନା କରିଛନ୍ତି ଯେଉଁଗୁଡ଼ିକ କି କୌଣସି ବେଦମନ୍ତ୍ରର ଭାଷ୍ୟ ନୁହେଁ କିମ୍ବା ବେଦର ସିଦ୍ଧାନ୍ତ ନୁହେଁ । ଉଦାହରଣତଃ

---

×× *ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ ଆତ୍ମିକ ଓ ସାମାଜିକ ଉନ୍ନତି ସାଧନ କରିବା ଆର୍ଯ୍ୟସମାଜର ମୁଖ୍ୟ ଉଦ୍ଦେଶ୍ୟ ଅଟେ । (ଆର୍ଯ୍ୟ ସମାଜ ୬ଷ୍ଠ ନିୟମ)*

**ଜୋ ଅପରାଧୁ ଭଗତ କର କରଇ ।**
**ରାମ ରୋଷ ପାବକ ସୋ ଜରଇ ॥**
**ଲୋକହୁଁ ବେଦ ବିଦିତ ଇତିହାସା ।**
**ୟହ ମହିମା ଜାନହିଁ ଦୁରବାସା ॥**
(ଅଯୋଧ୍ୟା କାଣ୍ଡ–ଦୋହା ୨୧୭– ଚୌପାଇ ୩)

(ଅର୍ଥାତ୍) ଯେ କେହି ରାମଭକ୍ତଙ୍କର ଅପରାଧ କରେ ସେ ରାମଚନ୍ଦ୍ରଙ୍କର କ୍ରୋଧାଗ୍ନିରେ ଜଳିଯାଏ । ଏହା ଲୋକ ଏବଂ ବେଦରେ ଇତିହାସ ପ୍ରସିଦ୍ଧ । ଦୁର୍ବାସା ଏହାର ମହିମା ଜାଣନ୍ତି ।

ଏହା କୌଣସି ବେଦମନ୍ତ୍ରର ଅବଲମ୍ବନରେ ଲେଖାଯାଇନି କିନ୍ତୁ ବେଦ ବିଦିତ ବୋଲି ଲେଖାଯାଇଛି । ଯାହା ବେଦରେ ନାହିଁ, ମହର୍ଷି ଦୁର୍ବାସା ତାହା ବେଦରୁ ପାଇବେ କିପରି ? ଅଭାବରୁ ଭାବ ଉତ୍ପନ୍ନ ହେବ କିପରି ? ରାମଚନ୍ଦ୍ର ହିଁ ବେଦ ପ୍ରତିପାଦିତ ଈଶ୍ୱର, ରାମ ଭଜନ ହିଁ ଶ୍ରେଷ୍ଠ, ରାମଭକ୍ତଙ୍କର ଅପରାଧ କରିବା ବ୍ୟକ୍ତିଙ୍କର ଦୁର୍ଦ୍ଦଶା, ଏସବୁ ବେଦରୁ ବିଦିତ ହୋଇଛି କହିବାରେ ଯେ ଆଦୌ ସତ୍ୟତା ନାହିଁ, ତାହା ଜଣେ ସାଧାରଣ ବେଦପାଠୀ ଅନାୟାସରେ ଜାଣିପାରିବ । କିନ୍ତୁ ତୁଳସୀ ଦାସଙ୍କର ଲେଖନୀ ଅଟକି ଯିବା ଲେଖନୀ ନୁହେଁ । ଆହୁରି ବିଚିତ୍ର ବିଷୟମାନଙ୍କର ସମାବେଶ ରାମଚରିତ ମାନସରୁ ଦେଖିବାକୁ ମିଳୁଛି । ସେଥିରୁ କିଛି ଏଠାରେ ଉପସ୍ଥାପନ କରିବା ଉଚିତ ମନେହୁଏ । ଯଥା:

**ତବ ଜନମେଉ ଷଟ ବଦନ କୁମାରା ।**
**ତାରକୁ ଅସୁର ସମର ଜେହି ମାରା ॥**
**ଆଗମ ନିଗମ ପ୍ରସିଦ୍ଧ ପୁରାନା ।**
**ଷନ୍ମୁଖ ଜନ୍ମୁ ସକଲ ଜଗ ଜାନା ॥**
(ବା.କା– ଦୋହା ୧୦୨– ଚୌ–୪)

(ଅର୍ଥାତ୍) ଯୁଦ୍ଧ ଦ୍ୱାରା ତାରକାସୁରକୁ ବଦ୍ଧ କରିଥିବା ଛଅ (୬) ଗୋଟି ମୁଖ ଥିବା ପୁତ୍ରର (ଈଶ୍ୱର ପାର୍ବତୀଙ୍କର ପୁତ୍ର କାର୍ତ୍ତିକେୟ) ଜନ୍ମ ବୃତ୍ତାନ୍ତ ଜଗତ ଓ ବେଦ ପ୍ରସିଦ୍ଧ ।

× × ×

**ସ୍ୱାୟଂଭୂମନୁ ଅରୁ ଶତରୂପା ।**
**ଜିହ୍ନ ତେ ଭୈ ନରସୃଷ୍ଟି ଅନୂପା ॥**
**ଦମ୍ପତ୍ତି ଧରମ ଆଚରନ ନୀକା ।**
**ଆଜହୁଁ ଗାବ ଶ୍ରୁତି ଜିହ୍ନକୈ ଲୋକା ॥**
(ରାମଚରିତ ମାନସି-ବା.କା- ଦୋହା ୧୪୧- ଚୌ-୧)

(ଅର୍ଥାତ୍) ସ୍ୱାୟଂଭୂମନୁ ଓ ତାଙ୍କର ପତ୍ନୀ ଶତରୂପା ଉଭୟଙ୍କ ଆଚରଣ ଅତି ଉଚ୍ଚକୋଟୀର ଥିଲା ଯାହାଙ୍କ ଠାରୁ ଏହି ଅନୁପମ ମାନବ ସୃଷ୍ଟି ଆରମ୍ଭ ହେଲା । ଏହି ଦମ୍ପତ୍ତିଙ୍କର ଯଶ ଆଜି ମଧ୍ୟ ବେଦ ଗାନ କରୁଛି ।

× × ×

**ଅବଧ ପୁରୀ ରଘୁକୁଲମନି ରାଉ ।**
**ବେଦ ବିଦିତ ତେହି ଦଶରଥ ନାଉଁ ॥**
(ବା.କା- ଦୋହା ୧୮୭-ଚୌ-୪)

(ଅର୍ଥାତ୍) ଅବଧପୁରୀରେ ରଘୁକୁଳମଣି ଦଶରଥ ନାମକ ବ୍ୟକ୍ତି ରାଜା ହେଲେ ଯାହାର ନାମ ବେଦ ବିଖ୍ୟାତ ଅଟେ ।

× × ×

**ପୁର ଶୋଭା ସଂପତ୍ତି କଲ୍ୟାନା ।**
**ନିଗମ ସେଷ ସାରଦା ବଖାନା ॥**
(ଉ-କା- ଦୋହା ୮ (ଖ)- ଚୌ-୪)

(ଅର୍ଥାତ୍) ସରସ୍ୱତୀ, ଶେଷଜୀ ଓ ବେଦ, ଅଯୋଧ୍ୟାର ଶୋଭା ସମ୍ପତ୍ତି ବର୍ଣ୍ଣନା କରନ୍ତି ।

× × ×

**ଦୁଇ ସୁତ ସୁନ୍ଦର ସୀତାଁ ଜାଏ ।**
**ଲବ କୁଶ ବେଦ ପୁରନହ୍ନ ଗାଏ ॥**
(ଉ.କା- ଦୋହା ୨୪-୩)

(ଅର୍ଥାତ୍) ସୀତାଜୀଙ୍କର, ଲବ ଓ କୁଶ ନାମ ଦୁଇ ପୁତ୍ରର ଜନ୍ମ ବୃତ୍ତାନ୍ତ ବେଦରେ ଗାନ କରାଯାଇଛି ।

× × ×

**ସମୀକ୍ଷା:**

ଛଅ ଗୋଟି ମୁଣ୍ଡ ଥିବା ସନ୍ତାନ (କାର୍ତ୍ତିକେୟ) ଜନ୍ମଲାଭ କରିବା ସୃଷ୍ଟିକ୍ରମ ବିରୁଦ୍ଧ ହୋଇଥିବାରୁ ଏହାକୁ ସତ୍ୟ ରୂପେ ଗ୍ରହଣ କରାଯାଇ ପାରିବନି । ଏତାଦୃଶ ବିଷୟ କେବଳ ପୁରାଣାଦି ଅନାର୍ଷ ଗ୍ରନ୍ଥମାନଙ୍କରେ ସ୍ଥାନ ପାଇଥାଏ । କାର୍ତ୍ତିକେୟଙ୍କର ଜନ୍ମ ବୃତ୍ତାନ୍ତ ଲେଖାଯାଇଥିବା ପୌରାଣିକ ଗ୍ରନ୍ଥ ବିଶେଷକୁ ବେଦ ସଂଜ୍ଞା ଦେବା କେବଳ ତୁଳସୀ ଦାସଜୀଙ୍କ ପାଇଁ ଗ୍ରହଣୀୟ ହୋଇପାରେ କିନ୍ତୁ ସର୍ବଜନ ସ୍ୱୀକୃତ ଚାରିବେଦରେ ଏତାଦୃଶ ଅସଙ୍ଗତ ବିଷୟ ସ୍ଥାନ ପାଇଥିବା ପ୍ରଶ୍ନ ହିଁ ଉଠୁନି । ଠିକ୍ ସେହିପରି ଅବଧପୁରୀରେ ଦଶରଥ ରାଜା ହେବା ବିଷୟ, ଅଯୋଧ୍ୟା ପୁରୀର ଶୋଭା ବର୍ଣ୍ଣନା, ସୀତାଜୀଙ୍କର ଲବ ଓ କୁଶ ନାମକ ଦୁଇ ପୁତ୍ରର ଜନ୍ମ ବୃତ୍ତାନ୍ତାଦି ବିଷୟ ନିଶ୍ଚିତ ରୂପେ ରାମାୟଣାଦି ଗ୍ରନ୍ଥରୁ ଯେ ପ୍ରାପ୍ତ ହୋଇଥିବ, ଏଥିରେ ଦ୍ୱିମତ ହେବାର କିଛି ନାହିଁ । କିନ୍ତୁ ରାମାୟଣକୁ ବେଦ ସଂଜ୍ଞା ଦେବାରେ ଯଥାର୍ଥତା ଆଦୌ ନାହିଁ ।

ମହର୍ଷି ମନୁ କହିଛନ୍ତି ଯେ "ଶ୍ରୁତିସ୍ତୁ ବେଦୋ ବିଜ୍ଞେୟ" (ମନୁ. ସଂ-୨/୧୦) ଅର୍ଥାତ୍ ବେଦକୁ ହିଁ ଶ୍ରୁତି କୁହାଯାଏ । ଏଥିରୁ ସ୍ପଷ୍ଟ ହେଉଛି ଯେ ମନୁ ମହର୍ଷିଙ୍କ ପୂର୍ବରୁ ବେଦର ବିଦ୍ୟମାନତା ଥିଲା । ସେ ବେଦାଧ୍ୟୟନ କରିଥିଲେ ନିଶ୍ଚୟ । ତୁଳସୀ ଦାସ ଲେଖିଲେ ଯେ ମନୁ ଓ ଶତରୂପାଙ୍କ ଠାରୁ ମାନବ ସୃଷ୍ଟି ଆରମ୍ଭ ହେଲା । ତଦନୁଯାୟୀ କାର୍ତ୍ତିକେୟଙ୍କ ଜନ୍ମ ଏବଂ ଦଶରଥଙ୍କ ଜନ୍ମ, ମନୁ ମହର୍ଷିଙ୍କ ପରେ ହିଁ ହୋଇଥିବ । ଏପରିସ୍ଥଳେ କାତ୍ତିକେୟଙ୍କ ଜନ୍ମ ବୃତ୍ତାନ୍ତ ଓ ଦଶରଥ ରାଜା ହେବା ବିଷୟ ବେଦରେ ବର୍ଣ୍ଣନା କରାଯାଇଛି କହିବା ଅଯୌକ୍ତିକର ନୁହେଁ କି ?

***ପ୍ରଶ୍ନ:** ବେଦରେ କ'ଣ ଲେଖାଯାଇଛି, କ'ଣ ଲେଖାଯାଇନି ସେ ବିଷୟ ଅଲଗା, କିନ୍ତୁ ରାମଚନ୍ଦ୍ରଙ୍କର ଭକ୍ତମାନଙ୍କ ପ୍ରତି ଦ୍ରୋହ ଆଚରଣ କରିବା କଣ ଠିକ୍ ହେବ ?*

**ଉତ୍ତର:** 'ବେଦରେ କ'ଣ ଲେଖାଯାଇଛି,। କ'ଣ ଲେଖାଯାଇନି' ସେ ବିଷୟ ଅଲଗା ନୁହେଁ । ସେହି ବିଷୟ ହିଁ ନିରପେକ୍ଷ ଭାବେ ସମୀକ୍ଷା କରାଯାଉଛି । କାହାର ଅନିଷ୍ଟ କରିବା, ଅପକାର କରିବା କିମ୍ବା ବିଶ୍ୱାସଘାତକତା କରିବାକୁ ଦ୍ରୋହାଚରଣ କୁହାଯାଏ । ବେଦରେ ଯାହା ନାହିଁ, ତାହା ନାହିଁ ବୋଲି କୌଣସି ରାମ ଭକ୍ତଙ୍କୁ କୌଣସି ବେଦ ପାଠୀ ଯଦି କହିବେ, ତାହାହେଲେ ଏହାକୁ ରାମଚନ୍ଦ୍ରଙ୍କ ଭକ୍ତଙ୍କ ପ୍ରତି ଦ୍ରୋହାଚରଣ ରୂପେ ବିବେଚନା କରାଯିବ କି ? କୌଣସି ରାମଭକ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ତାଙ୍କୁ ମିଥ୍ୟା କହିବା ଉଚିତ ହେବ କି ? ସତ୍ୟ ଜାଣିଲା ପରେ, ରାମଚନ୍ଦ୍ରଙ୍କ ଭକ୍ତଙ୍କ ସମ୍ମୁଖରେ ଯଦି ତାହା ନିରପେକ୍ଷ ଭାବେ ଉପସ୍ଥାପନା ନ' କରିବା, ତାହାହେଲେ ଏହା ସେମାନଙ୍କ ପ୍ରତି ବିଶ୍ୱାସଘାତକତା ହେବନି କି ? ଅତଏବ ବେଦ ଯାହା ତାକୁ ତାହା କହିଲେ ହିଁ ସତ୍ୟର ପ୍ରତିଷ୍ଠା ହେବ ଏବଂ ସମସ୍ତଙ୍କର (ରାମଭକ୍ତଙ୍କର ମଧ୍ୟ) କଲ୍ୟାଣ ସାଧିତ ହେବ । 'ସର୍ବେ ଭବନ୍ତୁ ସୁଖୀନଃ' ବାଣୀ ସାର୍ଥକ ହେବ ।

**ଶଙ୍କା:**

ତୁଳସୀ ଦାସ ଦୃଢ଼ କଣ୍ଠରେ କହିଛନ୍ତି ଯେ, ମିଥ୍ୟା ଠାରୁ ବଳି ପାପ ଆଉ କିଛି ନାହିଁ 'ନହିଁ ଅସତ୍ୟ ସମ ପାତକ ପୁଞ୍ଜା' (ଅରଣ୍ୟ କାଣ୍ଡ-ଦୋହା ୨୭-୩) ଜଣେ ସନ୍ଥ ମିଛ କହିଥିବେ ବୋଲି ଭାବିବା ଦୋଷାବହ ଅଟେ । ଅତଏବ ଲବ ଓ କୁଶଙ୍କର ଜନ୍ମବୃତ୍ତାନ୍ତ, କାର୍ତ୍ତିକେୟଙ୍କର ଜନ୍ମ ବୃତ୍ତାନ୍ତ, ଅଯୋଧ୍ୟା ନଗରୀର ଶୋଭା ବର୍ଣ୍ଣନା, ଦଶରଥଙ୍କର ବ୍ୟକ୍ତିତ୍ୱ, ମନୁ-ଶତରୂପା, ଧ୍ରୁବ, ପ୍ରିୟବ୍ରତାଦିଙ୍କର ପ୍ରଶଂସା, ଏସବୁ ଯଦି ବେଦରେ ସ୍ଥାନ ପାଇନି, ତାହାହେଲେ ତୁଳସୀ ଦାସଙ୍କ ପରି ଜଣେ ସନ୍ଥ, ଏଗୁଡ଼ିକୁ ବୈଦିକ ତଥ୍ୟ ରୂପେ ଉପସ୍ଥାପନା କରିନଥାନ୍ତେ ।

**ସମାଧାନ:**

ସତ୍ୟ ପ୍ରତି ଶ୍ରଦ୍ଧାଳୁ ଏବଂ ଜ୍ଞାନାନୁସନ୍ଧିତ୍ସୁ ବ୍ୟକ୍ତି ହଠ ଓ ଦୁରାଗ୍ରହରୁ ଦୂରରେ ରହିବା ନିହାତି ଆବଶ୍ୟକ । ବେଦ ଶବ୍ଦରୁ ଋକ୍, ଯଜୁ, ସାମ, ଅଥର୍ବ ବେଦର ମନ୍ତ୍ର+ ସଂହିତା ଗ୍ରହଣ ହୋଇଥାଏ । ଏହି ଚାରିବେଦ ହିଁ ପୃଥିବୀର

\+ *ମନ୍ତ୍ର ସଂଖ୍ୟା: ଋକ୍‌ବେଦ-୧୦୫୫୨, ଯଜୁର୍ବେଦ-୧୯୭୫, ସାମ୍‌ବେଦ-୧୮୭୫, ଅଥର୍ବ ବେଦ-୫୯୭୭ । ସର୍ବମୋଟ୍: ୨୦୩୭୯ ।*

ସର୍ବପ୍ରାଚୀନ ଗ୍ରନ୍ଥ ଅଟେ । ଏହାକୁ ହିଁ ଋଷି ପରମ୍ପରା 'ଈଶ୍ୱର କୃତ' ବୋଲି ସ୍ୱୀକାର କରି ଆସୁଛନ୍ତି । ତୁଳସୀ ଦାସ ରଚିତ ରାମଚରିତ ମାନସରେ ଯେଉଁସବୁ ଐତିହାସିକ ତଥ୍ୟକୁ ବୈଦିକ ତଥ୍ୟ ରୂପେ ଉପସ୍ଥାପନା କରାଯାଇଅଛି, ସେଗୁଡ଼ିକ ବାସ୍ତବରେ ବେଦରେ ଅଛି କିମ୍ବା ନାହିଁ, ତାହା ଯେକୌଣସି ବ୍ୟକ୍ତି ବେଦଚତୁଷ୍ଟୟ ପାଠ କଲେ ଜାଣିପାରିବେ । ବେଦ ସମସଙ୍କ ପାଇଁ ଉନ୍ମୁକ୍ତ ରଖାଯାଇଛି । ପୂର୍ବବର୍ତ୍ତୀ ଗ୍ରନ୍ଥମାନଙ୍କରେ ପରବର୍ତ୍ତୀ ବ୍ୟକ୍ତିମାନଙ୍କର (ଉପରୋକ୍ତ) ଇତିହାସ ଅନୁସନ୍ଧାନ କରିବା ଯାହା, ବିଲେଇ ନଥିବା ଅନ୍ଧାର ଘରେ କଳା ବିଲେଇକୁ ଖୋଜିବା ତାହା ।

ବେଦରେ ସ୍ଥାନ ପାଇନଥିବା ବିଷୟକୁ ବେଦରେ ଅଛି ବୋଲି କହି ତୁଳସୀ ଦାସ ବେଦ ସମ୍ବନ୍ଧରେ ସମାଜକୁ ଏତେ ମିଥ୍ୟା ବାର୍ତ୍ତା ଦେଇଛନ୍ତି ଯେ, ବେଦ ସମ୍ବନ୍ଧରେ ସାମାନ୍ୟ ଜ୍ଞାନ ଥିବା କୌଣସି ବ୍ୟକ୍ତି ଯଦି ରାମଚରିତ ମାନସ ପାଠ କରେ ତାହାହେଲେ ସେଥିରେ ବେଦ ଶବ୍ଦର ବାରମ୍ବାର ଅନୁଚିତ ପ୍ରୟୋଗ ହୋଇଥିବା ବହୁଳତାକୁ ଦେଖି ଅଣନିଃଶ୍ୱାସୀ ହୋଇପଡ଼ିବ ।

***ପ୍ରଶ୍ନ:*** ***ରାମ ଶବ୍ଦର ଅର୍ଥ 'ରମଣୀୟ' ଅଟେ । ଅତଏବ 'ରାମ' ଶବ୍ଦ 'ରମଣୀୟ' ପରମାତ୍ମାଙ୍କ ଉଦ୍ଦେଶ୍ୟରେ ରାମଚରିତ ମାନସରେ ବ୍ୟବହାର ହୋଇଥାଇପାରେ । ଏଥିରେ କ୍ଷତି କ'ଣ ? ଏହି ବିଚାରକୁ କ'ଣ ସମାଜ ଉପରେ ଲଦିଦେବା ପାଇଁ ରାମଚରିତ ମାନସରେ ଚେଷ୍ଟା କରାଯାଇଛି ?***

ଉତ୍ତର: ଅନନ୍ତ ଗୁଣ, କର୍ମ, ସ୍ୱଭାବ ବିଶିଷ୍ଟ, ସଚ୍ଚିଦାନନ୍ଦାଦି ଲକ୍ଷଣଯୁକ୍ତ ପରମାତ୍ମାଙ୍କୁ 'ରମଣୀୟ' କହିବା ଏବଂ ସେହି ସ୍ଥାନରେ 'ରାମ' ଶବ୍ଦକୁ ବିକଳ୍ପ ରୂପେ ବ୍ୟବହାର କରିବାରେ ରାମଚରିତ ମାନସ ରଚୟିତାଙ୍କର ସ୍ୱତନ୍ତ୍ରତା ବିଷୟରେ ଆମ୍ଭର କିଛି କହିବାର ନାହିଁ । କିନ୍ତୁ ରାମଚରିତ ମାନସରେ ଦଶରଥ ନନ୍ଦନ 'ରାମଚନ୍ଦ୍ର'ଙ୍କୁ ହିଁ ବେଦ ପ୍ରତିପାଦିତ ପରମାତ୍ମା- ବ୍ରହ୍ମ ରୂପେ ସିଦ୍ଧ କରିବା ପାଇଁ ପ୍ରବଳ ପ୍ରୟାସ କରାଯାଇଛି । ଈଶ୍ୱର ପାର୍ବତୀ ସମ୍ବାଦ ମାଧ୍ୟମରେ ଲେଖାଯାଇଛି ଯେ-

**ଏକ ବାତ ନହିଁ ମୋହି ସୋହାନି ।**
**ଯଦପି ମୋହ ବଶ କହେତୁ ଭବାନୀ ॥**

**ତୁହ୍ମଜୋ କହା ରାମ କୋଉ ଆନା ।**
**ଜେହି ଶ୍ରୁତି ଗାବା ଧରହି ମୁନି ଧ୍ୟାନା ।।**

(ବାଳ କାଣ୍ଡ- ଦୋହା ୧୧୩-୪)

**କହହି ସୁନହି ଅସ ଅଧବ ନରଗ୍ରସେ ଯେ ମୋହ ପିଚାଶ**
**ପାଷଣ୍ଡି ହରିପଦ ବିମୁଖ ଜାନହି ଝୁଠ ନ ସାଚ ।।**

(ବା.କା.- ଦୋହା ୧୧୪)

**ଅଜ୍ଞ ଅକୋବିଦ ଅନ୍ଧ ଅଭାଗୀ ।**
**କାଇ ବିଷୟ ମୁକୁର ମନ ଲାଗୀ ।।**
**ଲମ୍ପଟ କୁଟିଳ କପଟୀ ବିସେଷୀ ।**
**ସପନେହୁଁ ସନ୍ତ ସଭା ନହିଁ ଦେଖୀ ।।**

(ବା.କା- ଦୋହା ୧୧୪-୧)

**କହହିତେ ବେଦ ଅସଂମତ ବାନୀ ।**
**ଜିହ୍ମକେ ସୁଝ ଲାଭୁ ନହିଁ ହାନୀ ।।**
**ମୁକୁର ମଳିନ ଅରୁ ନୟନ ବିହୀନା ।**
**ରାମ ରୂପ ଦେଖହି କିମି ଦୀନା ।।**

(ବା. କା- ଦୋହା ୧୧୪-୨)

(ଅର୍ଥାତ୍) ଶିବ ପାର୍ବତୀଙ୍କୁ କହୁଛନ୍ତି କି, ହେ ପାର୍ବତୀ ! ମୋହ ବଶରେ ତୁମେ ଯାହା କହିଲ ଯେ, ବେଦରେ ଗାନ କରାଯାଉଥିବା ଓ ମୁନିମାନଙ୍କର ଉପାସ୍ୟ ରାମ ଅନ୍ୟ କେହି ଅଟନ୍ତି (ଦାଶରଥୀ ରାମ ନୁହନ୍ତି) ଏହି କଥା ମୋତେ ଭଲ ଲାଗିଲା ନାହିଁ । ଯେଉଁମାନେ ମୋହାରୂପି ପିଶାଚଗ୍ରସ୍ତ, ପାଖଣ୍ଡି, ଭଗବାନଙ୍କ ଚରଣ ବିମୁଖ, ଯେଉଁମାନେ ସତ୍ୟ ଓ ମିଥ୍ୟା କ'ଣ ଜାଣନ୍ତି ନାହିଁ, ସେପରି ଅଧମ ମାନବ ହିଁ ଏପରି କହନ୍ତି ।

ଯେଉଁମାନେ ଅଜ୍ଞାନୀ, ମୁର୍ଖ, ଅନ୍ଧ ଏବଂ ଭାଗ୍ୟହୀନ ଅଟନ୍ତି, ଯାହାର ମନରୂପୀ ଦର୍ପଣରେ ବିଷୟରୂପୀ କାଳିମା ଜମା ହୋଇ ରହିଛି, ଯେଉଁମାନେ ବ୍ୟଭିଚାରୀ, ଛଳୀ ଏବଂ କୁଟୀଳ ଚରିତ୍ରର ଅଟନ୍ତି, ଯେଉଁମାନେ ସ୍ୱପ୍ନରେ ମଧ୍ୟ

ସନ୍ଥ ସମାଜର ଦର୍ଶନ କରି ନାହାନ୍ତି, ସେହିମାନେ ହିଁ ଏପରି ବେଦ ବିରୁଦ୍ଧ କଥା କହିଥାନ୍ତି ।

**ସମୀକ୍ଷା:**

ରାମଚରିତ ମାନସର ଉପରୋକ୍ତ ବଚନ ସମୂହରୁ ସ୍ପଷ୍ଟ ହୋଇଯାଉଛି ଯେ, ରାମ ଶବ୍ଦ ରମଣୀୟ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ ହୋଇନି ବରଂ ଦାଶରଥୀ ରାମଙ୍କୁ ବେଦ ପ୍ରତିପାଦିତ ଈଶ୍ୱର ରୂପେ ସିଦ୍ଧ କରିବା ପାଇଁ ପ୍ରବଳ ଚେଷ୍ଟା କରାଯାଇଛି । ନିଜର ଅବୈଦିକ ମାନ୍ୟତା ଉପରେ ବୈଦିକ ଲେପ ବୋଳିଦେବା ଅଭିଳାଷ ନେଇ ଏତାଦୃଶ ଅବୈଦିକ ମାନ୍ୟତାକୁ ସମାଜ ଉପରେ ଲଦିଦେବା ପାଇଁ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରାଯାଇଥିବା ରାମଚରିତ ମାନସରୁ ଅନେକତ୍ର ପ୍ରାପ୍ତ ହେଉଛି । ଏହାକୁ ଅସ୍ୱୀକାର କରିବା ବ୍ୟକ୍ତିମାନଙ୍କୁ ଲମ୍ପଟ, ବ୍ୟଭିଚାରୀ ଆଦି କହିବା ପାଇଁ ମଧ୍ୟ କୁଣ୍ଠାବୋଧ କରାଯାଇନି । ବେଦରେ ଲେଖା ନଥିବା ବିଷୟକୁ ବେଦରେ ଲେଖାଯାଇଛି ବୋଲି କହିବା ଏବଂ ଏହି ମିଥ୍ୟାକୁ ଅସ୍ୱୀକାର କରିବା ବ୍ୟକ୍ତିଙ୍କୁ ବେଦ ବିରୋଧୀ ଆଖ୍ୟା ଦେଇ ଅନୁଚିତ ଶବ୍ଦ ମାଧ୍ୟମରେ ସମ୍ବୋଧନ କରିବା, ଏତାଦୃଶ ବିଚାର କେବଳ ରାମଚରିତ ମାନସରେ ହିଁ ସ୍ଥାନ ପାଇପାରିବ । ନିଜର ମିଥ୍ୟା ମାନ୍ୟତାକୁ ସମାଜ ଉପରେ ଲଦି ଦେବାପାଇଁ ପ୍ରବଳ ଅପପ୍ରୟାସ କରିଛି ।

***ପ୍ରଶ୍ନ:*** ***ବେଦରୁ ଦୁଇ ଚାରିଟି ମନ୍ତ୍ର / ମନ୍ତ୍ରାଂଶର ପ୍ରମାଣ ଦେଇ ଅବତାରବାଦକୁ ଅବୈଦିକ ତଥା ମିଥ୍ୟା ବୋଲି କହିବା ଯୁକ୍ତିଯୁକ୍ତ ମନେ ହେଉନି । ହୁଏତ ବେଦର ଅନ୍ୟ କୌଣସି ମନ୍ତ୍ରରେ ଈଶ୍ୱରଙ୍କର ଦେହ ଧାରଣ କରିବା ବିଷୟ ଲେଖା ଯାଇଥିବ । ଏପରି ସମ୍ଭାବନାକୁ ଏଡ଼ାଇ ଦେବା କ'ଣ ଉଚିତ ହେଉଛି ?***

ଉତ୍ତର: ରାମଚରିତ ମାନସର ତଥ୍ୟାବଳୀକୁ ତଥା ଅବତାରବାଦକୁ ବିନା ବିଚାରରେ ସ୍ୱୀକାର କରିନେଇଥିବା ବ୍ୟକ୍ତିମାନେ ହିଁ ବେଦରେ ପରସ୍ପର ବିରୁଦ୍ଧ ବିଚାର ଥାଇପାରେ ବୋଲି କହିଥାନ୍ତି । ଏହାର ମୂଳ କାରଣ ଏହିକି ରାମଚରିତ ମାନସରେ ଈଶ୍ୱରଙ୍କ ସ୍ୱରୂପ ପ୍ରସଙ୍ଗରେ ଅନେକ ସ୍ଥଳରେ ପରସ୍ପର ବିରୁଦ୍ଧ ବିଚାର ସ୍ଥାନ ପାଇଛି । ଉଦାହରଣତଃ–

**ବିନୁ ପଦ ଚଲଇ ସୁନଇ ବିନୁ କାନା ।**
**କର ବିନୁ କରମ କରଇ ବିଧି ନାନା ॥**
**ଆନନ ରହିତ ସକଲ ରସ ଭୋଗୀ ।**
**ବିନୁ ବାନୀ ବକତା ବଡ଼ ଜୋଗୀ ॥**

(ବା.କା- ଦୋହା ୧୧୭-୩)

**ତନ ବିନୁ ପରସ ନୟନ ବିନୁ ଦେଖା ।**
**ଗ୍ରହଇ ଘ୍ରାନ ବିନୁ ବାସ ଅଶେଷା ॥**
**ଅସି ସବ ଭାନ୍ତି ଅଲୌକିକ କରନି ।**
**ମହିମା ଯାସୁ ଯାଇ ନହିଁ ବରନି ॥**

(ବା.କା- ଦୋହା ୧୧୭-୪)

(ଅର୍ଥାତ୍) ଈଶ୍ୱର ପାଦ ବିନା ଚାଲନ୍ତି, ଜିହ୍ୱା ବିନା ରସ ଆସ୍ୱାଦନ କରନ୍ତି, କାନ ବିନା ଶୁଣନ୍ତି, ବିନା ହାତରେ ଅନେକ କର୍ମ କରନ୍ତି, ବାଣୀ ବିନା କହିପାରନ୍ତି, ବିନା ନୟନରେ ଦେଖନ୍ତି, ନାସା ବିନା ଘ୍ରାଣ କରନ୍ତି । ସେ ଏହିପରି ଏକ ଅଲୌକିକ ସତ୍ତା ଅଟନ୍ତି ।

ଏହାର ବିରୁଦ୍ଧରେ ଲେଖାଯାଇଛି-

**ଜୋହି ଇମି ଗାବହି ବେଦ ବୁଦ୍ଧ ଜାହି ଧରହିଁ ମୁନି ଧ୍ୟାନ ।**
**ସୋଇ ଦଶରଥ ସୂତ ଭଗତ ହିତ କୋଶଳ ପତି ଭଗବାନ ॥**

(ବା.କା- ଦୋହା ୧୧୮)

(ଅର୍ଥାତ୍) ବେଦ ଓ ବୁଦ୍ଧ ଯାହାକୁ ଏପରି କହନ୍ତି (ପୂର୍ବ ଚୌପାଇ), ମୁନିମାନେ ଯାହାକୁ ଧ୍ୟାନ କରନ୍ତି, ସେହିଁ ଭକ୍ତ ହିତକାରୀ ଦଶରଥ ନନ୍ଦନ 'ରାମ' ଅଟନ୍ତି ।

ଊର୍ଦ୍ଧ୍ୱ ଲିଖିତ ରାମଚାରିତମାନସର ବଚନ ସମୂହର ସତ୍ୟାସତ୍ୟ ସମ୍ବନ୍ଧରେ ଏତିକି କହିହେବ ଯେ ବୈଦିକ ସିଦ୍ଧାନ୍ତାନୁଯାୟୀ ଈଶ୍ୱର ଏକ ଭୌତିକ ଶରୀର ରହିତ (ଯଜୁର୍ବେଦ ୪୦ ଅଧ୍ୟାୟ ମନ୍ତ୍ର ସଂଖ୍ୟା-୮, ଏହି ବହିର ପୃ. ୩୨ ଦ୍ରଷ୍ଟବ୍ୟ) ଏକରସ ଚେତନ ସତ୍ତା ଅଟନ୍ତି । ସୃଷ୍ଟି ନିର୍ମାଣ ପାଇଁ ତାଙ୍କୁ ହସ୍ତ ପଦାଦି ଭୌତିକ ସାଧନ ଆବଶ୍ୟକ ହୁଏନି । ଅତଏବ ଇନ୍ଦ୍ରିୟବିନା ସେ ରୂପରସାଦି ବିଷୟ ସେବନ

କରନ୍ତି ବୋଲି କହିବା ସମ୍ପୂର୍ଣ୍ଣ ଅଯୌକ୍ତିରେ ଅଟେ । ଇନ୍ଦ୍ରିୟ ରହିତ ଏକରସ ଈଶ୍ୱର ନିଜର ଅପରିବର୍ତ୍ତନୀୟ ଗୁଣକୁ ତ୍ୟାଗକରି ଭକ୍ତର ହିତ ପାଇଁ ଇନ୍ଦ୍ରିୟ ସହିତ ଦେହ ଧାରଣକରି, ଜିହ୍ୱାଦ୍ୱାରା ରସାସ୍ୱାଦନ, କର୍ଣ୍ଣଦ୍ୱାରା ଶବ୍ଦ ଗ୍ରହଣ, ନେତ୍ରଦ୍ୱାରା ରୂପ ଦର୍ଶନ କଲେ ବୋଲି କହିବା ମଧ୍ୟ ଅଯୌକ୍ତିକ ଅଟେ । ଅତଏବ ଅପରିବର୍ତ୍ତନୀୟ ଏକରସ ଈଶ୍ୱରଙ୍କ ଉପରେ ପରିବର୍ତ୍ତନୀୟ ଗୁଣ ଆରୋପ କରିଥିବା ରାମଚରିତମାନସର ପରସ୍ପର ବିରୁଦ୍ଧ ବିଚାରକୁ ତ୍ୟାଜ୍ୟ କୋଟୀକୁ ନିକ୍ଷେପ କରିବା ନିହାତି ଉଚିତ ।

ଋଷିକୃତ ଆର୍ଷ ସାହିତ୍ୟମାନଙ୍କରେ ପରସ୍ପର ବିରୁଦ୍ଧ ମନ୍ତବ୍ୟ ଆଦୌ ସ୍ଥାନ ପାଇନଥିବା ସ୍ଥଳରେ ପରମାର୍ଷି ବେଦରେ ପରସ୍ପର ବିରୁଦ୍ଧ ବିଚାର ସ୍ଥାନ ପାଇଥିବ ଏବଂ ଅନ୍ୟ କୌଣସି ମନ୍ତ୍ରରେ ଅବତାରବାଦ (ଈଶ୍ୱରଙ୍କର ମାନବାଦୀ ଦେହ ଧାରଣ) ଲେଖାଯାଇଥିବ ବୋଲି କହିବାରେ ଲେଶମାତ୍ର ସତ୍ୟର ସ୍ପର୍ଶ ନାହିଁ ।

**ଶଙ୍କା:**

ତୁଳସୀ ଦାସଙ୍କ ପରି ଜଣେ ଉଚ୍ଚକୋଟୀର ସନ୍ଥ ବେଦାଧ୍ୟୟନ ନକରି ବେଦ ସମ୍ବନ୍ଧରେ କିଛି ଅନୁଚିତ ମନ୍ତବ୍ୟ ଦେଇଥିବେବୋଲି ବିଶ୍ୱାସ ହେଉନି । ହୁଏତ ଅନ୍ୟ କୌଣସି ବ୍ୟକ୍ତି ରାମଚାରିତମାନସରେ କିଛି ପ୍ରକ୍ଷିପ୍ତ କରିଛନ୍ତି ଏବଂ ଅମେ ସେହି ପ୍ରକ୍ଷିପ୍ତ ସହିତ ରାମଚାରିତମାନସକୁ ପଢୁଛନ୍ତି ।

**ସମାଧାନ:**

ରାମଚରିତ ମାନସରେ କିଛି ପ୍ରକ୍ଷିପ୍ତ ହୋଇଥିବା ବିଷୟ ନେଇ ଅଳ୍ପ କିଛି ପ୍ରବଚକ ଅତି କ୍ଷୀଣସ୍ୱରରେ କହିଥାନ୍ତି । ଏହି ବିଷୟରେ କିଛି ସ୍ପଷ୍ଟ ମନ୍ତବ୍ୟ ପ୍ରାପ୍ତ ହେଉନି । କିନ୍ତୁ ରାମଚାରିତମାନସ ପୁସ୍ତକ (ଶ୍ରୀଗୋବିନ୍ଦଭବନ କାର୍ଯ୍ୟାଳୟ-ଗୀତାପ୍ରେସ, ଗୋରଖପୁରଦ୍ୱାରା ମୁଦ୍ରିତ ଓ ପ୍ରକାଶିତ- ସଂ ୨୦୪୬, ୩୩ତମ ସଂସ୍କରଣ- ଟିକାକାର ହନୁମାନପ୍ରସାଦ ପୋଦ୍ଦାର) ପ୍ରାରମ୍ଭରେ ଲେଖାଥିବା ତୁଳସୀ ଦାସଙ୍କ ଜୀବନୀରୁ ଯାହା ଜଣାଯାଉଛି, ତାଙ୍କର ଜୀବନୀରେ କିଛି ଆଶ୍ଚର୍ଯ୍ୟ ତଥା ଅଲୌକିକ ବିଷୟ ଯୋଡ଼ି ଦିଆଯାଇଛି । ଯେମିତିକି;

- ତୁଳସୀ ଦାସ ଜନ୍ମ ସମୟରେ 'ରାମ ଶବ୍ଦ' ଉଚ୍ଚାରଣ କରିଥିଲେ । ଜନ୍ମ ବେଳକୁ ପାଟିରେ ୩୨ ଗୋଟି ଦାନ୍ତ ଥିଲା ।
- ଜଗଜ୍ଜନନୀ ପାର୍ବତୀ ବ୍ରାହ୍ମଣୀ ବେଶରେ ଆସି ଅନାଥ ତୁଳସୀ ଦାସଙ୍କୁ ଖୁଆଇ ଦେଉଥିଲେ ।
- ତୁଳସୀ ଦାସ, ହନୁମାନ, ରାମ, ଲକ୍ଷ୍ମଣ, ଶିବ, ପାର୍ବତୀ ଓ ଅନ୍ନପୂର୍ଣ୍ଣା ଆଦିଙ୍କୁ ଦେଖିଥିଲେ ।
- ରାମଚନ୍ଦ୍ର ତୁଳସୀ ଦାସଙ୍କଠାରୁ ଚନ୍ଦନଟିକା ନେଇଥିଲେ ଓ ତୁଳସୀ ଦାସଙ୍କୁ ଲଗାଇ ଦେଇଥିଲେ ।
- କୌଣସି ବଟ ଗଛମୂଳରେ ତୁଳସୀ ଦାସ ଭରଦ୍ୱାଜ ଓ ଯାଜ୍ଞବଲ୍‌କ୍ୟ ମହର୍ଷିଙ୍କୁ ଦେଖିଥିଲେ ।

ଏଥିରୁ ସ୍ପଷ୍ଟ ହେଉଛି ଯେ ତୁଳସୀ ଦାସଙ୍କୁ ଏକ ଶ୍ରେଷ୍ଠ ସନ୍ଥରୂପେ ଚିତ୍ରଣ କରିବା ଅଭିପ୍ରାୟ ନେଇ, କୌଣସି ଜୀବନୀ ଲେଖକ ମିଥ୍ୟାର ଆଶ୍ରୟ ନେଇଛନ୍ତି ଏବଂ ଅନୁଚିତ ପ୍ରୟାସ କରିଛନ୍ତି । ବୁଦ୍ଧି ପୂର୍ବକ ବିଚାର କଲେ ମିଥ୍ୟା ଜଣାପଡ଼ିଯାଉଛି । ଏତଦ୍ ବ୍ୟତିରେକ ରାମଚରିତମାନସକୁ ସର୍ବଶ୍ରେଷ୍ଠ – ବେଦଠାରୁ ମଧ୍ୟ ଉର୍ଦ୍ଧ୍ୱରେ ବୋଲି ମାନ୍ୟତା ଦେବାକୁ ଯାଇ କିପରି ଅଘଟିତ ମିଥ୍ୟା ଘଟଣା ଅବତାରଣା କରିଛନ୍ତି ତାହା ଏହି ପ୍ରବନ୍ଧର ପ୍ରଥମ ପୃଷ୍ଠାରେ ଦର୍ଶାଇ ଦିଆଯାଇଛି ।

ରାମଚରିତ ମାନସ ଗ୍ରନ୍ଥ ରଚନା ସମ୍ବନ୍ଧରେ ଦୃଢ଼ କଣ୍ଠରେ ଏତିକି କୁହାଯାଇପାରିବ ଯେ ସନ୍ଥ ତୁଳସୀ ଦାସ ନିଜର ପୂର୍ବଜ୍ଞାନ ଆଧାରରେ, ବିଲକ୍ଷଣ କାବ୍ୟ ରଚନା ପ୍ରତିଭାକୁ ଉପଯୋଗ କରି ସୁସ୍ଥ ଚିତ୍ତରେ ରାମଚାରତମାନସ ଗ୍ରନ୍ଥ ରଚନା କରିଛନ୍ତି । ଗ୍ରନ୍ଥ ରଚନା ପ୍ରାରମ୍ଭରେ ସେ ଏକ ମନ୍ତବ୍ୟ ଦେଇଛନ୍ତି ଯେ "ନାନାପୁରାଣ ନିଗମାଗମସମ୍ମତଂ....ମଞ୍ଜୁଳ ମାତନେତି–କାବ୍ୟପ୍ରାରମ୍ଭ ଶ୍ଳୋକ ୭'' । ଏଥିରୁ ସ୍ପଷ୍ଟ ହେଉଛି ଯେ ବେଦରେ ରାମାୟଣ ସମ୍ବନ୍ଧରେ କିଛି ଲେଖାଯାଇଥିବା ସେ ସ୍ୱୀକାର କରିଛନ୍ତି । ଏହି ମିଥ୍ୟା ମାନ୍ୟତାକୁ ଗ୍ରନ୍ଥ ମଧ୍ୟରେ ଅନେକତ୍ର ସ୍ଥାନ ଦିଆଯାଇଛି ଏବଂ ଏହି ମାନ୍ୟତା ଗ୍ରନ୍ଥ ସମାପ୍ତ ପର୍ଯ୍ୟନ୍ତ ବଳବତ୍ତର ରହିଛି । ଗ୍ରନ୍ଥ ଶେଷରେ ଲେଖିଛନ୍ତି:–

**ରାମକଥା ଗିରିଜା ମୈ ବରନି ।**
**କଲି ମଲ ସମନି ମନୋମଲ ହରନୀ ।।**
**ସଂସୃତି ରୋଗ ସଂଜୀବନ ମୂରୀ ।**
**ରାମକଥା ଗାବହି ଶ୍ରୁତିସୂରୀ ।।** (ଉ.କା-ଦୋ ୧୨୮-ଚୌପାଇ-୧)

(ଅର୍ଥାତ୍) ଜନ୍ମ ମରଣ ରୂପୀ ରୋଗକୁ ନାଶ କରିବା ପାଇଁ ରାମ କଥା ସଂଜିବନୀ ଔଷଧ ତୁଲ୍ୟ ଅଟେ । ବେଦ ଓ ବିଦ୍ୱାନ୍ ମାନେ ଏପରି କହନ୍ତି ।

ସନ୍ଥ ତୁଳସୀ ଦାସଜୀ ଗ୍ରନ୍ଥ ରଚନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାମକଥାକୁ ବେଦାନୁକୂଳ ସିଦ୍ଧ କରିବା ପାଇଁ ଅନବରତ ପ୍ରୟାସ କରିଛନ୍ତି । ଅତଏବ ବେଦ ସମ୍ବନ୍ଧରେ ରାମଚରିତମାନସରେ ଯାହା ସବୁ ଲେଖାଯାଇଛି, ସେସବୁ କୌଣସି ଇତର ବ୍ୟକ୍ତିଙ୍କ ଦ୍ୱାରା ପ୍ରକ୍ଷିପ୍ତ କରାଯାଇଛି କହିବାରେ କୌଣସି ବଳିଷ୍ଠ ପୃଷ୍ଠଭୂମି ନାହିଁ । ଅଧିକନ୍ତୁ ବରଂ ଏପରି କହିବା ଉଚିତ ହେବଯେ, ରାମଚରିତମାନସକୁ ବେଦ ସମାନ ଓ ବେଦଠାରୁ ଊର୍ଦ୍ଧ୍ୱରେ ବୋଲି ପ୍ରତିବାଦିତ କରିବା ପାଇଁ ତୁଳସୀ ଦାସଜୀ ଓ ତାଙ୍କର ଅନୁଯାୟୀମାନେ ପ୍ରବଳ ଅନୁଚିତ ପ୍ରୟାସ କରିଛନ୍ତି । ପରିଣାମତଃ ରାମଚାରିତମାନସରୁ ଇଶ୍ୱରଙ୍କ ସ୍ୱରୂପ ଓ ଉପାସନା ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ ତଥା ସ୍ଥିର ବିଚାର ପ୍ରାପ୍ତ ହୋଇପାରୁନି । ଏକ ପକ୍ଷରେ ବେଦର ମହାନତା ଗାନ କରାଯାଇ ଅନ୍ୟପକ୍ଷରେ ବେଦ ସମ୍ବନ୍ଧରେ ସମାଜକୁ ମିଥ୍ୟା ବାର୍ତ୍ତା ଦିଆଯାଇଛି ।

***ପ୍ରଶ୍ନ: ରାମଚନ୍ଦ୍ରଙ୍କୁ ଈଶ୍ୱରଙ୍କ ଅବତାର ରୂପେ ପ୍ରତିପାଦନ କରିବା ପାଇଁ ତୁଳସୀ ଦାସଜୀ ସମସ୍ତ ଶାସ୍ତ୍ରକୁ ଆଧାର ରୂପେ ପ୍ରୟୋଗ କରିଥିବା ସ୍ଥଳେ, ରାମଚରିତମାନସରେ ଈଶ୍ୱର ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ କିମ୍ବା ସ୍ଥିର ବିଚାର ନାହିଁ ବୋଲି କିପରି କହିବା ?***

**ଉତ୍ତର:** ରାମଚରିତମାନସରେ ଈଶ୍ୱରଙ୍କ ସ୍ୱରୂପ ସମ୍ବନ୍ଧରେ କିପ୍ରକାର ବିଚାର ଉପସ୍ଥାପନା କରାଯାଇଛି, ତାହା ପ୍ରାଞ୍ଜଳ ରୂପେ ଆଲୋଚନା କରି ସମାଜକୁ ସତ୍ୟ ବାର୍ତ୍ତା ଦେବା ଉଚିତ ହେବ । (ପରବର୍ତ୍ତୀ ପ୍ରବନ୍ଧ ଦ୍ରଷ୍ଟବ୍ୟ)

■■

# ରାମଚରିତ ମାନସରେ ଈଶ୍ୱର ପ୍ରସଙ୍ଗ

ସୁନାମଧନ୍ୟ ପ୍ରବଚକ 'ମାନସହଂସ ଶ୍ରୀମାନ୍ ସର୍ବଗ୍ରାହୀ ଶର୍ମା' ମହାଶୟ ବ୍ୟାସାସନରେ ବିରାଜମାନ ହୋଇ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବୁଝାଉଥାନ୍ତି, ଦେଖ ! ତୁମେମାନେ ବଡ଼ ଭାଗ୍ୟବାନ ଏଇଥିପାଇଁ ଯେ, ଯେଉଁ ରାମଚରିତମାନସକୁ ସ୍ୱୟଂ 'କାଶୀନାଥ' ମହାଦେବ ବେଦଠାରୁ ମଧ୍ୟ ଊର୍ଦ୍ଧ୍ୱରେ ବୋଲି ସିଦ୍ଧ କରିଛନ୍ତି, ଆମେ ଆଜି ସେହି ବିଷୟରେ ବିଚାର ବିମର୍ଷ କରୁଛନ୍ତି ।

ଠିକ୍ ଏହି ସମୟରେ କେହି ଜଣେ ଜିଜ୍ଞାସୁ ପ୍ରଶ୍ନ କଲେକି;

**ଜିଜ୍ଞାସୁ:** ମହାରାଜ୍ ! ମୋର କିଛି ଶଙ୍କା ସମାଧାନ ପାଇଁ କିଛି ପଚାରି ପାରିବିକି ?

**ମାନସହଂସ:** ବିନା ଦ୍ୱିଧାରେ ପଚାର ।

**ଜିଜ୍ଞାସୁ:** ମହାଶୟ ! ରାମଚରିତ ମାନସ "ବେଦଠାରୁ ମଧ୍ୟ ଊର୍ଦ୍ଧ୍ୱରେ" ବୋଲି ଯେଉଁ ପ୍ରକାରେ ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନରେ ଲେଖାଯାଇଛି, ଯାହାକି ଏବେ ଆପଣ କହିଲେ, ତାହା ଏକ ସତ୍ୟ ଘଟଣା ପରି ଆପଣଙ୍କର ହୃଦ୍‌ବୋଧ ହେଉଛି ?

**ମାନସହଂସ:** ସତ୍ୟ କିମ୍ବା ମିଥ୍ୟା ବିଷୟରେ ଆମେ ଚିନ୍ତା କରିନୁ । ତୁଳସୀ ଦାସଙ୍କ ଜୀବନୀରେ ଯାହା ଲେଖାଅଛି, ଆମେ ତାହାହିଁ କହୁଛୁ । ଆମେ ରାମଚରିତମାନସରେ ଈଶ୍ୱରଙ୍କର ଶୁଦ୍ଧ ସ୍ୱରୂପ ସମ୍ବନ୍ଧରେ ଯାହା ଲେଖାଯାଇଛି ତାହା ପ୍ରଚାର କରୁଛୁ । ଯଥା-

**ଏକ ଅନୀହ ଅରୂପ ଅନାମା ।**
**ଅଜ ସଚ୍ଚିଦାନନ୍ଦ ପରଧାମା ।।**
**ବ୍ୟାପକ ବିଶ୍ୱରୂପ ଭଗବାନା ।**
**ତେହିଧରିଦେହ ଚରିତ କୃତନାନା ।।**

(ରାଚମା-ବାଳକାଣ୍ଡ-ଦୋହା ୧୨-ଚୌ-୨)

(ଅର୍ଥାତ୍) ବ୍ରହ୍ମ ଏକ, ଅରୂପ, ଅନାମ, ଅଜନ୍ମା, ବ୍ୟାପକ, ବିଶ୍ୱରୂପ, ସଚ୍ଚିଦାନନ୍ଦ ଅଟନ୍ତି । ସେହି ବ୍ରହ୍ମ ଦେହ ଧାରଣ କରି ନାନାପ୍ରକାର କର୍ମ କରନ୍ତି । ବ୍ରହ୍ମ, ଦଶରଥସୁତ ରାମଚନ୍ଦ୍ର ରୂପେ ଦେହ ଧାରଣ କରିଥିବାରୁ, ଆମେସେହି ରାମଚନ୍ଦ୍ରଙ୍କର ହିଁ ଭଜନ କରିବା ପାଇଁ ଜନସାଧାରଣଙ୍କୁ ଉପଦେଶ ଦେଇ ଆସୁଛୁ ।

**ଜିଜ୍ଞାସୁ:** ଆଜ୍ଞା ! ଈଶ୍ୱର ଏକ ଏବଂ ସେ ରାମଚନ୍ଦ୍ର ରୂପେ ଜନ୍ମନେଲେ ବୋଲି ଆପଣ କହୁଛନ୍ତି । କିନ୍ତୁ ରାମଚରିତମାନସରେ ଲେଖାଯାଇଛି ଯେ:-

**ତିହ୍ନକେ ଗୃହ ଅବତରିହଉଁ ଜାଇ ।**
**ରଘୁକୁଳ ତିଳକ ସୋ ଚାରିଉ ଭାଇ ॥**

(ରାଚମା-ବାଲା-ଦୋ ୧୮୬-ଚୌ-୩)

(ଅର୍ଥାତ୍) ଭଗବାନ କହୁଛନ୍ତି ଯେ ମୁଁ ରଘୁକୁଳ ତିଳକ ଚାରିଭାଇ ରୂପେ ଜନ୍ମ ନେବି । ତାହାହେଲେ ଭଗବାନ କେବଳ ରାମଚନ୍ଦ୍ର ରୂପେ ଜନ୍ମ ନେଲେ ବୋଲି କହିବା ଅଯୌକ୍ତିକର ମନେ ହୁଏନିକି ?

**ମାନସ ହଂସ:** ମୋ ସହ କଥା ହେବାକୁ ଇଚ୍ଛାଥିଲେ, ରାମଚରିତମାନସ ଭଲ ଭାବେ ପଢ଼ିବ, ତା'ପରେ ଆସିବ । ଯାଅ, ଏଠାକୁ କାହିଁକି ଆସିଛ ? ଏତେ କଥା କାହିଁକି ପଚାରୁଛ ?

**ଜିଜ୍ଞାସୁ:** ଆଜ୍ଞା ଆହୁରି ଲେଖାଯାଇଛି ଯେ:-

**ବିଶ୍ୱଭରନ ପୋଷନ କର ଜୋଇ ।**
**ତାକର ନାମ ଭରତ ଅସ ହୋଇ ॥**

(ରାଚମା-ବାକା-ଦୋହା ୧୯୬-ଚୌପାଇ-୪)

(ଅର୍ଥାତ୍) ବିଶ୍ୱକୁ ଯିଏ ଭରଣ ପୋଷଣ କରନ୍ତି ତାଙ୍କର ନାମ 'ଭରତ' ରୂପେ ଖ୍ୟାତ ହେବ । ତାହାହେଲେ ଭଗବାନ 'ରାମ' ରୂପେ ଜନ୍ମ ଗ୍ରହଣ କଲେ ବୋଲି କହିବା ଖଣ୍ଡିତ ହେଲାନିକି ?

ପୁଣି ଲେଖାଯାଇଛି ଯେ:-

**ଶେଷ ସହସ୍ରଶିଷ ଜଗକାରନ ।**
**ଜୋ ଅବତରେଉ ଭୂମିଭୟ ଟାରନ ॥**

**ସଦାସୋ ସାନୁକୂଳ ରହମୋପର ।**
**କୃପା ସିନ୍ଧୁ ସୌମିତ୍ରି ଗୁନାକର ॥**

(ରାଚମା- ବାକା-ଦୋହା ୧୬. ଚୌ-୪)

(ଅର୍ଥାତ୍) ଜଗତର କାରଣ ସହସ୍ରଶିର ଶେଷଜୀ, ଯେକି ପୃଥିବୀର ଭୟ ଦୂର କରିବା ପାଇଁ ଅବତାର ନେଇଛନ୍ତି ସେହି ଗୁଣର ଭଣ୍ଡାର କୃପାସିନ୍ଧୁ ସୁମିତ୍ରା ନନ୍ଦନ ଲକ୍ଷ୍ମଣ ମୋ ଉପରେ ସଦାସର୍ବଦା ପ୍ରସନ୍ନ ରହନ୍ତୁ । ଏଠାରେ ଲକ୍ଷ୍ମଣଙ୍କୁ ଜଗତର କାରଣ ବୋଲି କୁହାଗଲା । ତାହାହେଲେ ରାମଚନ୍ଦ୍ର ?

ଅନ୍ୟ ପକ୍ଷରେ ଯଦି ଶେଷଜୀ ଲକ୍ଷ୍ମଣରୂପେ ଅବତୀର୍ଣ୍ଣ ହେଲେ ବୋଲି ନିଶ୍ଚୟ କରିନେବା, ତାହାହେଲେ ଭଗବାନ ଚାରି ଭାଇ ରୂପେ ଜନ୍ମନେଲେ ବୋଲି କିପରି କହିହେବ ?

ପୁଣି ସେହି ରାମଚରିତ ମାନସରେ ଲେଖାଯାଇଛି ଯେ ଶୀବଜୀ ଶେଷ ନାଗକୁ ଗଳାରେ ଧାରଣ କରିଛନ୍ତି । ତାହାହେଲେ ଶେଷନାଗ ଲକ୍ଷ୍ମଣ ରୂପେ ଅବତାର ନେଲେ ବୋଲି କିପରି ବିଶ୍ୱାସ କରିହେବ ? ଆମେ କେଉଁ ନିର୍ଯ୍ୟାସରେ ପହଞ୍ଚିବା ?

ଭଗବାନ ରାମ ରୂପେ ଜନ୍ମନେଲେ, ନା ଭଗବାନ ଚାରିଭାଇ ରୂପେ ଜନ୍ମନେଲେ, ନା ଭଗବାନ ଭରତ ରୂପେ ଜନ୍ମ ନେଲେ ? ଶେଷନାଗ ଲକ୍ଷ୍ମଣ ରୂପେ ଜନ୍ମଗ୍ରହଣ କଲେ ନା ଭଗବାନ ଲକ୍ଷ୍ମଣ ରୂପେ ଜନ୍ମଗ୍ରହଣ କଲେ ? ନା ଶେଷନାଗ ଶିବଙ୍କର ଗଳାରେ ରହିଲେ ? ରାମଚରିତ ମାନସର ମୌଳିକ ମାନ୍ୟତା କ'ଣ ?

**ମାନସ ହଂସ:** ତୁମେ ଯାହା ପଚାରିବ ଆମେ ସେସବୁର ଉତ୍ତର ଦେବାକୁ ବାଧ୍ୟ ନୋହୁ । ତୁମପରି ଲୋକମାନଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ଆମେ ପସନ୍ଦ କରୁନୁ ।

**ଜିଜ୍ଞାସୁ:** ଆଜ୍ଞା ! ପଚାରିବା ପାଇଁ ଆପଣ ଅନୁମତି ଦେଇଥିବାରୁ ପଚାରି ଦେଲି । ଏଥିରେ ମୋର ଦୋଷ କେଉଁଠାରେ ରହିଲା ? ଦୟାକରି ଶୁଣନ୍ତୁ ! ରାମଚରିତମାନସରେ ଲେଖାଯାଇଛି ଯେ:-

**ପ୍ରଚଣ୍ଡଂ ପ୍ରକୃଷ୍ଟଂ ପ୍ରଗଲ୍ଭ ପରେଶଂ ।**
**ଅଖଣ୍ଡଂ ଅଜଂ ଭାନୁ କୋଟି ପ୍ରକାଶଂ ।।**
**ତ୍ରୟଃ ଶୂଳ ନିର୍ମୂଳନଂ ଶୂଳ ପାଣିଂ ।**
**ଭଜେହଂ ଭବାନି ପତିଂ ଭାବଗମ୍ୟଂ ।।**

(ରାଚମା-ଉ.କା-ଦୋହା ୧୦୭ଖ / ୫)

ଅର୍ଥାତ୍ ରୁଦ୍ର ରୂପ, ଶ୍ରେଷ୍ଠ, ତେଜସ୍ୱୀ, ପରମେଶ୍ୱର, ଅଖଣ୍ଡ, ଅଜନ୍ମା, ତ୍ରିତାପ ନାଶକ, ଶୂଳପାଣି, ଭାବଗମ୍ୟ ଭବାନୀ ପତି ଶଙ୍କରଙ୍କୁ ମୁଁ ଭଜନ କରୁଛି ।

ଏଠାରେ ଶଙ୍କରଙ୍କୁ ପରମେଶ୍ୱର ରୂପେ ସ୍ତୁତି କରାଗଲା । ତାହାହେଲେ ଆମେ ରାମଚନ୍ଦ୍ରଙ୍କୁ ପରମେଶ୍ୱର ରୂପେ ଗ୍ରହଣ କରିବା ନା ଶଙ୍କରଙ୍କୁ ? ଅନ୍ୟଏକ ପ୍ରସଙ୍ଗରେ ଲେଖାଯାଇଛି:-

**ନେତିନେତି ଜୋହି ବେଦ ନିରୁପା**
**ନିଜାନନ୍ଦ ନିରୂପାଧି ଅନୂପା ।**
**ଶମ୍ଭୁ ବିରଞ୍ଚି ବିଷ୍ଣୁ ଭଗବାନା**
**ଉପଜହି ଜାସୁ ଅଂଶତେ ନାନା ।।**

(ରାଚମା-ବାକା- ଦୋହା ୧୪୩, ଚୌ-୩)

(ଅର୍ଥାତ୍) ବେଦ ଯାହାକୁ ନେତିନେତି କହେ (ରାମଙ୍କୁ) ଯେ ଉପାଧି ରହିତ, ଆନନ୍ଦ ସ୍ୱରୂପ, ଅନୁପମ, ତାଙ୍କର ଅଂଶରୁ ଅନେକ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରକଟ ହୁଅନ୍ତି ।

ଏକ ପକ୍ଷରେ ରାମଚନ୍ଦ୍ରଙ୍କୁ ବିଷ୍ଣୁଙ୍କର ଅବତାର ବୋଲି କହି ଅନ୍ୟପକ୍ଷରେ ରାମଚନ୍ଦ୍ରଙ୍କର ଅଂଶରୁ ଅନେକ ବିଷ୍ଣୁ, ବ୍ରହ୍ମା, ଶିବ ପ୍ରକଟ ହୁଅନ୍ତି ବୋଲି କହିବା ଅଯୌକ୍ତିର ଓ ବୁଦ୍ଧି ବିରୁଦ୍ଧ ମନେ ହୁଏନିକି ?

**ମାନସ ହଂସ:** ରାମଚରିତମାନସରୁ ଏମିତି ପରସ୍ପର ବିରୁଦ୍ଧ ବିଚାର ଉପସ୍ଥାପନା କରିବା ପାଇଁ ତତେ ଅଧିକାର କିଏ ଦେଲା ?ତୋ ପରି ମୂର୍ଖ ଓ ମନ୍ଦମତି ବ୍ୟକ୍ତିଙ୍କର ମୁହଁ ଚାହିଁବା ପାଇଁ ଆମେ ଇଚ୍ଛା କରୁନୁ । ତୁ ଏଠାରୁ ଯେତେ ଚଞ୍ଚଳ ପାରିବୁ ଚାଲିଯା ।

**ଜିଜ୍ଞାସୁ:** ଆଜ୍ଞା, ମୋର ପ୍ରଶ୍ନ ସରିନାହିଁ । ଆହୁରି କିଛି ପଚାରିବା ପାଇଁ ବାକି ଅଛି । ଆପଣ ମୂଳରୁ ହିଁ ଧୈର୍ଯ୍ୟ ହରାଇ ସାରିଲେଣି । ଦୟାକରି ଶୁଣନ୍ତୁ ।

ଯେଉଁ ରାମଚରିତମାନସକୁ ଆପଣ ବେଦଠାରୁ ଊର୍ଦ୍ଧ୍ୱରେ ବୋଲି ସ୍ୱୀକାର କରୁଛନ୍ତି, ସେଥିରେ ଲେଖାଯାଇଛି ଯେ:-

**ଭଦ୍‌ଭବସ୍ଥିତି ସଂହାର କାରୀଣିଂ କ୍ଲେଶହାରୀଣିଂ ।**
**ସର୍ବଶ୍ରେୟସ୍କରୀଂ ସୀତା ନତୋହଂ ରାମବଲ୍ଲଭାମ୍ ।।**

(ରାଚମା-ପ୍ରଥମ ସୋପାନ, ଶ୍ଳୋକ-୫)

ତୁଳସୀ ଦାସ ସୀତାଙ୍କୁ ସ୍ତୁତି କରୁଛନ୍ତି କି, ଉତ୍ପତ୍ତି ସ୍ଥିତି ପ୍ରଳୟ କାରିଣୀ, ଦୁଃଖହାରିଣୀ, ଶ୍ରୀରାମଚନ୍ଦ୍ରଙ୍କର ପ୍ରିୟତମା ଶ୍ରୀସୀତାଜୀଙ୍କୁ ମୁଁ ନମସ୍କାର କରୁଛି । ତାହାହେଲେ ଆମେ ରାମଚନ୍ଦ୍ରଙ୍କୁ ଉତ୍ପତ୍ତି-ସ୍ଥିତି-ପ୍ରଳୟ କର୍ତ୍ତା ବୋଲି ସ୍ୱୀକାର କରିବା ନା ସୀତାଜୀଙ୍କୁ ?

× × × ×

ସୀତାଜୀ ହିମାଚଳ ସୁତା ପାର୍ବତୀଙ୍କୁ ସ୍ତୁତିକରି କହୁଛନ୍ତି ଯେ:-

**ନାହିଁ ତବ ଆଦି ମଧ ଅବସାନା ଅମିତ ପ୍ରଭାଉ ବେଦୁନହି ଜାନା ।**
**ଭବଭବ ବିଭବ ପରାଭବ କାରିନି ବିଶ୍ୱବିମୋହନି ସ୍ୱବସ ବିହାରିନି ।।**

(ରାଚମା-ବା.କା-ଦୋହା ୨୩୪ ଚୌ.୪)

ଆପଣଙ୍କ ଆଦି ମଧ ଓ ଅନ୍ତ ନାହିଁ । ଆପଣଙ୍କ ଅମିତ ପ୍ରଭାବକୁ ବେଦ ମଧ ଜାଣିପାରେନି । (ବେଦରେ ସ୍ଥାନ ପାଇନଥିବା ବିଷୟକୁ ବେଦରେ ଅଛି ବୋଲି ଲେଖିବାରେ ରାମଚରିତମାନସ ସିଦ୍ଧହସ୍ତ) । ଆପଣ ସଂସାରକୁ ଉତ୍ପନ୍ନ, ପାଳନ ଓ ସଂହାର କରନ୍ତି । ବିଶ୍ୱକୁ ବିମୋହିତ କରନ୍ତି ଓ ସ୍ୱତନ୍ତ୍ର ବିଚରଣ କରନ୍ତି ।

ଏମିତିରେ ଆମେ କାହାକୁ ଉତ୍ପତ୍ତି ସ୍ଥିତି ପ୍ରଳୟ କର୍ତ୍ତା ବୋଲି ସ୍ୱୀକରା କରିବା ? ରାମଙ୍କୁ, ନା ସୀତାଙ୍କୁ, ନା ପାର୍ବତୀଙ୍କୁ, ନା ଶଙ୍କରଙ୍କୁ ?

**ମାନସହଂସ:** ସୀତା, ପାର୍ବତୀ, ରାମ ଓ ଶଙ୍କରାଦିଙ୍କ ବିଷୟରେ କହିବାକୁ ତତେ ଅଧିକାର କିଏ ଦେଲାରେ ମୂର୍ଖ ? ରାମଚରିତ ମାନସକୁ

ସମାଲୋଚନା କରିବାକୁ ତୁ କିଏରେ ?

**ଜିଜ୍ଞାସୁ:** ଆଜ୍ଞା ! ରାମଚରିତମାନସରେ ଯାହା ଲେଖାଯାଇଛି ମୁଁ ତାହାହିଁ କହୁଛି । ଆପଣ ଏପରି ଅସ୍ଥିର ଓ କ୍ରୋଧିତ ହେଉଛନ୍ତି କାହିଁକି ?

ଶୁଣନ୍ତୁ ଆହୁରି ଲେଖାଯାଇଛି ଯେ:-

**ଯାସୁ ବିଲୋକି ଅଲୌକିକ ଶୋଭା ।**
**ସହଜ ପୁନୀତ ମୋର ମନୁ ଛୋଭା ॥**
**ସୋ ସବୁ କାରନି ଜାନ ବିଧାତା ।**
**ପଂରକହି ସୁଭଦ ଅଙ୍ଗସୁନୁ ଭ୍ରାତା ॥**

(ରାଚମା-ବାକା-ଦୋହା ୨୩୦-ଚୌପାଇ-୨)

(ଅର୍ଥାତ୍) ସୀତାଙ୍କର ଅଲୌକିକ ଶୋଭାଦେଖି ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହୁଛନ୍ତି କି ମୋର ମନରେ କାହିଁକି କ୍ଷୋଭ ଉତ୍ପନ୍ନ ହେଉଛି ତାହା ବିଧାତାହିଁ ଜାଣନ୍ତି ।

ଏଠାରେ ରାମଚନ୍ଦ୍ର ନିଜ ବ୍ୟତିରେକେ ଅନ୍ୟକୌଣସି ସତ୍ତାକୁ ବିଧାତା ରୂପେ ସ୍ୱୀକାର କରୁଛନ୍ତି । ଅନ୍ୟ ଏକ ପ୍ରକରଣରେ ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ କହୁଛନ୍ତି କି "ଦୈବ ଦୈବ ଆଳସୀ ପୁକାର ।" (ରାଚମା- ସୁ.କା-ଦୋହା ୫୦-୨) ଅର୍ଥାତ୍ ଲକ୍ଷ୍ମଣ ଏଠାରେ ଅନିଶ୍ୱର ବାଦିତା ବିଚାର ଉପସ୍ଥାପନା କରୁଛନ୍ତି ।

ତାହାହେଲେ ଆମେ ରାମଚନ୍ଦ୍ରଙ୍କୁ ବିଧାତା ରୂପେ ଗ୍ରହଣ କରିବା, କିମ୍ବା ରାମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ କୌଣସି ସତ୍ତାକୁ ବିଧାତା ବୋଲି ମାନିବା, କିମ୍ବା ଈଶ୍ୱରୀୟ ସତ୍ତାକୁ ପ୍ରତ୍ୟାଖ୍ୟାନ କରିବା ?

**ମାନସ ହଂସ:** ତୋର ଆଖି କ'ଣ ମୁଣ୍ଡ ଉପରକୁ ଚଢ଼ି ଯାଉଛି କିରେ ? ତୁ ମୋତେ କ'ଣ ବୋଲି ଭାବିଛୁ ? ମୁଁ ଇଚ୍ଛାକଲେ ତତେ ଭସ୍ମ କରିଦେଇପାରିବି ।

**ଜିଜ୍ଞାସୁ:** ଆଜ୍ଞା ମୋର ଦୋଷ କ'ଣ ? ରାମଚରିତମାନସରେ ଯାହା ଲେଖାଯାଇଛି ମୁଁ ତାହାହିଁ କହୁଛି । ଦୟାକରି ମୋର ଶଙ୍କା ସମାଧାନ କଲେ ଉପକୃତ ହେବି । ଦେଖନ୍ତୁ ! ଆହୁରି ଲେଖାଯାଇଛି ଯେ:-

**ତବ ଗନପତି ଶିବ ସୁମିରି ପ୍ରଭୂନାଇ ସୁର ସରିହିମାଥା ।**
**ସଖା ଅନୁଜ ସିୟ ସହିତ ବନଗବନୁ କିହ୍ନ ରଘୁନାଥ ।।**

(ରାଚମା-ଅ.କା-ଦୋହା-୧୦୪)

(ଅର୍ଥାତ୍) ରାମଚନ୍ଦ୍ର ଗଣପତି ଓ ଶିବଙ୍କୁ ସ୍ମରଣ ପୂର୍ବକ ଗଙ୍ଗାଙ୍କ ଉଦ୍ଦେଶ୍ୟରେ ମଥାନତ କରି ବଣକୁ ଗଲେ ।

ତାହାହେଲେ ଆମେ ରାମଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି ଗଣପତି ଓ ଶିବଙ୍କୁ ଭଜନ କରିବା ? ରାମଚନ୍ଦ୍ରହିଁ ଭଜନୀୟ କହିବା ଭୁଲ ?

× × × ×

**ଜାକର ନାମ ସୁନତ ଶୁଭହୋଇ**
**ମୋରେ ଗୃହ ଆବା ପ୍ରଭୁ ସୋଇ ।।**
**ପରମାନନ୍ଦ ପୂରିମନରାଜା**
**କହାବୋଲାଇ ବାଜା ବହୁ ବାଜା ।।**

(ରାଚମା- ବାକା-ଦୋହା-୧୯୨-ଚୌ.୩)

(ଅର୍ଥାତ୍) ରାମଚନ୍ଦ୍ରଙ୍କର ଜନ୍ମପରେ ଦଶରଥ କହୁଛନ୍ତି ଯେ, ଯାହାର ନାମ ଶ୍ରବଣରେ କଲ୍ୟାଣ ହୋଇଥାଏ, ସେହି ପ୍ରଭୂ (ରାମ) ମୋର ଘରକୁ ଆସିଲେ । ତଥାପି ଦଶରଥ ମହାଦେବଙ୍କୁ ପ୍ରାର୍ଥନା କରି କହୁଛନ୍ତି ଯେ:-

**ତୁହ୍ମ ପ୍ରେରକ ସବକେ ହୃଦୟଁ ସୋମତି ରାମହି ଦେହୁ ।**
**ବଚନୁ ମୋର ତଜି ରହହି ଘର ପରିହରି ସୀଲୁ ସନେହୁ ।।**

(ରାଚମା-ଅଯୋଧ୍ୟା କାଣ୍ଡ-ଦୋହା-୪୪)

(ଅର୍ଥାତ୍) ଆପଣ ପ୍ରେରକ ରୂପେ ସମସ୍ତଙ୍କ ହୃଦୟରେ ବାସ କରନ୍ତି । ରାମଚନ୍ଦ୍ରଙ୍କୁ ଏମିତି ବୁଦ୍ଧି ଦିଅନ୍ତୁକି ଯେପରି ସେ ବଣକୁ ନଯାଇ ଘରେ ହିଁ ରହିବେ ।

ଅନ୍ୟଏକ ପ୍ରକରଣରେ ମହର୍ଷି ବଶିଷ୍ଠ ରାମଚନ୍ଦ୍ରଙ୍କୁ କହୁଛନ୍ତି ଯେ ଆପଣ ସମସ୍ତଙ୍କ ହୃଦୟରେ ବାସ କରନ୍ତି । (ସବକେ ଅନ୍ତର ବସହୁ ଜାନହ ଭାଉକୁ ଭାଉ ଅକା- ଦୋହା-୨୫୭) । ତାହାହେଲେ ଆମେ ଏଥିରୁ କ'ଣ ବୁଝିବା ? ରାମଚନ୍ଦ୍ର ସମସ୍ତଙ୍କ ହୃଦୟରେ ବାସ କରନ୍ତି କିମ୍ବା ମହାଦେବ ସମସ୍ତଙ୍କ ହୃଦୟରେ ବାସ

କରନ୍ତି ? ବଶିଷ୍ଠ ମହର୍ଷିଙ୍କ ଉକ୍ତି ଠିକ୍ ନା ଦଶରଥଙ୍କ ବଚନ ଠିକ୍ ?

× × × ×

**ଦେଖ ରାବା ମାତହି ନିଜ ଅଦ୍ଭୁତ ରୂପ ଅଖଣ୍ଡ ।**
**ରାମ ରୋମ ପ୍ରତି ଲାଗେ କୋଟି କୋଟି ବ୍ରହ୍ମାଣ୍ଡ ॥**

(ରାଚମା- ବାକା-ଦୋହା- ୨ ୦ ୧ )

(ଅର୍ଥାତ୍) ଜନ୍ମ ସମୟରେ ରାମଚନ୍ଦ୍ର ମାତା କୌଶଲ୍ୟାଙ୍କୁ ନିଜର ଅଦ୍ଭୁତ ଓ ଅଖଣ୍ଡ ରୂପ ଦେଖାଇ ଦେଲେ ଯାହାର ଏକ ଏକ ଲୋମରେ କୋଟି କୋଟି ବ୍ରହ୍ମାଣ୍ଡ ଲାଗି ରହିଛନ୍ତି ।

ନିଜର ପୁତ୍ରକୁ କୋଟି ବ୍ରହ୍ମାଣ୍ଡନାଥ ବୋଲି ଜାଣିଲା ପରେ ମଧ୍ୟ ମାତା କୌଶଲ୍ୟା:

**ପୂଜଂ ଗ୍ରାମଦେବୀ ସୁରନାଗା**
**କହେଉ ବହୋରି ଦେନ ବଳିଭାଗା ।**+
**ଯୋହି ବିଧିହୋଇ ରାମ କଲ୍ୟାନୁ**
**ଦେହୁ ଦୟାକରି ସୋ ବରଦାନୁ ॥** (ରାଚମା-ଅ.କା-ଦୋହା-୭-୩)

ଗ୍ରାମ୍ୟ ଦେବାଦେବୀଙ୍କୁ ପୂଜାକରି ପ୍ରାର୍ଥନା କରୁଛନ୍ତି କି ଏମିତି ବରଦାନ କରନ୍ତୁ ଯେମିତିକି ରାମଚନ୍ଦ୍ରଙ୍କର କଲ୍ୟାଣହିଁ କଲ୍ୟାଣ ହେବ ।

କୋଟି ବ୍ରହ୍ମାଣ୍ଡ ପତିଙ୍କର କଲ୍ୟାଣ କରିବା ପାଇଁ ଗ୍ରାମ୍ୟ ଦେବଦେବୀଙ୍କୁ ଓ ସୁର, ନାଗାଦିମାନଙ୍କୁ ପ୍ରାର୍ଥନା କରିବା ଯାହା ଭାରତର ପ୍ରଧାନମନ୍ତ୍ରୀ ଛୁଟି ନେବାପାଇଁ କୌଣସି ପଞ୍ଚାୟତର ୱାର୍ଡମେମ୍ବରଙ୍କୁ ଦରଖାସ୍ତ କରିବା ତାହା ନୁହେଁକି ? ପୋଲିସ୍ ଏସ୍.ପିଙ୍କର ଘରୁ ଚୋରିହେଲେ ତାଙ୍କର ପତ୍ନୀ କୌଣସି ହୋମଗାର୍ଡ଼ଙ୍କୁ ଗୁହାରି କରିବେ ?

---

\+ *ଦେବାଦେବୀଙ୍କ ନାମରେ ପଶୁବଳି ପରି ଏକ ଘୃଣ୍ୟ ତଥା ତ୍ୟାଜ୍ୟ ପରମ୍ପରା-ମାନ୍ୟତାକୁ ପ୍ରଚ୍ଛନ୍ନ ସମର୍ଥନ ଦେବାର ଅଭ୍ୟାସ ପ୍ରାପ୍ତ ହେଉଛି ।*

**ମାନସହଂସ:** ପୂର୍ବାପର ପ୍ରକରଣକୁ ଗୁରୁତ୍ୱ ନଦେଇ ରାମଚରିତମାନସର ସମସ୍ତ ବିଷୟକୁ ସତ ବୋଲି ପ୍ରଚାର କରୁଥିବାରୁ ଆମକୁ 'ମାନସ ହଂସ' ଉପାଧି ପ୍ରାପ୍ତ ହୋଇଛି । ଆମର ଅନେକ ଭକ୍ତ ଅଛନ୍ତି । ଆମକୁ ବିଶ୍ୱାସ କରନ୍ତି । ତୋ ପରି ମୂର୍ଖକୁ ପଚାରେ କିଏ ? ତୁ କ'ଣ ମୋଠାରୁ ଅଧିକ ଜ୍ଞାନୀ ? ଅଧିକ ପଢ଼ିଛୁ ? ତୁ ମୋତେ ଚିହ୍ନିନୁ, ଭଲକରି ଚିହ୍ନାଇ ଦେବି ।

**ଜିଜ୍ଞାସୁ:** ଆଜ୍ଞା ! ମୁଁ ବେଶୀ କିଛି ପଢ଼ିନି, କିନ୍ତୁ ରାମଚରିତମାନସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢ଼ିଛି । ଆପଣ ବହୁତ ପଢ଼ିଥିବା ବିଶ୍ୱାସ ହେବାରୁ ଆପଣଙ୍କ ସମ୍ମୁଖରେ କିଛି ଶଙ୍କା ଉପସ୍ଥାପନା କଲି । ଆପଣ କ୍ରୋଧିତ ହେଉଛନ୍ତି କାହିଁକି ? ସତ୍ୟକୁ ସ୍ୱୀକାର ନକରିବା ପାଇଁ ଆଗଭର ହୋଇପାରୁନାହାନ୍ତି କାହିଁକି ?

ଊର୍ଦ୍ଧ୍ୱ ଉପସ୍ଥାପିତ ଶଙ୍କା ସମୂହରୁ ଏହା ସିଦ୍ଧ ହେଉଛି ଯେ:-

୧. ଈଶ୍ୱରଙ୍କ ଜନ୍ମମୃତ୍ୟୁ ଆଦି ନାହିଁ ।
୨. ଈଶ୍ୱରଙ୍କ ଜନ୍ମମୃତ୍ୟୁ ଆଦି ଅଛି ।
୩. ରାମଚନ୍ଦ୍ର ଅନ୍ତର୍ଯ୍ୟାମୀ ।
୪. ମହାଦେବ ଅନ୍ତର୍ଯ୍ୟାମୀ ।
୫. ପାର୍ବତୀ ଅନ୍ତର୍ଯ୍ୟାମୀ ।
୬. ସୀତା ଅନ୍ତର୍ଯ୍ୟାମୀ ।
୭. ଈଶ୍ୱରଙ୍କର ଚକ୍ଷୁ କର୍ଣ୍ଣାଦି ଇନ୍ଦ୍ରିୟ ନାହିଁ ।
୮. ଈଶ୍ୱରଙ୍କର ଚକ୍ଷୁ କର୍ଣ୍ଣାଦି ଇନ୍ଦ୍ରିୟ ଅଛି ।
୯. ଭଗବାନ ଚାରି ଭାଇ ରୂପେ ଜନ୍ମଗ୍ରହଣ କଲେ ।
୧୦. ଭଗବାନ କେବଳ ରାମରୂପେ ଜନ୍ମଗ୍ରହଣ କଲେ ।
୧୧. ଭଗବାନ କେବଳ ଭରତ ରୂପେ ଜନ୍ମଗ୍ରହଣ କଲେ ।
୧୨. ଭଗବାନ କେବଳ ଲକ୍ଷ୍ମଣ ରୂପେ ଜନ୍ମଗ୍ରହଣ କଲେ ।
୧୩. ଶେଷନାଗ ଲକ୍ଷ୍ମଣ ରୂପେ ଜନ୍ମଗ୍ରହଣ କଲେ ।

୧୪. ଶେଷ ନାଗ ନିଜ ଫଣାରେ ପୃଥିବୀକୁ ଟେକି ଧରିଛନ୍ତି ।
୧୫. ଶେଷ ନାଗକୁ ଶିବ ନିଜ ଗଳାରେ ଧାରଣ କରିଛନ୍ତି ।
୧୬. ଲକ୍ଷ୍ମୀପତି ବିଷ୍ଣୁହିଁ ରାମଚନ୍ଦ୍ର ଅଟନ୍ତି ।
୧୭. ରାମଙ୍କ ଅଂଶରୁ ଅନେକ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରକଟ ହୁଅନ୍ତି ।
୧୮. ରାମଚନ୍ଦ୍ର ପୂର୍ଣ୍ଣ ଭଗବାନ ।
୧୯. ରାମଚନ୍ଦ୍ର ଭଗବାନଙ୍କର ଅଂଶ ।
୨୦. ରାମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟକୌଣସି ସତ୍ତା ଦଇବ ଅଟନ୍ତି ।
୨୧. ଦୈବ ନାମରେ କୌଣସି ସତ୍ତା ନାହିଁ ।
୨୨. ରାମଚନ୍ଦ୍ରଙ୍କୁ ସ୍ୱୟଂ ଈଶ୍ୱର ବୋଲି ଜାଣିମଧ୍ୟ ତାଙ୍କର ପିତା, ମାତା (ଦଶରଥ, କୌଶଲ୍ୟା) ଈଶ୍ୱରଙ୍କ ମଙ୍ଗଳ କାମନା କରି ଗ୍ରାମ୍ୟ ଦେବ ଦେବୀଙ୍କୁ ପ୍ରାର୍ଥନା କରୁଥିଲେ ।
୨୩. ଈଶ୍ୱର (ରାମ) ଅନ୍ୟ କୌଣସି ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ।
୨୪. ରାମଚନ୍ଦ୍ର (ଈଶ୍ୱର) ଗଣେଶ ଓ ଶିବଙ୍କୁ ଆରାଧନା କରୁଥିଲେ ।
୨୫. ରାମଚନ୍ଦ୍ର ଗଙ୍ଗାଦି ନଦୀକୁ ପ୍ରଣାମ କରୁଥିଲେ ।
୨୬. ରାମଚନ୍ଦ୍ରଙ୍କୁ ବେଦ ନେତି ନେତି କହେ । ସେହିଁ ଓଁକାର ।
୨୭. ପାର୍ବତୀ ପତି ଶିବହିଁ ଓଁକାର ।

ଉପରୋକ୍ତ ଟିପ୍ପଣି ସମୂହରୁ ସିଦ୍ଧ ହେଉଛିଯେ ଈଶ୍ୱରଙ୍କର ଗୁଣ, କର୍ମ, ସ୍ୱଭାବ ସମ୍ବନ୍ଧରେ ରାମଚରିତ ମାନସରେ କୌଣସି ସ୍ଥିର ବିଚାର ନାହିଁ ।

ଏତାଦୃଶ ପରସ୍ପର ବିରୁଦ୍ଧ ବିଚାର ସମ୍ବଳିତ ରାମଚରିତମାନସକୁ ଆପଣ "ବେଦଠାରୁ ମଧ୍ୟ ଉର୍ଦ୍ଧ୍ୱରେ" ବୋଲି କହିପାରୁଛନ୍ତି କିପରି ? ବେଦରେ ନଥିବା ବିଷୟକୁ ବେଦରେ ଅଛିବୋଲି ପ୍ରଚାର କରି ଭାରତୀୟ ତଥା ବୈଦିକ ସଂସ୍କୃତିକୁ ବିକୃତ କରୁଛନ୍ତି କାହିଁକି ? ଏହାଦ୍ୱାରା ସମାଜକୁ ଅଶୁଦ୍ଧ ବାର୍ତ୍ତା ଯାଉନିକି ? ସରଳମତି ଜନତାଙ୍କର ସରଳତାର ସୁଯୋଗନେଇ ବିଶ୍ୱାସଘାତକ କର୍ମ କରୁଛନ୍ତି କାହିଁକି ? କଲ୍ୟାଣପ୍ରଦ ବୈଦିକ ସଂସ୍କୃତିକୁ ସଂକୁଚିତ କରି ବେଦର ମହାନତା ତଥା ଭାରତୀୟ ସଂସ୍କୃତିର ମହାନତାକୁ ଭୂଲୁଣ୍ଠିତ କରୁଛନ୍ତି କାହିଁକି ?

**ମାନସ ହଂସ:** କେବଳ ଅସଭ୍ୟ ନାସ୍ତିକ ଆର୍ଯ୍ୟ ସମାଜୀମାନେ ହିଁ ଆମକୁ ଏମିତି ପ୍ରଶ୍ନ ପଚାରୁଛନ୍ତି । ସେହି ଆର୍ଯ୍ୟସମାଜ ମୂର୍ଖ, ତାହାର ସଂସ୍ଥାପକ ମୂର୍ଖ ଓ ତୁ ମହାମୂର୍ଖ । ଯେତେ ଚଞ୍ଚଳ ପାରିବୁ ଏଠାରୁ ପଳାଇଯା, ନତୁବା ମୁଁ ନିଜେ ହନୁମାନ ରୂପ ଧାରଣକରି ତୋର ପିଠି ପୂଜା କରିଦେବି ।

**ଜିଜ୍ଞାସୁ:** ମହାଶୟ ଆପଣଙ୍କର ଅସ୍ଥିରତାରୁ ଅନୁମାନ ହେଉଛି ଯେ ଆର୍ଯ୍ୟସମାଜ ସମ୍ବନ୍ଧରେ ଆପଣ ସମ୍ପୂର୍ଣ୍ଣ ଅଜ୍ଞ । କେବଳ ନିଜର ଅଜ୍ଞାନତାକୁ ଲୁଚାଇବା ପାଇଁ ଅନର୍ଗଳ ପ୍ରଳାପ କରୁଛନ୍ତି । ଯିଏ ଯାହା ତାକୁ ସେହି ରୂପେ ଉପସ୍ଥାପନା କରି ସମାଜକୁ ସତ୍ୟାସତ୍ୟ ଅବଗତ କରାଇବା ପାଇଁ ଆଗେଇ ଆସନ୍ତୁ । ଦୟାନନ୍ଦ ଓ ଆର୍ଯ୍ୟ ସମାଜ ଉପରକୁ ଚାରିପଦ ଗାଳି ଫିଙ୍ଗି ଦେଇ ଆତ୍ମସନ୍ତୋଷ ଲାଭ କରିବାର ଆତ୍ମ ପ୍ରବଚନାରୁ ବିରତ ରହି ସେହି ସମ୍ବନ୍ଧରେ କିଛି ଜ୍ଞାନ ଆହରଣ କରନ୍ତୁ ।

ଭାରତ ଭାଗ୍ୟାକାଶର ଉଜ୍ଜ୍ୱଳତମ ନକ୍ଷତ୍ର, ଆଦିତ୍ୟ ବ୍ରହ୍ମଚାରୀ ମହର୍ଷି ଦେବ ଦୟାନନ୍ଦ, ବେଦ ପ୍ରଚାର ମାଧ୍ୟମରେ ଭାରତୀୟମାନଙ୍କ ହୃତ୍‌ଗୌରବକୁ ପୁନଃସ୍ଥାପନା କରି ସେମାନଙ୍କ ମନରେ ସ୍ୱାଭିମାନ ଓ ପୁରୁଷାର୍ଥ ପ୍ରବଣତା ଭରିଦେବାପାଇଁ, ୧୮୭୫ ମସିହାରେ ୧୦ ଗୋଟି ନିୟମ ଶୃଙ୍ଖଳିତ ଏକ ସମାଜ ଗଠନ କଲେ ଯାହା 'ଆର୍ଯ୍ୟ ସମାଜ' ନାମରେ ପୃଥିବୀ ବିଖ୍ୟାତ । ଅଜ୍ଞାନାନ୍ଧକାର ପୂର୍ଣ୍ଣ ତଥା ଅନାର୍ଷବାଖ୍ୟାନାନୁଶୃତବେଦ ଭାଷ୍ୟର ଅନକିଂଚିତ୍‌କାରିତାକୁ ଅପସାରଣ ପୂର୍ବକ ଆର୍ଷପରମ୍ପରାନୁମୋଦିତ ବୈଦିକ+ ଜ୍ୟୋତି ପ୍ରଜ୍ୱଳନ କଲେ । ବେଦର ପରମପ୍ରମାଣିତକତାକୁ ସହର୍ଷ ସ୍ୱୀକାର କରୁଥିବା ଅନେକ ଶୃଙ୍ଖଳିତ ବୈଦିକ ବିଦ୍ୱାନ୍, ସନ୍ନ୍ୟାସୀ ପ୍ରବଚକାଦି ବୈଦିକ ମାସାଲ ହସ୍ତରେ ପୃଥିବୀର କୋଣାନୁକୋଣରେ ପହଞ୍ଚିସାରିଲେଣି । ଏହି ଜ୍ୟୋତିର ପ୍ରକାଶରେ,

---

\+ *ମହର୍ଷି ଦୟାନନ୍ଦ ରଚିତ ଋଗ୍‌ବେଦାଦି ଭାଷ୍ୟ ଭୂମିକାରୁ ବିଷଦ୍ ତଥ୍ୟ ମିଳିପାରିବ ।*

ଅଜ୍ଞାନାନ୍ଧକାରପୂର୍ଣ୍ଣ ତଥା ଅଯୌକ୍ତିକ୍ତିକର ପୁରାଣି, କିରାଣି, କୋରାନି ଓ ଜୈନି+ ମତର ମାନ୍ୟତାଦି ସିଦ୍ଧାନ୍ତତଃ ମିଥ୍ୟା ପ୍ରମାଣିତ ହୋଇସାରିଲେଣି । ତଥାପି ଏମିତି ଅନେକ ହତଭାଗ୍ୟମାନଙ୍କୁ ଦେଖିବାକୁ ମିଳୁଛି ଯେଉଁମାନେକି ଆର୍ଯ୍ୟସମାଜ ପ୍ରୋକ୍ତ ବେଦର କଲ୍ୟାଣପ୍ରଦ ଶୀତଳ ବାରିଧାରାରେ ଅବଗାହନ କରିବାର ସୌଭାଗ୍ୟରୁ ଜାଣିଶୁଣି ବଞ୍ଚିତ ହୋଇ ରହିଛନ୍ତି । ସେହିମାନେ ହିଁ ବେଦନାମରେ ନିଜର ଛଳନାପୂର୍ଣ୍ଣ ବିଚାର ବିତରଣ କରି ସରଳ ବିଶ୍ୱାସୀ ଜନତାଙ୍କୁ ଅଜ୍ଞାନାନ୍ଧକାରରେ ବୁଡ଼ାଇ ରଖିବାପାଇଁ ଅନବରତ ଚେଷ୍ଟା କରୁଛନ୍ତି । ସେମାନଙ୍କୁ ଆର୍ଯ୍ୟ ସମାଜର ମହାନତା ଭଲ ଲାଗିବ ବା କେମିତି ?

ଆପଣଙ୍କପରି ଅନେକ ପ୍ରବଚକଙ୍କୁ ଆମେ ଦେଖିଛୁ, ଯେଉଁମାନଙ୍କର ବାଗ୍ମୀତା ବାସ୍ତବରେ ପ୍ରଶଂସନୀୟ । ଆପଣମାନେ ଯଦି ନିଜର ବାଗ୍ମୀତା ଉପରେ ବୈଦିକପୁଟ ଦେଇ ତାହାର ସଦୁପଯୋଗ କରନ୍ତେ ତାହାହେଲେ ସମାଜ ବହୁତ କଲ୍ୟାଣ ହୋଇପାରନ୍ତା । ମୁଁ ଆପଣଙ୍କୁ ବିଶେଷ ଅନୁରୋଧ କରୁଛି, ଆପଣ ବେଦାନୁଶୀଳନ ଆରମ୍ଭ କରନ୍ତୁ । ଜ୍ଞାନା ଆହରଣ କରନ୍ତୁ ଯାହାକି ଆପଣଙ୍କର ଆତ୍ମୋନ୍ନତି ପାଇଁ ଅନୁକୂଳ ସାବ୍ୟସ୍ତ ହେବ ।

**ମାନସ ହଂସ:** ଆମକୁ ପ୍ରାପ୍ତ ହୋଇଥିବା "ମାନସହଂସ" ଉପାଧି ହରାଇବା ପାଇଁ ଆମେ ଆଦୌ ପସନ୍ଦ କରୁନୁ । ତୋର ସମାଜ କଲ୍ୟାଣ ପଣିଆକୁ ଆମେ ପଦାଘାତ କରୁଛୁ । ତୋର ରାସ୍ତା ତୁ ଦେଖେ । ଆମ ରାସ୍ତା ଆମେ ଦେଖୁଛୁ ।

**ଜିଜ୍ଞାସୁ:** ଆଜ୍ଞା ଆପଣଙ୍କର ବିଚାର ସ୍ୱାତନ୍ତ୍ର୍ୟ ଉପରେ ଆମର କିଛି କହିବାର ନାହିଁ । ତଥାପି ଆପଣ ଯଦି ହଂସପରି କ୍ଷୀର ନୀର ଅଲଗା କରିବାର ପନ୍ଥା ଅନୁସରଣ କରି ଅସହ୍ୟ ତ୍ୟାଗ ପୂର୍ବକ ସତ୍ୟକୁଆଦରି ନେବେ

---

\+ *ପୁରାଣି: ପୁରାଣ ଆଧାରିତ ଅବୈଦିକ ମତ ।*
*କିରାଣି: ବାଇବେଲ ଆଧାରିତ ଅବୈଦିକ ମତ ।*
*କୋରାନ: କୋରାନ ଆଧାରିତ ଅବୈତିକ ମତ ।*
*ଜୈନ୍ୟ: ଜୈନ ଓ ବୌଦ୍ଧ ଅବୈଦିକ ମତ ।*

ତାହାହେଲେ ଆମେ ଆପଣଙ୍କୁ ସହଯୋଗର ହାତ ବଢ଼ାଇବାକୁ ସବୁବେଳେ ତତ୍ପର ହୋଇ ରହିବୁ । କାରଣ ବେଦ କୁହେ:-

**ବିଶ୍ୱାନିବେଦ ସବିତର୍ଦ୍ଦୂରିତାନି ପରାସୁବ ।**

**ଯଦ୍‌ଭଦ୍ରମ୍ ତନ୍ନ ଆସୁବ ।**

ହେ ସକଳଜଗଦୁତ୍ପାଦକ ପ୍ରଭୁ । ଆମର ସମସ୍ତ ପ୍ରକାର ଦୁର୍ଗୁଣ ଦୂର ହେଉ ଏବଂ ଯାହା ଭଦ୍ର ଓ କଲ୍ୟାଣ କାରକ ତାହା ଆମକୁ ସବୁଦିଗରୁ ପ୍ରାପ୍ତ ହେଉ । ଆମେ ଏହାହିଁ ପ୍ରାର୍ଥନା+ କରୁଛୁ । ଆପଣଙ୍କୁ ସଦ୍‌ବୁଦ୍ଧି ପ୍ରାପ୍ତ ହେଉ । ସାଦର ନମସ୍ତେ ।

**ମାନସହଂସ:** ତୋର ଉପଦେଶ ଓ ସହଯୋଗ ଆମକୁ ଲୋଡ଼ା ନାହିଁ । ଆମ ହାତରେ ରାମଚରିତମାନସ ଥିବା ପର୍ଯ୍ୟନ୍ତ ଆମକୁ କୌଣସି ପାପ, ତାପ ସ୍ପର୍ଶ କରିପାରିବନି ।

**ଜିଜ୍ଞାସୁ:** ଆଜ୍ଞା ଠିକ୍ ଅଛି । ତାହାହେଲେ ଆସନ୍ତୁ । ରାମଚରିତମାନସରେ ବ୍ୟବସ୍ଥିତ ହୋଇଥିବା 'ପାପ ମୋଚନ ଓ ମୁକ୍ତି' ସମ୍ବନ୍ଧରେ କିଛି ଆଲୋଚନା କରିବା ।

■■

---

\+ *ନିଜର ପୂର୍ଣ୍ଣ ସାମର୍ଥ୍ୟ ସହକାରେ ପୁରୁଷାର୍ଥ କରିବା ପରେ ଈଶ୍ୱରଙ୍କ ସମ୍ବନ୍ଧରୁ ପ୍ରାପ୍ତ ହେଉଥିବା ବିଜ୍ଞାନାଦି ନିମନ୍ତେ ଈଶ୍ୱରଙ୍କୁ ଯାଚନା କରିବାକୁ ପ୍ରାର୍ଥନା କୁହାଯାଏ । ପ୍ରାର୍ଥନା ଦ୍ୱାରା ନିରଭିମାନତା ପ୍ରାପ୍ତ ହୋଇଥାଏ । (ମହର୍ଷି ଦୟାନନ୍ଦକୃତ ସତ୍ୟାର୍ଥ ପ୍ରକାଶର ଶେଷରେ ଲେଖାଯାଇଥିବା ସ୍ୱମନ୍ତବ୍ୟାମନ୍ତବ୍ୟ ପ୍ରକାଶଃ)*

# ରାମଚରିତ ମାନସରେ ପାପ ମୋଚନ ଓ ମୁକ୍ତି

ପାପ ଶବ୍ଦର ପରିଭାଷା ଯାହା ହେଉନା କାହିଁକି, ସର୍ବମାନ୍ୟ ସିଦ୍ଧାନ୍ତ ଏହିକି 'ପାପାୟ ପରପୀଡ଼ନମ୍' । ଅର୍ଥାତ୍ କୌଣସି ଉପଯୁକ୍ତ କାରଣ ନଥାଇ, କାହାକୁ ପୀଡ଼ା ଦେବାହିଁ ପାପ ଅଟେ । କାହାକୁ ପୀଡ଼ା ଗ୍ରସ୍ତ କରି କିମ୍ବା କରାଇ, ଦଣ୍ଡ ଭୋଗ ବ୍ୟତୀତ ସେଥିରୁ ମୁକୁଳିଯିବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିମାନେ ସାଧାରଣତଃ ଶାସ୍ତ୍ରରୁ ଏମିତି କିଛି ଗଳାବାଟ ଖୋଜିଥାନ୍ତି, ଯେଉଁ ବାଟର ବାଟୋଇ ହେଲେ, ପାପାଚାର ପାଇଁ ଦଣ୍ଡ ପାଇବା ବ୍ୟବସ୍ଥା ନଥିବ । ବିଶେଷକରି ଯଦି ବେଦରୁ ଏମିତି କିଛି ଗଳାବାଟ ଆବିଷ୍କାରକରି ତାହାକୁ ଗ୍ରନ୍ଥ ରୂପ ଦିଆଯାଇଥିବ, ତାହାହେଲେ ସେହି ଗ୍ରନ୍ଥରତ୍ନକୁ ଆଦରି ନେବା ପାଇଁ ଯେକୌଣସି ପାପାଚାରୀ ବ୍ୟକ୍ତି କୁଣ୍ଠାବୋଧ କରିବ ବା କାହିଁକି ? ଉକ୍ତ ପରିପ୍ରେକ୍ଷୀରେ ରାମଚରିତମାନସରୁ ଅନେକ କିଛି ଦୃଷ୍ଟିଗୋଚର ହୋଇଥାଏ । ସେଥିରୁ କିଛି ଉଦ୍ଧାର କରି ତାହାର ସମୀକ୍ଷା କରିବା ଉଚିତ ହେବ ।

ରାମଚରିତ ମାନସ ଘୋଷଣା କରିଦେଲେ ଯେ:-

୧. କଳିଯୁଗ ପାପର ଭଣ୍ଡାର ଅଟେ । ସମସ୍ତ ଭରସା ତ୍ୟାଗ କରି ରାମ ଭଜନ କରିବା ହିଁ ଚତୁର ପଣିଆ ଅଟେ ।[+]

୨. ରଘୁନାଥଙ୍କର କଥା କଲ୍ୟାଣ କାରକ ଅଟେ ଏବଂ କଳିଯୁଗର ପାପ ହରଣ କରିନିଏ ।[×]

୩. ଯେକେହି ରାମଚନ୍ଦ୍ରଙ୍କ ପ୍ରତି ବିମୁଖ ହୁଏ, ତାହାକୁ ନରକରେ ମଧ୍ୟ ସ୍ଥାନ ମିଳିବନି ।[*]

---

+ *କଠିନ କାଳ ମଳ କୋସ ଧର୍ମ ନ ଜ୍ଞାନ ନ ଜୋଗ ଜପ । ପରିହରି ସକଳ ଭରୋସ ରାମହି ଭଜହି ତେ ଚତୁରନର ॥ (ଅରଣ୍ୟକାଣ୍ଡ-ଦୋହା-୬ଖ)*

× *ମଙ୍ଗଳ କରନି କଲିମଳ ହରନି ତୁଲସୀ କଥା ରଘୁନାଥକି ।*

* *ଲୋକହୁଁ ବେଦ ବିଦିତ କବି କହହିଁ । ରାମ ବିମୁଖ ଥଲୁ ନରକ ନ ଲହହି ॥ (ଅଯୋଧ୍ୟା କାଣ୍ଡ- ଦୋହା ୨୫୧-୪)*

୪. ଭରତଙ୍କର ନାମ ସ୍ମରଣ କଲେ ସମସ୍ତ ପାପ ପ୍ରପଞ୍ଚ ନଷ୍ଟ ହୋଇଯାଏ ।[×]

୫. ପାର୍ବତୀ ପତି ଶିବ କଳିଯୁଗର ପାପ ସମୂହର ନାଶକାରୀ ଅଟନ୍ତି ।[+]

**ସମୀକ୍ଷା:**

ବର୍ତ୍ତମାନ କଳିଯୁଗ ଅତିବାହିତ ହେଉଛି । ରାମଚରିତମାନସ କଳିଯୁଗର ମାନବ ସମାଜକୁ ବାଟ କଢ଼ାଇ ନେବା ଅବସରରେ କହିଲା ଯେ, ରାମନାମ, ଭରତ ନାମ, ଶିବ ନାମାଦି କଳିଯୁଗର ପାପ (ଅନ୍ୟକୁ ପୀଡ଼ା ପହଞ୍ଚାଇବା) ସମୂହକୁ ହରଣ କରିନେବ ଅର୍ଥାତ୍ ପାପାଚାର ପାଇଁ ଦଣ୍ଡ ମିଳିବନି । ରାମଚନ୍ଦ୍ରଙ୍କର ବିମୂଖ (ନାମ ନ'ନେବା) ବ୍ୟକ୍ତିକୁ ନରକରେ ମଧ୍ୟ ସ୍ଥାନ ମିଳିବନି । ଅର୍ଥାତ୍ ନରକଠାରୁ ମଧ୍ୟ ଅଧିକ ନିକୃଷ୍ଟ ସ୍ଥାନ ପ୍ରାପ୍ତ ହେବ । ଏମିତିରେ ନିଜର ସୁଖପାଇଁ ଅନ୍ୟକୁ ପୀଡ଼ା ପହଞ୍ଚାଇଥିବା ବ୍ୟକ୍ତି ବିନା ଦଣ୍ଡରେ ପାପ ଫଳରୁ ତ୍ରାଣ ପାଇବା ପାଇଁ 'ନାମ ନେବା' ପରି ଏକ ସହଜ ଓ ସରଳ ପନ୍ଥାକୁ ଆଦରି ନେବାପାଇଁ ସଲ ମଣିବ ନାହିଁ କାହିଁକି ? ନିଜର ସୁଖପାଇଁ ପ୍ରବୃତ୍ତ ହେବା ବେଳେ ଅନ୍ୟର ଇଷ୍ଟାନିଷ୍ଟ ପ୍ରତି ଦୃଷ୍ଟି ଦେବ କାହିଁକି ? ରାମଚରିତମାନସର ଏତାଦୃଶ ବିଚାର ଯଦି ସମାଜରେ ବିଚରଣ କରିବ, ତାହାହେଲେ ମାନବତା କେଉଁସ୍ତରକୁ ଧାବମାନ ହେବ, ଏହା ସହଜରେ ଅନୁମାନ ହେଉଛି । ଅତଏବ ଏହି ପ୍ରକରଣରେ ରାମଚରିତମାନସର ବିଚାରଧାରାକୁ (ପାପାଚାର ପାଇଁ ଦଣ୍ଡ ବିଧାନ ନକରିବା) ପ୍ରତ୍ୟାଖାନ କରିବାହିଁ ଶ୍ରେୟସ୍କର ହେବ ।

**ପୂର୍ବପକ୍ଷ:**

ଏଠାରେ 'ନାମନେବା' ର ଅର୍ଥ ଯେପରି କରାଯାଉଛି, ସେଥିରୁ ଅନୁମାନ ହେଉଛି ଯେ, ରାମଚରିତମାନସର ସୂକ୍ଷ୍ମ ବିଚାରକୁ ଠିକ୍ ରୂପେ ଉପସ୍ଥାପନା କରାଯାଉନି ବରଂ କିଛି ପକ୍ଷପାତିତା ଅବଲମ୍ବନ କରାଯାଉଛି । ବାସ୍ତବରେ ତୁଳସୀ

---

× *ମିଟିହହିଁ ପାପ ପ୍ରପଞ୍ଚ ସବ ଅଖୀଲ ଅମଙ୍ଗଳ ଭାର ।*
*ଲୋକ ସୁଜସୁ ପରଲୋକ ସୁଖୁ ସୁମିରତ ନାମୁ ତୁହ୍ମାର ॥*
*(ଅଯୋଧ୍ୟାକାଣ୍ଡ – ଦୋହା ୨୬୩) (ରାମଙ୍କର ଭରତଙ୍କ ପ୍ରତି ଉକ୍ତି)*

\+ *କାଶୀଶଂ କଳିକଲ୍ମଷୌଘସମନଂ କଲ୍ୟାଣକଳ୍ପଦ୍ରୁମଂ । (ଲଂ.କା.ଶ୍ଳୋକ ୨)*

ଦାସଜୀଙ୍କର ମନ୍ତବ୍ୟ ଏହିକି, "ରାମାଦି ମହାପୁରୁଷମାନଙ୍କର ନାମ ନେବା" ଅର୍ଥ ସେମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ପାପାଚାରରୁ ଦୂରେଇ ରହିବା । ରାମଚରିତମାନସର ଏତାଦୃଶ ମହତ ବିଚାରକୁ ପ୍ରତିହତ କରିବା ପାଇଁ ଚେଷ୍ଟା କରିବା ପାପାଚାର ସଙ୍ଗେ ସମାନ ନୁହେଁକି ?

**ଉତ୍ତର:** ରାମଚରିତମାନସରେ ଲିଖିତ 'ନାମନେବା' ର ପରିଭାଷାକୁ ଯେତିକି ବିଶ୍ଳେଷଣ କରାଯିବ, ସେଥିରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ବ୍ୟକ୍ତିତ୍ୱ ସେତିକି ଅବହେଳିତ ହୋଇଥିବା ହିଁ ଲକ୍ଷ୍ୟ କରାଯାଇପାରିବ । ଏଥିରେ କୌଣସି ଆଦର୍ଶର ଅନୁକରଣ କରିବା ପାଇଁ ଲେଶମାତ୍ର ପ୍ରେରଣା ନାହିଁ । ତୁଳସୀ ଦାସଜୀ ସମ୍ପୂର୍ଣ୍ଣ ନିଜସ୍ୱ ବିଚାର ଉପସ୍ଥାପନା କରି କହିଛନ୍ତି ଯେ:-

**"କହଉଁ ନାମ ବଡ଼ ରାମତେ ନିଜ ବିଚାର ଅନୁସାର"**

(ବାଳ କାଣ୍ଡ, ଦୋହା ୨୩)

ଅର୍ଥାତ୍ ରାମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱଠାରୁ ରାମ ଶବ୍ଦ ହିଁ ବଡ଼ । ଏହାକୁ ସୁପୁଷ୍ଟ କରିବା ପାଇଁ ଦୋହରାଇ କହିଛନ୍ତି ଯେ:-

**କହୌ କହାଁ ଲଗି ନାମ ବଡ଼ାଇ ।**

**ରାମୁ ନ ସକହି ନାମ ଗୁନ ଗାଇ ॥** (ବା.କା-ଦୋହା ୨୫-ଚୌ-୪)

(ଅର୍ଥାତ୍) ରାମଚନ୍ଦ୍ର ମଧ୍ୟ ରାମ ଶବ୍ଦର ମହିମା ଗାଇପାରିବେନି । ଏକ ପକ୍ଷରେ ରାମଚନ୍ଦ୍ରଙ୍କୁ ବୈଦିକ ଈଶ୍ୱର ରୂପେ ସିଦ୍ଧ କରିବା ପାଇଁ ପ୍ରୟାସ କରିନଥିବା ତୁଳସୀ ଦାସଜୀ ଅନ୍ୟ ପକ୍ଷରେ କହିଲେ ଯେ ରାମଚନ୍ଦ୍ର (ଈଶ୍ୱର) ମଧ୍ୟ ରାମ ଶବ୍ଦର ମହତ୍ୱ ଗାଇପାରିବେନି । ତୁଳସୀ ଦାସଜୀଙ୍କ ଦୃଷ୍ଟିରେ ଈଶ୍ୱର (ରାମ) ଏତେ ଅଳ୍ପଶକ୍ତିମାନ ହେଲେ କିପରି ? ଅତଏବ ନିରପେକ୍ଷ ଭାବେ ସ୍ପଷ୍ଟ କହିବାକୁ ଗଲେ ଏତିକି ମାତ୍ର କହିହେବ ଯେ ରାମଚରିତ ମାନସରେ ଈଶ୍ୱରଙ୍କର ଗୁଣ, କର୍ମ ଓ ସ୍ୱଭାବ ସମ୍ବନ୍ଧରେ କୌଣସି ସ୍ଥିର ବିଚାର ନାହିଁ । ରାମଚନ୍ଦ୍ରଙ୍କ ବ୍ୟକ୍ତିତ୍ୱ ପ୍ରତ୍ୟାଖ୍ୟାନ କରି କେବଳ 'ରାମ' ଶବ୍ଦ ମାତ୍ରକୁ ଗୁରୁତ୍ୱ ଦିଆଯାଇଛି ।

ସୁତରାଂ ଆମର ଉପସ୍ଥାପନାରେ ରାମଚରିତ ମାନସର କୌଣସି ମହତ ବିଚାରକୁ ପ୍ରତିହତ କରିବା ପାଇଁ କୌଣସି ପ୍ରକାର ପକ୍ଷପାତିତା ଅବଲମ୍ବନ

କରାଯାଇଛି ବୋଲି ଭାବିବାରେ କୌଣସି ଯଥାର୍ଥତା ନାହିଁ । କିନ୍ତୁ ଏହା ସତ୍ୟଯେ ଦଣ୍ଡଭୋଗ ବ୍ୟତୀତ କୌଣସି ନାମ ଜପ କରିଦେଲେ କୃତ ପାପକର୍ମର ଫଳରୁ ନିସ୍ତାର ମିଳିଯାଇପାରିବ ବୋଲି ଯେଉଁ ମିଥ୍ୟା ମାନ୍ୟତା ସମାଜରେ ସ୍ୱେଚ୍ଛାରେ ବିଚରଣ କରୁଛି, ସେଥିରେ ରାମଚରିତମାନସର ଭୂମିକା ସମ୍ବନ୍ଧରେ ସମାଜକୁ ଅବଗତ କରାଇବା ପାଇଁ ଆବଶ୍ୟକୀୟ ପ୍ରୟାସ କରାଯାଇଛି ।

ନିଜର ପାତକ ନାଶନ ପତାକା (ପାପ ନାଶଯିବା ବ୍ୟବସ୍ଥା) ଉଡ଼ାଇ ସାରିବା ପରେ ରାମଚରିତମାନସ ରାମଚନ୍ଦ୍ରଙ୍କ ମୁଖରେ ତତ୍ସମ୍ବନ୍ଧରେ ଗାଇଛି:-

**ବହୁରି ରାମ ଜାନକିହି ଦେଖାଇ ।**
**ଯମୁନା କଳି ମଳ ହରନି ସୁହାଇ ॥**
**ପୁନି ଦେଖି ସୁରସରି ପୁନିତା ।**
**ରାମ କହା ପ୍ରନାମ କରୁ ସୀତା ॥- ୩**
**ତିରଥ ପତି ପୁନି ଦେଖୁ ପ୍ରୟାଗା ।**
**ନିରଖତ ଜନ୍ମକୋଟି ଅଘ ଭାଗା ॥**
**ଦେଖୁ ପରମ ପାବନି ପୁନି ବେନି ।-୪**
**ହରନି ଶୋକ ହରି ଲୋକ ନିସେନି ॥**

(ଲ.କା-ଦୋହା=-୧୧୯ଖ, -୩,୪,)

(ଅର୍ଥାତ୍) ରାମଚନ୍ଦ୍ର ସୀତାଙ୍କୁ କଳିଯୁଗର ପାପନାଶକାରୀ ଗଙ୍ଗା ଓ ଯମୁନାନଦୀର ଦର୍ଶନ କରାଇ ପ୍ରଣାମ କରିବାକୁ କହିଲେକି, ହେ ସୀତେ ! ପ୍ରୟାଗକୁ ଦେଖ, ଯାହାର ଦର୍ଶନରେ କୋଟି ଜନ୍ମର ପାପ ଦୂର ହୋଇଯାଏ । ପରମ ପବିତ୍ର ତ୍ରିବେଣୀକୁ ଦେଖ ! ଯେକି ଶୋକ ହରଣକାରୀ ଓ ଶ୍ରୀହରିଙ୍କର ପରମ ଧାମରେ ପହଞ୍ଚିବା ପାଇଁ ସିଡ଼ି ସଦୃଶ ଅଟେ । (ରାମଚନ୍ଦ୍ର କେଉଁ ଶ୍ରୀହରିଙ୍କର ଆଲୋଚନା କଲେ, ତାହା ବିଚାରଣୀୟ)

× × ×

**ପୁନି ଦେଖୁ ଅବଧ ପୁରୀ ଅତି ପାବନି ।**
**ତ୍ରିବିଧ ତାପ ଭବରୋଗ ନସାବନି ॥**(ଲ.କା.ଦୋ୧୧୯ଖ-ଚୌ-୫)

ପୁଣି ଅତି ପବିତ୍ର ଅଯୋଧ୍ୟାପୁରୀକୁ ଦେଖ, ଯେକି ତ୍ରିତାପ ଓ ଭବ ରୋଗ (ଅବାଗମନ) ନାଶ କରିଦିଅନ୍ତି ।

× × ×

**ମମ କୃତ ସେତୁ ଜୋ ଦରଶନ କରିହି ।**
**ସୋ ବିନୁ ଶ୍ରମ ଭବ ସାଗର ତରୀହି ।।**(ଲ.କା-ଦୋହା- ୨ , ଚୌ- ୨ )

(ଅର୍ଥାତ୍) ମୁଁ କରିଥିବା ସେତୁକୁ ଯେକେହି ଦର୍ଶନ କରିବ ସେ ବିନାଶ୍ରମରେ ଭବ ସାଗରରୁ ତରିଯିବ ।

× × ×

ରାମଚରିତ ମାନସ ଉପସ୍ଥାପିତ ଉପରୋକ୍ତ କଥୋପକଥନକୁ ଯଦି ଶ୍ରୀରାମଙ୍କ ମୁଖନିସୃତ ତଥା ଆପ୍ତୋପଦେଶ ବଚନ ରୂପେ ସ୍ୱୀକାର କରାଯିବ, ତାହାହେଲେ;

୧. ଯୌତୁକ ପାଇଁ ନିର୍ଯ୍ୟାତନା ଦେଇ ବୋହୂକୁ ତଣ୍ଟିଚିପି ମାରିଦେଇଥିବା ସ୍ୱାମୀ, ଶାଶୁ, ଶଶୁରାଦି ଯମୁନା ନଦୀରେ ସ୍ନାନ କଲେ ପାପ ଧୋଇ ହୋଇଯିବ ?

୨. ବାପା, ମାଙ୍କୁ ଖାଇବାକୁ ନଦେଇ ତାଙ୍କୁ ବେସାହାରା ଭାବେ ଘରୁ ବାହାର କରିଦେଇଥିବା ପୁଅ ଓ ବୋହୂ ପ୍ରୟାଗ ନଦୀକୁ ଦର୍ଶନ କରିଦେଲେ ପାପରୁ ତରିଯିବେ ?

୩. ଅପମିଶ୍ରିତ ଖାଦ୍ୟ, ପାନୀୟ, ଔଷଧ ବିକ୍ରି କରି ମାନବର ଅକାଳ ମୃତ୍ୟୁପାଇଁ ଦାୟୀ ହୋଇଥିବା ଲାଭଖୋର ବ୍ୟବସାୟୀ, ଗଙ୍ଗା ନଦୀର ଜଳ ସ୍ପର୍ଶମାତ୍ରକେ ପାପ ରହିତ ହୋଇଯିବ ?

୪. କୌଣସି ନାରୀକୁ ଧର୍ଷଣ କରି ତାହାକୁ ହତ୍ୟା କରିଥିବା ପଶୁ ପ୍ରବୃତ୍ତିର ବ୍ୟକ୍ତି ଅଯୋଧ୍ୟା ନଗରୀର ଦର୍ଶନ କରି ଭବ ରୋଗରୁ ମୁକ୍ତ ହୋଇଯିବ ?

୫. ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନରହତ୍ୟା ପରି ଅପକର୍ମ କରୁଥିବା, କରାଉଥିବା ଅନୁମୋଦନ କରୁଥିବା ରାଜନେତା ସେତୁବନ୍ଧ ଦର୍ଶନ କରି ପାପ ରହିତ ହୋଇଯିବ ?

୬. ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଇ ସର୍ବସାଧାରଣଙ୍କର ସମ୍ପତ୍ତିକୁ ଆତ୍ମସାତ କରୁଥିବା ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଗଙ୍ଗାନଦୀରେ ସ୍ନାନ କରିଦେଲେ ନିଷ୍ପାପ ସାବ୍ୟସ୍ତ ହୋଇଯିବ ?

୭. କୌଣସି ସରକାରୀ କର୍ମଚାରୀ ଅବସର ନେବା ପୂର୍ବରୁ ମୃତ୍ୟୁବରଣ କଲେ, ଅନୁକମ୍ପା ପୂର୍ବକ ତାଙ୍କର ସ୍ତ୍ରୀ କିମ୍ବା ପୁତ୍ରକୁ ଚାକିରି ମିଳିବାର ବ୍ୟବସ୍ଥା ସରକାର କରିଛନ୍ତି । ଚାକିରି ଲୋଭରେ ପୁଅ ଯଦି ବାପାକୁ କୌଶଳ ପୂର୍ବକ ହତ୍ୟାକରି ଏବଂ ନିଜକୁ ନିର୍ଦ୍ଦୋଷୀ ସାବ୍ୟସ୍ତ କରି ଚାକିରି ପାଏ, ତାହାହେଲେ ଏହି ପାପ କ୍ଷୟ ପାଇଁ କୌଣସି ନଦୀରେ ସ୍ନାନ କରିଦେଲେ ସେହି ପାପ କ୍ଷୟ ହୋଇଯିବ ?

ଶାସ୍ତ୍ରଜ୍ଞ ବିଦ୍ୱାନଙ୍କ କଥା ଦୂରେ ଥାଉ, କୌଣସି ସାଧାରଣ ବ୍ୟକ୍ତିଙ୍କୁ ଯଦି ଏମିତି କିଛି ପ୍ରଶ୍ନ କରାଯାଏ, ତାହାହେଲେ ନିଶ୍ଚିତ ରୂପେ ତାଙ୍କଠାରୁ ଏହି ବିବେକାନୁମୋଦିତ ଉତ୍ତର ମିଳିବ ଯେ "ଦୋଷୀ ପାଇଁ ଦଣ୍ଡ ବିଧାନ" ନିହାତି ଆବଶ୍ୟକ । ନତୁବା ସମାଜ ବିଶୃଙ୍ଖଳିତ ହେବା ସୁନିଶ୍ଚତ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହିକି ତୁଳସୀ ଦାସଙ୍କ ପରି ଜଣେ ସନ୍ଥ, ସ୍ୱୟଂ ରାମଚନ୍ଦ୍ରଙ୍କୁ ଯିଏ ଚନ୍ଦନଟିକା ଲଗାଇଛନ୍ତି ଏବଂ ତାଙ୍କଠାରୁ ଟିକା ନେଇଛନ୍ତି (ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନୀ ଦ୍ରଷ୍ଟବ୍ୟ-ସତ୍ୟାସତ୍ୟ ନିର୍ଣ୍ଣୟ ଆବଶ୍ୟକ),ରାମଚରିତମାନସ ପରି ଏକ ସାହିତ୍ୟର ସ୍ରଷ୍ଟା (ସ୍ୱୟଂ କାଶୀନାଥ ଏହାକୁ ଶ୍ରେଷ୍ଠ ଗ୍ରନ୍ଥ ରୂପେ ସ୍ୱୀକୃତି ଦେଇଛନ୍ତି- ସଂକ୍ଷିପ୍ତ ଜୀବନୀରେ ଲେଖାଥିବା ଏହି ବିଷୟର ସତ୍ୟାସତ୍ୟ ନିଶ୍ଚୟ ଆବଶ୍ୟକ) ସମାଜକୁ ବୁଦ୍ଧି ବିରୁଦ୍ଧ କ୍ଷତିକାରକ ବାର୍ତ୍ତା ଦେଇ ପାରିଲେ କିପରି ? ଖାଲି ଏତିକିରେ କ୍ଷାନ୍ତ ନହୋଇ ରାମଚନ୍ଦ୍ରଙ୍କୁ ଓ ବେଦକୁ ନିଜେ ନିଜର ସାକ୍ଷୀ ରୂପେ ଠିଆ କରାଇ ଦେଇଛନ୍ତି । ଯିଏ ଯାହାକହୁ ପଛେ, ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ବ୍ୟକ୍ତିତ୍ୱକୁ ନିମ୍ନସ୍ତରକୁ ନେବା ବିଜ୍ଞତାର ପରିଚାୟକ ହୋଇପାରିବନି ।

***ପ୍ରଶ୍ନ: ବର୍ତ୍ତମାନ ବେଦ ପ୍ରଚାର କରୁଥିବା ସଙ୍ଗଠନମାନଙ୍କ ମଧ୍ୟରେ "ଆର୍ଯ୍ୟସମାଜ" ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆର୍ଯ୍ୟ ସମାଜର ସଂସ୍ଥାପକ ମହର୍ଷି ଦୟାନନ୍ଦ ମାନବ ସମାଜ ପାଇଁ ଏକ ନିତ୍ୟକର୍ମ***

*ପଦ୍ଧତି (ପଞ୍ଚମହାଯଜ୍ଞ) ବ୍ୟବସ୍ଥିତ କରିଛନ୍ତି । ତତ୍ସନିହିତ ବ୍ରହ୍ମଯଜ୍ଞ (ଈଶ୍ୱରୋପାସନା) ମଧ୍ୟରେ 'ଅଘ ମର୍ଷଣ' (ପାପ ମୋଚନ) ପାଇଁ ବେଦ ମନ୍ତ୍ରର ବିନିଯୋଗ କରିଛନ୍ତି । ଏହି ବିଷୟ ଯେତେବେଳେ ତୁଳସୀ ଦାସଜୀ ରାମଚନ୍ଦ୍ରଙ୍କର ମୁଖରେ କହିଛନ୍ତି, ତାହାକୁ ବୁଦ୍ଧିବରୁଦ୍ଧ ଓ କ୍ଷତିକାରକ କହିବା ଅଜ୍ଞତାର ପରିଚାୟକ ନୁହେଁ କି ?*

**ଉତ୍ତର:** ବର୍ତ୍ତମାନ ଆର୍ଯ୍ୟ ସମାଜ ହିଁ ଏକମାତ୍ର ସଙ୍ଗଠନ ଯେକି 'ବେଦପ୍ରଚାର' ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହା ଅତ୍ୟୁକ୍ତି ନୁହେଁ ବରଂ ଏକ ବାସ୍ତବତା ଅଟେ । ମହର୍ଷି ଦୟାନନ୍ଦ ହିଁ ଏକମାତ୍ର ମହାପୁରୁଷ ଯେକି ଦୃଢ଼ କଣ୍ଠରେ କହିଛନ୍ତିଯେ "ବ୍ରହ୍ମାଙ୍କଠାରୁ ଆରମ୍ଭକରି ମହର୍ଷି ଜୈମିନିଙ୍କ ପର୍ଯ୍ୟନ୍ତ ଋଷି ପରମ୍ପରାର ଯେଉଁ ମତ ମୋର ମଧ୍ୟ ସେହିମତ ।" ସେ କୌଣସି ନବୀନ ବିଚାର ପ୍ରଚାର କରିନାହାନ୍ତି । ପ୍ରଥମ ମାନବ ସଂହିତା 'ମନୁସଂହିତା' ସମୟରୁ ଏହି ପଞ୍ଚ ମହାଯଜ୍ଞ+ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଅଛି । ମାନବ ସମାଜକୁ ଶୃଙ୍ଖଳିତ କରି ଜୀବନର ଚରମ ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ଏହାଠାରୁ ବଳି ଶୁଦ୍ଧ ବୈଦିକ ବ୍ୟବସ୍ଥା ଆଉ କିଛି ନାହିଁ । ବ୍ରହ୍ମଯଜ୍ଞାନ୍ତର୍ଗତ ଅଘମର୍ଷଣ ସମ୍ବନ୍ଧରେ ମହର୍ଷି ଦୟାନନ୍ଦ କହିଛନ୍ତି:- **ନ୍ୟୁନାତିନ୍ୟୁନ ତିନିଥର ଓ ଅଧିକରୁ ଅଧିକ ୨୧ ଥର ପ୍ରାଣାୟାମ କରିବେ । ତା'ପରେ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ସୃଷ୍ଟିକ୍ରମ ବିଷୟରେ ବିଚାରକରି ନିମ୍ନଲିଖିତ ମନ୍ତ୍ର ଅର୍ଥ ସହିତ ପାଠ କରିବେ । ଜଗଦୀଶ୍ୱରଙ୍କୁ ସର୍ବବ୍ୟାପକ, ନ୍ୟାୟକାରୀ, ସର୍ବତ୍ର-ସର୍ବଦା ସମସ୍ତ ଜୀବର କର୍ମର ଦ୍ରଷ୍ଟା ମନେକରି ନିଜ ଆତ୍ମା ଓ ମନକୁ କଦାପି ପାପ ଆଡ଼କୁ ଯିବାକୁ ଦେବେ ନାହିଁ କିନ୍ତୁ ସର୍ବଦା ଧର୍ମଯୁକ୍ତ କର୍ମରେ ଲିପ୍ତ ରଖିବେ ।** (ମହର୍ଷି ଦୟାନନ୍ଦ କୃତ 'ପଞ୍ଚ ମହାଯଜ୍ଞ' ବିଧିର ବ୍ରହ୍ମଯଜ୍ଞ ପ୍ରକରଣରୁ ଉଦ୍ଧୃତ)

---

\+ *(ପଞ୍ଚ ମହାଯଜ୍ଞ: ୧.ବ୍ରହ୍ମଯଜ୍ଞ (ଈଶ୍ୱରରୋପସନା- ଯୋଗଭ୍ୟାସ । ୨. ଦେବ ଯଜ୍ଞ- ଅଗ୍ନିହୋତ୍ର । ୩. ପିତୃଯଜ୍ଞ - ଜୀବିତ ପିତୃପୁରୁଷଙ୍କ ସେବା ।୪. ଅତିଥି ଯଜ୍ଞ । ୫. ବଳୀ ବୈଶ୍ୱଦେବ ଯଜ୍ଞ-ମାନବେତ୍ତର ପ୍ରାଣୀମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା)*

**ଋତଂଚ ସତ୍ୟଂଚାଭୀଦ୍ଧାତ୍ତପସୋଽଧ୍ୟଜାୟତ ।**
**ତତୋ ରାତ୍ର୍ୟଜାୟତ ତତଃ ସମୁଦ୍ରୋ ଅର୍ଣ୍ଣବଃ ॥୧॥**
**ସମୁଦ୍ରାଦର୍ଣ୍ଣବାଦଧିସମ୍ବତ୍ସରୋ ଅଜାୟତ ।**
**ଅହୋରାତ୍ରାଣିବିଦଧଦ୍ୱିଶ୍ୱସ୍ୟ ମିଷତୋବଶୀ ॥୨॥**
**ସୂର୍ଯ୍ୟାଚନ୍ଦ୍ରମସୌ ଧାତା ଯଥାପୂର୍ବମକଳ୍ପୟତ୍ ।**
**ଦିବଂଚ ପୃଥିବ୍ୟଂଚାନ୍ତରିକ୍ଷମଥୋ ସ୍ୱଃ ॥୩॥**

(ଋକ୍ ବେଦ ୧୦-୧୯୦/୧, ୨, ୩)

(ମନ୍ତ୍ରାର୍ଥ ଅବଗତ ହେବାପାଇଁ ମହର୍ଷି ଦୟାନନ୍ଦ କୃତ 'ପଞ୍ଚମହାଯଜ୍ଞ' ବିଧିର ବ୍ରହ୍ମଯଜ୍ଞ ପ୍ରକରଣ ପଠନ ଯୋଗ୍ୟ)

ଏହି ବିନିଯୁକ୍ତ ମନ୍ତ୍ରମାନଙ୍କରେ କୌଣସି ସ୍ଥଳରେ ମଧ୍ୟ କୃତ ପାପର ଫଳ କ୍ଷୟ ହୋଇଯିବା ବିଷୟ ଲେଖା ଯାଇନି ବରଂ ସୃଷ୍ଟିଚକ୍ର କିପରି ପ୍ରବାହତଃ ଅନାଦି ତାହା ବର୍ଣ୍ଣନା କରାଯାଇଛି, ଯାହା ଚିନ୍ତନ-ମନନ କରିବା ଦ୍ୱାରା ଶୁଭ କର୍ମ କରିବା ପାଇଁ ଅନ୍ତଃ ପ୍ରେରଣା ଯାଗ୍ରତ ହେବ । କିନ୍ତୁ ଏହି ପ୍ରକରଣରେ ତୁଳସୀ ଦାସଜୀଙ୍କ ବିଚାର ସମ୍ପୂର୍ଣ୍ଣ ଅଲଗା । ସେ ଲେଖିଛନ୍ତି-

**ଦରସ ପରସ ମଜ୍ଜନ ଅରୁପାନା ।**
**ହରଇ ପାପ କହ ବେଦ ପୁରାନା ॥** (ବା.କା-ଦୋ ୩୪-ଚୌପାଇ-୧)

ଅର୍ଥାତ୍ ବେଦ କହେକି, ସରଯୁ ନଦୀରେ ସ୍ନାନ କଲେ କିମ୍ବା ତାର ଜଳକୁ ପାନ କଲେ କିମ୍ବା ଦର୍ଶନ କଲେ ପାପ ହରଣ ହୋଇଯାଏ ।

ବେଦରେ ଏମିତି କିଛି ଲେଖା ନଥିବା ସ୍ଥଳେ, ବେଦ ନାମରେ ସମାଜକୁ ମିଥ୍ୟା ବାର୍ତ୍ତା ଦେଇ ତୁଳସୀ ଦାସଜୀଙ୍କୁ କେଉଁ ଯଶ ପ୍ରାପ୍ତ ହେଲା ତାହା ସେହିଁ କହିପାରିବେ । କିନ୍ତୁ ସେତେବେଳେ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ନିଜର ମିଥ୍ୟା ମାନ୍ୟତାକୁ ସତ୍ୟ ପ୍ରତିପାଦନ କରିବା ପାଇଁ ସେ ରାମଚନ୍ଦ୍ରଙ୍କୁ ଟାଣିଆଣି ନିଜର ସାକ୍ଷୀ ରୂପେ ଠିଆ କରାଇ ଦିଅନ୍ତି । ସେହି ମିଥ୍ୟା ସନ୍ଦେଶକୁ ରାମଚନ୍ଦ୍ରଙ୍କ ମୁଖରେ ପ୍ରତିଧ୍ୱନିତ କରାଇ ଲେଖିଛନ୍ତି:-

**ତିରଥ ପତି ପୁନି ଦେଖୁ ପ୍ରୟାଗା ।**
**ନିରଖତ ଜନ୍ମକୋଟି ଅଘ ଭାଗା ॥**(ଲ.କା-ଦୋହା ୧୧୯, ଚୌପାଇ ୪)

ଅର୍ଥାତ୍ ରାମଚନ୍ଦ୍ର ସୀତାଙ୍କୁ କହୁଛନ୍ତିକି, ତୀର୍ଥରାଜ ପ୍ରୟାଗକୁ ଥରେ ଦେଖିନେଲେ କୋଟି ଜନ୍ମର ପାପ ଦୂର ହୋଇଯାଏ । (ଅଘଭାଗା)

ତୁଳସୀ ଦାସଜୀଙ୍କର ରାମ (ଈଶ୍ୱର) ଏମିତି ଅଯୌକ୍ତିକର କଥା କାହିଁକି କହିଲେ ଆମେ ତାହା କହିପାରୁନୁ । କିନ୍ତୁ "ଆମ ମର୍ଯ୍ୟାଦା ପୁରୁଷୋତ୍ତମ ରାମ" ଏମିତି କିଛି କହିଥିବା ଆମେ ଆଦୌ ବିଶ୍ୱାସ କରୁନୁ ।

**କୃତ ପାପ କର୍ମ ପାଇଁ ଉପଯୁକ୍ତ ଦଣ୍ଡ ଭୋଗନକରି ପାପକୁ ଦୂରେଇଦେବା -ନଷ୍ଟ କରିଦେବା ପାଇଁ ମହାପୁରୁଷ ମାନଙ୍କର ଓ ବେଦର ସମର୍ଥନ ଯୋଗାଡ଼ ପୂର୍ବକ ସାମାଜିକ ବ୍ୟବସ୍ଥା ଦେବା (ତୁଳସୀ ଦାସଙ୍କ ମନ୍ତବ୍ୟ)**

**ସର୍ବଦା ଧର୍ମଯୁକ୍ତ ଏବଂ କର୍ମରେ ଲିପ୍ତ ରହି ଆତ୍ମା ଓ ମନକୁ ପାପ ଆଡ଼କୁ ଯିବାକୁ ନ'ଦେବା (ମହର୍ଷି ଦୟାନନ୍ଦଙ୍କ ବୈଦିକ ବିଚାର)**

ଏହି ଦୁଇଟି ବିଚାରକୁ ପରସ୍ପର ସହ ତୁଳନା କରିବା ଅଯୌକ୍ତିକର ସିଦ୍ଧ ହେବ । ବୈଦିକ ଅଘମର୍ଷଣ ବିଚାର ସହ ତୁଳସୀ ଦାସଙ୍କ 'ପାପ ମୋଚନ' ବିଚାରର କୌଣସି ସମ୍ବନ୍ଧ ନାହିଁ ।

***ପ୍ରଶ୍ନ:*** ***"ତୁଳସୀ ଦାସଙ୍କର ରାମ ଓ ଆମ ରାମ' ଏପରି ଏକ ଅନାବଶ୍ୟକ ତଥା ତୁଳନାତ୍ମକ ମନ୍ତବ୍ୟ ଉପସ୍ଥାପନା କରାଗଲା କାହିଁକି ?***

**ଉତ୍ତର:** ଆମ ରାମ ଏକାଧାରାରେ ଗୁଣବାନ, ବୀର୍ଯ୍ୟବାନ, ବିଦ୍ୱାନ, ସମର୍ଥବାନ, ଧୈର୍ଯ୍ୟବାନ, ବଳବାନ, ଶ୍ରୀସମ୍ପନ୍ନ, ପ୍ରିୟଦର୍ଶନ, କାନ୍ତିମାନ, ସୌମ୍ୟଦର୍ଶନ, ଧନୁର୍ବେଦ ପ୍ରବୀଣ, ଧର୍ମଜ୍ଞ, କୃତଜ୍ଞ, ଦୃଢ଼ ପ୍ରତିଜ୍ଞ, ନୀତିଜ୍ଞ, ବେଦଜ୍ଞ, ସତ୍ୟବକ୍ତା, ସତ୍ୟପରାକ୍ରମଯୁକ୍ତ, ଯୋଗ୍ୟବକ୍ତା, ଯୋଗ୍ୟପତି, ଯୋଗ୍ୟ ଭ୍ରାତା, ଯୋଗ୍ୟପୁତ୍ର, ଯୋଗ୍ୟରାଜା, ସଦାଚାରୀ, ସର୍ବହିତକାରୀ, ଶତ୍ରୁ ସଂହାରକ, ଧର୍ମରକ୍ଷକ, ସର୍ବଜନପ୍ରିୟ, ସାଧୁ, ପିତୃ ଭକ୍ତ, କ୍ଷମାଶୀଳ, ନ୍ୟାୟକାରୀ, ଜିତେନ୍ଦ୍ରିୟ, ଅକ୍ରୋଧି, ତ୍ୟାଗୀ, ତପସ୍ୱୀ, ଯଶସ୍ୱୀ, ଯଜ୍ଞରକ୍ଷକ, ବେଦରକ୍ଷକ, ସଂସ୍କୃତିରକ୍ଷକ, ମର୍ଯ୍ୟାଦା ପୁରୁଷୋତ୍ତମ ଓ ସଚ୍ଚା ଈଶ୍ୱରୋପାସକ ଅଟନ୍ତି । ସନ୍ଧ୍ୟା ଏବଂ ଉପସନାକୁ ସେ କେତେ ଗୁରୁତ୍ୱ ଦେଉଥିଲେ ସେହି ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି "ତ୍ରୟଃ

ସନ୍ଧ୍ୟା ସମୁପାସନ୍ତ ସହିତଃ" ଅର୍ଥାତ୍ ରାମ, ସୀତା ଓ ଲକ୍ଷ୍ମଣ ନିୟମିତ ସଂଧ୍ୟୋପାସନା କରୁଥିଲେ । 'ଆମ ରାମଚନ୍ଦ୍ରଙ୍କର' ଯଜ୍ଞପ୍ରେମ ସେତେବେଳେ ସ୍ପଷ୍ଟ ହେଲା ଯେତେବେଳେ ଭରତ ରାମଚନ୍ଦ୍ରଙ୍କର ପର୍ଣ୍ଣକୁଟୀର ଆଗରେ ଯଜ୍ଞକୁଣ୍ଡରୁ ଅଗ୍ନି ପ୍ରଜ୍ୱଳିତ ହେଉଥିବା ଦେଖିଲେ । (ପ୍ରାଗୁଦକ୍ ପ୍ରବଣାଂ ବେଦୀଂ ବିଶାଳାଂ ଦୀପ୍ତ ପାବକାମ୍- ଦଦର୍ଶ ଭରତସ୍ତତ୍ରପୁଣ୍ୟାଂ ରାମନିବେଶନେ । ବାରା-ଅଯୋଧ୍ୟାକାଣ୍ଡ-୯୯/୨୪) ରାମଚନ୍ଦ୍ରଙ୍କର ବ୍ରହ୍ମଚର୍ଯ୍ୟାଶ୍ରମ ସମ୍ବନ୍ଧରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି; ସର୍ବବିଦ୍ୟାବ୍ରତସ୍ନୋତୋ ଯଥାବତ୍ ସାଙ୍ଗବେଦବିତ୍ (ଅଯୋଧ୍ୟାକାଣ୍ଡ୧/୨୦), ଚରିତ ବ୍ରହ୍ମଚର୍ଯ୍ୟସ୍ୟ ବିଦ୍ୟାସ୍ନାତସ୍ୟ ଧିମତଃ (ଅଯୋଧ୍ୟାକାଣ୍ଡ ୮୨/୧୧) ଅର୍ଥାତ୍ ରାମଚନ୍ଦ୍ର ବେଦ-ବେଦାଙ୍ଗର ବିଦ୍ୱାନ ଥିଲେ । ସମସ୍ତ ବିଦ୍ୟାଗୁଡ଼ିକ ବିଧିପୂର୍ବକ ପଢ଼ିଥିଲେ । ବ୍ରହ୍ମଚର୍ଯ୍ୟାଶ୍ରମରେ ରହି ବିଦ୍ୟାପୂର୍ଣ୍ଣ କରି ସ୍ନାତକ ବନିଯାଇଥିଲେ ।

ସର୍ବଗୁଣ ସମ୍ପନ୍ନ ମର୍ଯ୍ୟାଦାପୁରୁଷୋତ୍ତମ 'ଆମ ରାମ', କର୍ମଫଳ ସିଦ୍ଧାନ୍ତକୁ ପୂର୍ଣ୍ଣତଃ ସ୍ୱୀକାର କରୁଥିଲେ । ଏଣୁ କରି ବାଲ୍ମିକୀ ମହର୍ଷି ଲେଖିଥିଲେ ଯେ,

**ଆତ୍ମାନଂ ମାନୁଷଂମନ୍ୟୋ ରାମଂ ଦଶରଥାତ୍ମଜଂ ।**
**ସୋହଂ ଯଶ୍ଚ ଯତଶ୍ଚାହଂ ଭଗବାଂସ୍ତବ୍ ବ୍ରବୀତୁମେ ॥**

(ଯୁ.କା-୧୧୭/୧୧)

**କିଂ ମୟା ଦୁଷ୍କୃତଂ କର୍ମଂ କୃତମନ୍ୟତ୍ର ଜନ୍ମନି** (ଯୁ.କା-୨୦୧/୧୧)
**ପୂର୍ବଂ ମୟାନୂନମଭିପ୍ଷିତାନି ପାପାନି କର୍ମାଣ୍ୟସକୃତ୍-କୃତାନୀ**

(ଅର.କା-୬୩/୪)

**ନାସ୍ତିଅଭାଗ୍ୟତରୋ ଲୋକେ ମତ୍ତୋସ୍ମିନ୍ ସଚରାଚରେ ॥**

(ଅର.କା.-୬୭/୨୬)

(ଅର୍ଥାତ୍) ରାମଚନ୍ଦ୍ର ମାନବ ସୁଲଭ ସହଜ ଭାବରେ କହୁଛନ୍ତି କି, ମୁଁ ମନୁଷ୍ୟ ହୋଇଥିବାରୁ ପୂର୍ବଜନ୍ମର ଜ୍ଞାନ ମୋର ନାହିଁ । ପୂର୍ବ ଜନ୍ମରେ ନିଶ୍ଚିତରୂପେ ମୁଁ କିଛି ଦୁଷ୍କର୍ମ କରିଛି । ମୋଯୋଗୁଁ ସୀତା ଓ ଲକ୍ଷ୍ମଣ ଏତେ କଷ୍ଟ ଭୋଗୁଛନ୍ତି । ମୋ ପରି ଅଭାଗା ଦୁନିଆରେ କେହି ନାହିଁ । ଏତାଦୃଶ ଅନୁଭୂତି ଈଶ୍ୱର କିମ୍ବା ଈଶ୍ୱରଙ୍କ ଅବତାରଙ୍କୁ ହୁଏନି କିନ୍ତୁ ଏକ ଉଦାରମନା ମର୍ଯ୍ୟାଦା ପୁରୁଷୋତ୍ତମ ବ୍ୟକ୍ତିଙ୍କୁ ଅବଶ୍ୟ

ହୋଇଥାଏ । ଆମ ରାମ ଏପରି ଏକ ଶ୍ରେଷ୍ଠ ପୁରୁଷ ଥିଲେ । ଏଣୁ କରି, ପ୍ରୟାଗକୁ ଦେଖିନେଲେ କୋଟି ଜନ୍ମର ପାପ ଦୂର ହୋଇଯାଏ ବୋଲି ରାମଙ୍କ ମୁଖରେ ତୁଳସୀ ଦାସଜୀ ଯାହା କହିଛନ୍ତି ତାହାକୁ ସମ୍ପୂର୍ଣ୍ଣ ଅବୈଦିକ, କପୋଳକଳ୍ପିତ, ମିଥ୍ୟା ଓ ମାନବତା ପାଇଁ ଏକ ତ୍ରୁଟିପୂର୍ଣ୍ଣ ବାର୍ତ୍ତା ରୂପେ ବିବେଚନା କରି ତା' ଠାରୁ ଦୂରରେ ରହିବା ମଙ୍ଗଳଦାୟକ ହେବ ।

ରାମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱକୁ ନେଇ ରାମଚରିତମାନସରେ କୌଣସି ସ୍ୱଷ୍ଟ କିମ୍ବା ସ୍ଥିର ମନ୍ତବ୍ୟ ନାହିଁ କିନ୍ତୁ **'ଆମରାମ' ମର୍ଯ୍ୟାଦାପୁରୁଷୋତ୍ତମ ।**

ବୈଦିକ ସିଦ୍ଧାନ୍ତ ଏହିକି, ଜୀବ କର୍ମ କରିବାରେ ସ୍ୱତନ୍ତ୍ର । କିନ୍ତୁ ଫଳ ଭୋଗ କରିବା ଈଶ୍ୱରାଧିନ ଅଟେ । ଈଶ୍ୱରୀୟ ନ୍ୟାୟ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିବା ସାମର୍ଥ୍ୟ କାହାର ନଥାଏ । ଶୁଭାଶୁଭ କର୍ମର ଶୁଭାଶୁଭ ଫଳ ଅବଶ୍ୟ ପ୍ରାପ୍ତ ହେବ । ଈଶ୍ୱରଙ୍କ ଦରବାରରେ କୌଣସି ପ୍ରାଗ୍‌ବିରାଟ କିମ୍ବା ସୁପାରିଶ କରିବା ବ୍ୟକ୍ତି ଯଥା:- ଗୁରୁ, ବାବା, ଅବତାର, ପୈଗମ୍ବର, ଈଶ୍ୱର ଦୂତ, ଈଶ୍ୱର ପୁତ୍ର ଆଦି କେହି ନଥାନ୍ତି । ଅତଏବ ଧର୍ମାଚରଣ (ପକ୍ଷପାତ ରହିତ ନ୍ୟାୟାଚରଣ ଓ ଈଶ୍ୱରାଜ୍ଞା ପାଳନ) ପୂର୍ବକ ନିରାମୟ ଶାନ୍ତ ଓ ସରଳ ଜୀବନ ଯାପନ କରି, ଦୁଃଖରୁ ନିବୃତ୍ତି ଓ ଆନନ୍ଦପ୍ରାପ୍ତି ପାଇଁ ସତ୍ ପୁରୁଷାର୍ଥରେ ଲିପ୍ତ ରହିବା ସମସ୍ତଙ୍କର ପରମ ଧେୟ ହେବା ଉଚିତ ।

ହେ ମାନବ ! ଥରେ ଚିନ୍ତା କର । ଈଶ୍ୱର ନାମକ କୌଣସି ସତ୍ତା ଅଛି ବୋଲି ଯଦି ବିଶ୍ୱାସ କରୁଛ, ତାହାହେଲେ ଦୋଷୀକୁ ଦଣ୍ଡ ନଦେଇ, କୌଣସି ସମୁଦ୍ର, ନଦୀ, ନାଳ, ବନ୍ଧ, ଗାଡ଼ିଆରେ ଗାଧୋଇ ପକାଇଲେ ଦୋଷ କ୍ଷମା କରିଦେବ ବୋଲି ଭାବୁଛ କିପରି ? ରାମନାମ ସ୍ମରଣ, ଭରତ ନାମ ସ୍ମରଣରେ, କାଶୀ, ଅଯୋଧ୍ୟା, ସେତୁବନ୍ଧ ଦର୍ଶନରେ ଦୋଷକ୍ଷମା ହୋଇଯିବାର ପ୍ରଶ୍ନହିଁ ଉଠୁନି । ଶାସ୍ତ୍ର କ'ଣ କହେ, ତାହାଯଦି ପଢ଼ି ବୁଝି ହେଉନି, ତାହାହେଲେ ବୁଦ୍ଧିକୁ ଆଗୁସାର କରି ସୁସ୍ଥ ବିଚାର କର । ବହୁତ କିଛି ଜାଣିପାରିବ, ବୁଝିପାରିବ । ଅକ୍ଷର ଚିହ୍ନିପାରୁନଥିବା ବ୍ୟକ୍ତି ଯେ ସୁସ୍ଥ ଚିନ୍ତା କରିପାରିବନି ଏପରି ଭାବିବା ନିହାତି ବୋକାମୀ । ଏମିତି ଏକ ସମୟ ଥିଲା ଯେତେବେଳେ ଅକ୍ଷର (ଲିପି) ନଥିଲା ।

ତଥାପି ଉଚ୍ଚମନା ବ୍ୟକ୍ତିମାନଙ୍କର ଅଭାବ ନଥିଲା । ପାଠପଢ଼ି ଶାସ୍ତ୍ରଜ୍ଞାନ ଅର୍ଜନ କରିଥିବା ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନେ ଧର୍ମ ଓ ଈଶ୍ୱର ନାମରେ ସମାଜକୁ ଭଣ୍ଡାଇ ବେଶ ଧନ ଉପାର୍ଜନ କରିବାରେ ମାତିଥିବା ସମୟରେ, ଆଉ କିଛି ସମାଜର ଉଚ୍ଚ ଆସନରେ ବସିଥିବା ବିଚାରଶକ୍ତି ରହିତ ପାଠୁଆ ସେହି ଭଣ୍ଡମାନଙ୍କର ଜାଲରେ ଆପେ ଆପେ ପଡ଼ି ଯାଉଛନ୍ତି । ସାଧାରଣ ଜନତା ସେମାନଙ୍କ ସହ ସାଙ୍ଗହୋଇ ଭଣ୍ଡଜାଲରେ ପଡ଼ି ଛଟପଟ ହେଉଛନ୍ତି । ଭଣ୍ଡମାନଙ୍କର ପ୍ରତାରଣାପୂର୍ଣ୍ଣ ମିଠା କଥା ପ୍ରତି ସଜାଗ ରହିବା ଯେତିକି ଆବଶ୍ୟକ, ଅସାଧୁ ଉପାୟରେ ଧନ ଉପାର୍ଜନ କରୁଥିବା ବ୍ୟକ୍ତିମାନଙ୍କର ଧର୍ମାଚରଣ ପ୍ରତି ତତୋଧିକ ସଜାଗ ରହିବା ଆବଶ୍ୟକ । ଏତାଦୃଶ ସାଧୁମନା ଅସାଧୁମାନେ ଏମିତି କିଛି ଶାସ୍ତ୍ରର ଅନୁସନ୍ଧାନ କରିବାରେ ରୁଚି ରଖିଥାନ୍ତି, ଯେଉଁ ଶାସ୍ତ୍ର ଆଧାରରେ ସେମାନଙ୍କ ଅସାଧୁ ଉପାୟରେ ଅର୍ଜିତ ଅର୍ଥରୁ କିଛି ଖର୍ଚ୍ଚ (ଅନୁଚିତ ମାର୍ଗରେ) କରିଦେଲେ ସେମାନେ ସମାଜରେ ସାଧୁରୂପେ ଗଣା ହୋଇପାରୁଥିବେ । ଏହିମାନେ ହିଁ ନିଜର ଅଶୁଦ୍ଧ ଓ ଅନାବଶ୍ୟକ ବିଚାରକୁ ରାମ, କୃଷ୍ଣ, ବ୍ୟାସ, ବଶିଷ୍ଠାଦି ମହାପୁରୁଷ ଓ ବେଦାଦି ସତ୍‌ଶାସ୍ତ୍ର ନାମରେ ପ୍ରଚାର କରିଥାନ୍ତି ।

ଉକ୍ତ ପରିପ୍ରେକ୍ଷୀରେ ରାଚଚରିତମାନସରେ ଲିପିବଦ୍ଧ ପାପ ମୋଚନ ଓ ମୁକ୍ତି ସଂପର୍କିତ ତଥ୍ୟାବଳୀକୁ ବୁଦ୍ଧିର କଷଟିରେ କଷିନେଇ, ଅସାରକୁ ପରିତ୍ୟାଗ କରି ସାର ଗ୍ରହଣ କରିବା ମାନବ ମାତ୍ରର ଧ୍ୟେୟ ହେବା ଏକାନ୍ତ ବାଞ୍ଛନୀୟ ।

ପାପାଚାର ଜନିତ ଦୋଷ ପାଇଁ ଦଣ୍ଡ ନ ଭୋଗିବା ପାଇଁ ଅସାଧୁ ଉପାୟ ଅବଲମ୍ବନ କରିବା ଅପେକ୍ଷା, ପାପାଚରଣ ନକରିବା ପାଇଁ ସାଧୁ ଉଦ୍ୟମ ଶ୍ରେୟସ୍କର ।

■■

# ରାମଚରିତ ମାନସରେ ରାମ ଓ ସୀତାଙ୍କ ଚରିତ୍ର

ମହର୍ଷି ଜନକ ଏକ ଧନୁଷ ଯଜ୍ଞର ଆୟୋଜନ କରିଥାନ୍ତି । ସର୍ତ୍ତ ରଖାଯାଇଥିଲା ଯେ, ସେ ନିଜେ ସାଇତି ରଖିଥିବା ଶିବ ଧନୁରେ ଯେଉଁ ବୀର ପୁଙ୍ଗବ ଗୁଣ ଚଢ଼ାଇ ପାରିବେ, ସୀତା ତାଙ୍କୁ ସ୍ୱାମୀ ରୂପେ ବରଣ କରିବେ ।

ଏହି ଧନୁଷକୁ ରାମ ଓ ଲକ୍ଷ୍ମଣଙ୍କୁ ଦେଖାଇବା ପାଇଁ ଉଭୟଙ୍କୁ ସାଙ୍ଗରେ ନେଇ ମହର୍ଷି ବିଶ୍ୱାମିତ୍ର ମିଥିଲା ନଗରୀରେ ପହଞ୍ଚିଛନ୍ତି ଏବଂ ଜନକଙ୍କର ଆତିଥ୍ୟ ସ୍ୱୀକାର କରି ରାଜଭବନସ୍ଥ ଅତିଥି ଭବନରେ ରାତ୍ରିଯାପନ କରିଛନ୍ତି । ପ୍ରତ୍ୟୁଷରେ ଦେବ ପୂଜନ ପାଇଁ ବିଶ୍ୱାମିତ୍ରଙ୍କୁ ଫୁଲ ଆବଶ୍ୟକ ହେଲା । ଏଣୁକରି ସେ ରାମ ଓ ଲକ୍ଷ୍ମଣଙ୍କୁ ଫୁଲ ସଂଗ୍ରହ ପାଇଁ ରାଜବାଟିକାକୁ ପଠାଇଛନ୍ତି ।

ମହର୍ଷି ବିଶ୍ୱାମିତ୍ରଙ୍କୁ ଅଜ୍ଞାନୀ ସଜାଇବା ଏକ ପ୍ରସଙ୍ଗ:-

**ଶ୍ୟାମ ଗୌର ସୁନ୍ଦର ଦୋଉ ଭାଇ ।**
**ବିଶ୍ୱାମିତ୍ର ମହାନିଧି ପାଇ ॥**
**ପ୍ରଭୁ ବ୍ରହ୍ମଣ୍ୟଦେବ ମେ ଜାନା ।**
**ମୋହିନିତି ପିତା ତଜେଉ ଭଗବାନା ॥**

(ରାଚମା-ବା.କା-ଦୋହା ୨୦୮(ଖ) ୨)

(ଅର୍ଥାତ୍) ମହର୍ଷି ବିଶ୍ୱାମିତ୍ର କହୁଛନ୍ତି ଯେ, ମୁଁ ଜାଣିଗଲିକି, ଭଗବାନ ରାମଚନ୍ଦ୍ର ମୋପାଇଁ ନିଜ ବାପାଙ୍କୁ ମଧ୍ୟ ତ୍ୟାଗ କରିଦେଲେ । ଅର୍ଥାତ୍ 'ରାମଚନ୍ଦ୍ର ଯେ ସ୍ୱୟଂ ଭଗବାନ ଅଟନ୍ତି' ଏହି ବିଷୟ ମିଥିଲା ନଗରୀକୁ ଯିବା ପୂର୍ବରୁ ବିଶ୍ୱାମିତ୍ର ଜାଣିଥିଲେ । ତାହାହେଲେ କେଉଁ ଭଗବାନଙ୍କର ପୂଜା କରିବା ପାଇଁ ସେ ଭଗବାନ ବ୍ରହ୍ମଣ୍ୟଦେବଙ୍କୁ (ରାମଚନ୍ଦ୍ରଙ୍କୁ) ଫୁଲ ସଂଗ୍ରହ ନିମନ୍ତେ ଆଦେଶ ଦେଇଥିଲେ ? ଏହାର ଉତ୍ତର ରାମଚରିତମାନସରୁ ମିଳୁନି । ଏଥିରୁ ଯାହା ଅନୁମାନ ହେଉଛି ଋଷିମାନଙ୍କ ମୁଖରେ ଅବୈଦିକ ତଥା ମିଥ୍ୟା ଅବତାରବାଦକୁ ସତ୍ୟସିଦ୍ଧ କରିବା ଓ ଋଷିମାନଙ୍କୁ ଅଧମାଧମ ମୂର୍ତ୍ତି ପୂଜକ ସଜାଇବା ଅପପ୍ରୟାସ କରାଯାଇଛି । ଅସ୍ତୁ ।

ରାମ ଓ ଲକ୍ଷ୍ମଣ ଫୁଲ ସଂଗ୍ରହ ପାଇଁ ଜନକଙ୍କର ରାଜବାଟିକାରେ ପ୍ରବେଶ କରିଛନ୍ତି । ଠିକ୍ ଏହି ସମୟରେ ସଖୀ ଶ୍ରେଣୀଙ୍କ ସହ ସୀତାଜୀ ସେହି ରାଜବାଟିକାକୁ ଫୁଲ ସଂଗ୍ରହ ପାଇଁ ଯାଇଛନ୍ତି । ସେଠାରେ ସୀତାଜୀ ଓ ରାମଚନ୍ଦ୍ର ଉଭୟେ ଉଭୟଙ୍କୁ ଦେଖିଛନ୍ତି । ଏହି ପ୍ରଥମ ଦେଖାରେ ହିଁ ରାମ ଓ ସୀତା ପରସ୍ପର ପ୍ରତି ଆକର୍ଷିତ ହୋଇଯାଇଛନ୍ତି । ଉଭୟଙ୍କର ରୂପହିଁ ଉଭୟଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । (ଚଳଚ୍ଚିତ୍ର ଆରମ୍ଭ ହେଲା) ପରିଣାମ ସ୍ୱରୂପ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହୁଛନ୍ତି:-

**ଜାସୁ ବିଲୋକି ଅଲୌକିକ ଶୋଭା ।**
**ସହଜ ପୁନିତ ମୋରମନୁ ଛୋଭା ।।**
**ସୋ ସବୁ କାରନ ଜାନ ବିଧାତା ।**
**ଫରକହିଁ ଶୁଭଦ ଅଙ୍ଗ ସୁନୁ ଭ୍ରାତା ।।** (ବା.କା-ଦୋ୨୩୦-୨)
**ରଘୁବଂଶିହ୍ନ କର ସହଜ ସୁଭାଉ ।**
**ମନୁ କୁପନ୍ଥ ପଗୁ ଧରଇ ନ କାଉ ।।**
**ମୋହି ଅତିଶୟ ପ୍ରତିତୀ ମନ କେରୀ ।**
**ଜେହି ସପନେହୁଁ ପରନାରୀ ନ ହେରି ।।**(ବା.କା-ଦୋହା୨୩୦-୩)

ସୀତାଙ୍କର ଅଲୌକିକ ଶୋଭା ସଂଦର୍ଶନରେ ମୋର ପବିତ୍ର ମନରେ କାହିଁକି ଯେ କ୍ଷୋଭ ଉତ୍ପନ୍ନ ହେଉଛି ତାହା ବିଧାତା ହିଁ ଜାଣନ୍ତି । ଆମର ରଘୁବଂଶରେ କାହାରବି ମନ ଅସତ୍ ମାର୍ଗକୁ ଯାଇନି । ମୁଁ ସ୍ୱପ୍ନରେ ମଧ ପରନାରୀ ପ୍ରତି କୁଦୃଷ୍ଟି ନିକ୍ଷେପ କରିନି ।

ଏହି ପରିପ୍ରେକ୍ଷୀରେ ରାମଚନ୍ଦ୍ରଙ୍କର ମନଃସ୍ଥିତି କିପରି ଥିଲା ତାହା ତୁଳସୀ ଦାସଜୀ ୮,୬୯,୦୦୦+ ଆଠ ଲକ୍ଷ ଅଣସ୍ତୋରି ବର୍ଷପରେ ଜାଣିପାରିଲେ । ଏଣୁ କରି ଲେଖିଲେକି;

---

*+ ରାମଚନ୍ଦ୍ରଙ୍କର ଦେହାବସାନ ପରେ ଦ୍ୱାପର ଯୁଗର ଅବଧି: ୮,୬୪,୦୦୦ ବର୍ଷ*
*ଦ୍ୱାପର ଶେଷ ପରେ ଆଜିସୁଦ୍ଧା କଳିଯୁଗର ଭୋଗ ପ୍ରାୟ ୫,୦୦୦ବର୍ଷ*
*ମୋଟ: ୮, ୬୯,୦୦୦ ବର୍ଷ*

**କରତ ବତକହି ଅନୁଜ ସନମନ ସିୟ ରୂପ ଲୋଭାନ ।**
**ମୁଖ ସରୋଜ ମକରନ୍ଦ ଛବି କରଇ ମଧୂପ ଇବ ପାନ ॥**

(ବା.କା-ଦୋହା- ୨୩୧)

(ଅର୍ଥାତ୍) ରାମଚନ୍ଦ୍ର ସାନ ଭାଇ ସହ କଥା ହେଉଥିଲେ କିନ୍ତୁ ତାଙ୍କର ମନ ସୀତାଙ୍କର ରୂପରେ ମୁଗ୍ଧହୋଇ ତାଙ୍କରି ମୁଖକମଳସ୍ରାବ ମକରନ୍ଦ ପାନ କରିବା ପାଇଁ ଭ୍ରମର କରି ଭଉଁରୀ କାଟୁଥିଲା । (ରାମଚନ୍ଦ୍ର ଯେତେବେଳେ ତୁଳସୀ ଦାସଙ୍କୁ ଚନ୍ଦନ ଟିକା ଲଗାଇ ଦେଉଥିଲେ ସମ୍ଭବତଃ ସେତେବେଳ ନିଜ ଜୀବନର କିଛି ଗୁପ୍ତ କଥା ତୁଳସୀ ଦାସଙ୍କୁ କହିଥିବେ)

ଅନ୍ୟ ପକ୍ଷରେ ସୀତାଜୀଙ୍କର ମାନସିକ ସ୍ଥିତି ବିଷୟ ନେଇ ଲେଖିଲେ-

**ଥକେ ନୟନ ରଘୁପତି ଛବି ଦେଖେ ।**
**ପଲକହ୍ନିହୁଁ ପରିହରି ନିମେଷେ ॥**
**ଅଧିକ ସନେହଁ ଦେହଭୈ ଭୋରି ।**
**ଶରଦ ଶଶିହି ଜନୁ ଚିତବ ଚକୋରି ॥**

(ବା.କା-ଦୋହା ୨୩୧-ଚୌପାଇ-୩)

(ଅର୍ଥାତ୍) ରାମଚନ୍ଦ୍ରଙ୍କର ଛବି ଅବଲୋକନ କରି ସୀତାଙ୍କର ନେତ୍ର ନିଶ୍ଚଳ ହୋଇଗଲା । ପଲକ ପଡ଼ିଲାନି । ଅଧିକ ସ୍ନେହ ବଶରେ ଅଣାୟତ ହୋଇପଡ଼ିଲେ । ପ୍ରତେହେଲା ସତେକି ଶରତ ଋତୁରେ ଚନ୍ଦ୍ରମାକୁ ଚକୋର ଚକିତ ହୋଇ ଚାହିଁ ରହିଛି ।

**ଲୋଚନ ମଗ ରାମହୀ ଉର ଆନି ।**
**ଦିହେ ପଲକ କପାଟ ସୟାନି ॥**

(ବା.କା-ଦୋହା ୨୩୧-ଚୌପାଇ-୪)

ସୀତାଜୀ ନିଜର ନେତ୍ର ପଥରେ ରାମଚନ୍ଦ୍ରଙ୍କୁ ହୃଦୟ ଭିତରକୁ ନେଇ ଗଲେ ଏବଂ ପଲକ ରୂପୀ ଦ୍ୱାର ବନ୍ଦ କରିଦେଲେ, ଅର୍ଥାତ୍ ହୃଦୟରେ କେବଳ ରାମଚନ୍ଦ୍ରଙ୍କୁ ହିଁ ଧ୍ୟାନ କରିବାରେ ମଗ୍ନ ରହିଲେ ।

ଏହି ସମୟରେ ପିତାଜୀଙ୍କର (ଜନକଙ୍କର) ପଣ କଥା ସୀତାଙ୍କ ମନକୁ ଆନ୍ଦୋଳିତ କରିଛି । କଠୋର ଶିବ ଧନୁଷକୁ ରାମଚନ୍ଦ୍ର କିପରି ଭାଙ୍ଗି ପାରିବେ ?

ଏହି କଥା ଚିନ୍ତାକରି ଅସ୍ଥିରା ହୋଇପଡ଼ିଛନ୍ତି । (ବା.କା-ଦୋହା ୨୩୪-ଚୌପାଇ-୧) ସୀତା, ଯାହାଙ୍କୁ ତୁଳସୀ ଦାସଜୀ ସୃଷ୍ଟି-ସ୍ଥିତି-ପ୍ରଳୟ କାରିଣୀ ରୂପେ ସ୍ତୁତି କରିଛନ୍ତି (ପ୍ରଥମ ସୋପାନ ଶ୍ଳୋକ-୫) ସେହି ସୀତା ରାମଚନ୍ଦ୍ରଙ୍କୁ ପତିରୂପେ ପାଇବା ପାଇଁ କାତର ହୋଇ ପାର୍ବତୀଙ୍କର ଅନୁକମ୍ପା କାମନା କରି କହୁଛନ୍ତି;

**ନହିଁ ତବ ଆଦି ମଧ ଅବସାନା ।**
**ଅମିତ ପ୍ରଭାଉ ବେଦୁ ନହିଁ ଜାନା ॥**
**ଭବ ଭବ ବିଭବ ପରାଭବ କାରିନି ।**
**ବିଶ୍ୱ ବିମୋହିନି ସ୍ୱବସ ବିହାରିନି ॥** (ବା.କା.ଦୋହା ୨୩୪-୪)
**ମୋର ମନୋରଥୁ ଜାନହୁ ନିକେ ।**
**ବସହୁ ସଦାଉରପୁର ସବହିକେ ॥**
**କିହ୍ନେଉଁ ପ୍ରଗଟ ନ କାରନ ତେହି ।**
**ଅସକହି ଚରନ ଗହେ ବୈଦେହି ॥**(ବା.କା.-ଦୋହା ୨୩୫,ଚୌ ୨)

ହେ ପାର୍ବତୀ ! ତୁମର ଆଦି-ମଧ-ଅନ୍ତ ଓ ଅବସାନ ନାହିଁ । ତୁମର ପ୍ରଭାବକୁ ବେଦମଧ ଜାଣିପାରେ ନାହିଁ । ତୁମେ ସଂସାରର ଉତ୍ପତ୍ତି-ପାଳନ-ସଂହାର କାରିଣୀ, ବିଶ୍ୱ ବିମୋହିନୀ ଓ ସ୍ୱତନ୍ତ୍ର ବିହାରିଣୀ ଅଟ ଏବଂ ସମସ୍ତଙ୍କ ହୃଦୟରେ ବାସ କର । ମୋର ମନ କଥାକୁ ଆପଣ ଉତ୍ତମ ରୂପେ ଜାଣନ୍ତି । ଏଣୁକରି ମୋର ମନବେଦନାକୁ ବିଶେଷ ପ୍ରକଟ କରୁନି ।

ଦିନ ବିତିଯାଇ ରାତି ଆସିଛି । ପୂର୍ବ ଦିଗରେ ଚନ୍ଦ୍ର ଉଦୟ ହୋଇଛି । ସେହି ଚନ୍ଦ୍ର ସହ ସୀତାଙ୍କର ମୁଖକୁ ତୁଳନାକରି ରାମଚନ୍ଦ୍ର ଆନନ୍ଦ ପାଉଛନ୍ତି । (ବା.କା- ଦୋହା ୨୩୬-ଚୌପାଇ-୪)

(ସିନେମା ଓ ନାଟକାଦି ମାନଙ୍କରେ ଯେପରି ନାୟକ-ନାୟିକା ପ୍ରଥମ ଦେଖାରେ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପ୍ରେମାଳାପ ଆରମ୍ଭ କରନ୍ତି, ତାହାଠାରୁ ଆହୁରି ଅଧିକ ରୋଚକ ଢ଼ଙ୍ଗରେ ରାମଚରିତମାନସ ବାଲକାଣ୍ଡ ଦୋହା ୨୨୬ଠାରୁ ଦୋହା ୨୩୯ ମଧ୍ୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଜିଜ୍ଞାସୁ ଜନ ଅନୁସନ୍ଧାନ କଲେ ସତ୍ୟାବଗତ ହୋଇପାରିବେ । ବିସ୍ତାର ଏଡାଇବା ପାଇଁ ଏଠାରେ ଅତ୍ୟଳ୍ପ ଉଦାହରଣ ଅବତାରଣା କରାଯାଇଛି ।)

ଉପରୋକ୍ତ ନାଟକୀୟ ଢ଼ଙ୍ଗ ଯଦି ବାଲ୍ମିକୀୟ ରାମାୟଣରେ ସ୍ଥାନ ପାଇଥିବା ଏକ ଐତିହାସିକ ତଥ୍ୟ ହୋଇଥାନ୍ତା, ତାହାହେଲେ ବିଚାରଶୀଳ ବ୍ୟକ୍ତିମାନେ ବିଭିନ୍ନ ଦୃଷ୍ଟିଭଙ୍ଗୀନେଇ ସୀତା ସ୍ୱୟମ୍ବର ପୂର୍ବର ରାମ ଓ ସୀତାଙ୍କର ମର୍ଯ୍ୟାଦା ଉଲ୍ଲଙ୍ଘନୀୟ ଆଚରଣ ବିଷୟରେ କିଛି ଆଲୋଚନା ସମାଲୋଚନା କରିଥାନ୍ତେ । କିନ୍ତୁ ବାସ୍ତବତା ଏହିକି ରାମାୟଣର (ବର୍ତ୍ତମାନ ଉପଲବ୍ଧ ପ୍ରକ୍ଷିପ୍ତ ସହିତ) ତଥ୍ୟାନୁଯାୟୀ, ସ୍ୱୟମ୍ବର ସଭାରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାମଚନ୍ଦ୍ରଙ୍କୁ ନିମନ୍ତ୍ରଣ କରାଯାଇନି । ବିଶ୍ୱାମିତ୍ର, ରାମ ଓ ଲକ୍ଷ୍ମଣଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେବା ପାଇଁ ଶିବଧନୁ ଦେଖାଇବା ଉଚିତ ମଣିଛନ୍ତି । ଏଣୁକରି ଉଭୟଙ୍କୁ ସାଙ୍ଗରେ ନେଇ ମିଥିଳା ଯାଇଛନ୍ତି । ସ୍ୱୟମ୍ବର ପୂର୍ବରୁ ରାମଙ୍କ ସହ ସୀତାଙ୍କର ସାକ୍ଷାତ ହିଁ ହୋଇନି ।

ରାମାୟଣ ସମ୍ବନ୍ଧରେ ଲେଖନୀ ଚାଳନା କରିଥିବା ଲେଖକମାନଙ୍କ ମଧ୍ୟରୁ ବୋଧହୁଏ ତୁଳସୀ ଦାସହିଁ ପ୍ରଥମ ବ୍ୟକ୍ତି ଯିଏକି ଏପରି ଏକ ଅନାବଶ୍ୟକ ଓ ମିଥ୍ୟା ତଥ୍ୟକୁ ଐତିହାସିକ ରୂପ ଦେବାପାଇଁ ଅନୁଚିତ ପ୍ରୟାସ କରିଛନ୍ତି । ଅନ୍ୟ କୌଣସି ଲେଖକ ଯଦି ଏମିତି କିଛି ଲେଖିଥିବେ, ତାହାହେଲେ ତାଙ୍କର ଲେଖାକୁ ମଧ୍ୟ ତ୍ୟାଜ୍ୟା କୋଟିରେ ରଖାଯିବା ଉଚିତ ।

***ପ୍ରଶ୍ନ:*** ***ରାମାୟଣ ସମ୍ବନ୍ଧରେ କିଛି ଲେଖିବା ବେଳେ, ଲେଖକମାନେ ସାଧାରଣତଃ ସ୍ୱରଚନାକୁ ଜନାଦୃତ କରାଇବା ପାଇଁ କିଛି ରୋଚକ ତଥ୍ୟ ଯୋଡ଼ି ଦେଇଥାନ୍ତି । ତୁଳସୀ ଦାସଜୀ ମଧ୍ୟ ସେମିତି କିଛି କରିଛନ୍ତି । ରାମଚନ୍ଦ୍ରଙ୍କର ଯଶ ଗାନ କରିବା କ'ଣ ଦୋଷାବହ ?***

**ଉତ୍ତର:** ରାମାୟଣ ସମ୍ବନ୍ଧରେ ଲେଖନୀ ଚାଳନା କରିଥିବା ଲେଖକମାନଙ୍କର ଲେଖନୀ ରଘୁବଂଶର ଯଶସ୍ୱୀ ନରପୁଙ୍ଗବମାନଙ୍କର ଆଦର୍ଶଚରିତ୍ର ଚିତ୍ରଣ କରିବାରେ ଚଳଚଞ୍ଚଳ ହୋଇଛି ଓ ସାର୍ଥକତା ମଧ୍ୟ ଲାଭ କରିଛି । ମହର୍ଷି ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଯେପରି 'ମର୍ଯ୍ୟାଦା ପୁରୁଷୋତ୍ତମ' ଉପାଧିରେ ଭୂଷିତ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି, ସେମିତି କିଛି ତଥ୍ୟକୁ ଉପାଦାନ ରୂପେ ପ୍ରୟୋଗକରି ରାମଚନ୍ଦ୍ରଙ୍କର ଅନାବିଳ ଚରିତ୍ର ଚିତ୍ରକୁ ଯେତେ ରୋଚକ-ସୁଶୋଭିତ ଶବ୍ଦ ସୁମନ ଦ୍ୱାରା ସଜାଇ

ଶୋଭାବର୍ଦ୍ଧନ କରାଯାଇପାରିବ, ତାହା କରାଯାଉ । କିନ୍ତୁ ସାଜସଜ୍ଜା ଏପରି ନ'ହେଉ ଯାହା ଦ୍ୱାରାକି ଚରିତ୍ର ଚିତ୍ରର ଅବୟବ ସମୂହ ସଦ୍ୟ ସଂଗୃହିତ ସୁମନର ସାମୟିକ ଶୋଭା ସମ୍ଭାର ଦ୍ୱାରା ଢ଼ାଙ୍କି ହୋଇଯାଉଥିବ କିନ୍ତୁ ସେହି ଚିତ୍ରରୁ କୌଣସି ଆଦର୍ଶ ବାଦିତା ଲକ୍ଷ୍ୟ କରାଯାଇ ପାରୁ ନ ଥିବ ।

ସ୍ୱୟଂ ସୃଷ୍ଟ ମିଥ୍ୟାକୁ ଉପାଦାନ ରୂପେ ପ୍ରୟୋଗ କରି ରାମଚନ୍ଦ୍ରଙ୍କୁ ବେଦ ପ୍ରତିପାଦିତ ସ୍ୱୟଂ ବ୍ରହ୍ମ, ପରମାତ୍ମା, ସର୍ବେଶ୍ୱର, ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବବ୍ୟାପକ ଓ ଜଗତ୍‌ସ୍ରଷ୍ଟା ରୂପେ ପ୍ରତିପାଦନ କରିବାପାଇଁ ନିଜର ସମସ୍ତ ପ୍ରଜ୍ଞା( ?) ବିନିଯୋଗ କରି ତୁଳସୀ ଦାସ ଏମିତି ଏକ ଶିଖର ଦେଶରେ ପହଞ୍ଚିଗଲେ ଯେ, ଉପରକୁ ଉଠିବା ପାଇଁ ଆଉ ଅବକାଶ ଦେଖାଗଲାନି କିମ୍ବା ତଳକୁ ଓହ୍ଲାଇବା ପାଇଁ କୌଣସି ସାଧନ ଉପଲବ୍ଧ ହୋଇପାରିଲାନି । ଏଣୁକରି ରାମ ଓ ସୀତାଙ୍କୁ ଦୁଇଟି ଉଚ୍ଛୃଙ୍ଖଳ ଯୁବକ ଯୁବତୀ ରୂପେ ଚିତ୍ରଣ କରି ତାହାକୁ ନିଶୁଣି ରୂପେ ବ୍ୟବହାର କରି ସୁରୁଖୁରୁରେ ତଳକୁ ଓହ୍ଲାଇବା ପାଇଁ ଉଚିତ ମଣିଲେ । ଏମିତିରେ ରାମଚନ୍ଦ୍ରଙ୍କର ଯଶ ଗାନ ହେଲା କିପରି ? ମର୍ଯ୍ୟାଦା ପୁରୁଷୋତ୍ତମଙ୍କର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଲା କିପରି ?

***ପ୍ରଶ୍ନ:*** ***ତୁଳସୀ ଦାସଙ୍କ ମତରେ ଈଶ୍ୱର ରାମଚନ୍ଦ୍ରରୂପେ ଦେହଧାରଣ କରି ଭକ୍ତମାନଙ୍କ ହିତ ପାଇଁ ମାନବ ଲୀଳା କରୁଥିଲେ । ରାମଚନ୍ଦ୍ର ଜାଣିଥିଲେ ଯେ ସୀତା ତାଙ୍କର ପତ୍ନୀ ଅଟନ୍ତି ଏବଂ ସୀତା ମଧ୍ୟ ଜାଣିଥିଲେ ଯେ ରାମଚନ୍ଦ୍ର ତାଙ୍କର ପତି ଅଟନ୍ତି । ସୀତା ଲକ୍ଷ୍ମୀ ଏବଂ ରାମ ଲକ୍ଷ୍ମୀପତି ବିଷ୍ଣୁ ଅଟନ୍ତି । ତା'ପରେ ଯୁବକ ସୁଲଭ ଚପଳତାରେ ରାମ ଓ ସୀତାଙ୍କ ମଧ୍ୟରେ ଏମିତି କିଛି ଘଟିଥିବ । ଏଥିରେ ଭୁଲ ରହିଲା କେଉଁଠି ?***

**ଉତ୍ତର:** ରାମଚନ୍ଦ୍ର କହୁଛନ୍ତି ଯେ, ମୋର ମନରେ କାହିଁକି କ୍ଷୋଭ ଉତ୍ପନ୍ନ ହେଉଛି ତାହା ବିଧାତାହିଁ ଜାଣନ୍ତି । ଏଠାରେ ରାମଚନ୍ଦ୍ର ନିଜ ବ୍ୟତୀତ ଅନ୍ୟକୌଣସି ସତ୍ତାକୁ 'ବିଧାତା' ବୋଲି ସ୍ୱୀକାର କରିଛନ୍ତି । ଅତଏବ ରାମଚନ୍ଦ୍ରହିଁ ଈଶ୍ୱର ଏବଂ ସେ ଆଗରୁ ସବୁ (ସୀତା ତାଙ୍କର ପତ୍ନୀ ବୋଲି) ଜାଣିଥିଲେ ବୋଲି କହିବାରେ ଆଦୌ ସତ୍ୟତା ନାହିଁ ।

ଅନ୍ୟ ପକ୍ଷରେ ସୀତାଜୀ ରାମଚନ୍ଦ୍ରଙ୍କୁ ପତିରୂପେ ପାଇବା ପାଇଁ, ପାର୍ବତୀଙ୍କୁ ପ୍ରାର୍ଥନା କରୁଥିଲେ । ଅତଏବ ସୀତା ନିଜକୁ ଲକ୍ଷ୍ମୀ ଓ ରାମଚନ୍ଦ୍ରଙ୍କୁ ବିଷ୍ଣୁ ରୂପେ ଜାଣିଥିଲେ ବୋଲି କହିବା ମଧ୍ୟ ଆଦୌ ଯୁକ୍ତିଯୁକ୍ତ ହେଉନି ।

ଏଠାରେ ରାମଚନ୍ଦ୍ରଙ୍କର ମାନବ ଲୀଳାହିଁ ଆଲୋଚନା କରାଯାଉଛି । ମର୍ଯ୍ୟାଦା ପୁରୁଷୋତ୍ତମଙ୍କର ମର୍ଯ୍ୟାଦା ରାମଚରିତ ମାନସରୁ ଅନୁସନ୍ଧାନ କରାଯାଉଛି, କିନ୍ତୁ ସହଜ ଉପଲବ୍ଧ ହେଉନି ।

ମହର୍ଷି ବିଶ୍ୱାମିତ୍ରଙ୍କର ଶିକ୍ଷାୟତନରେ ରାମଚନ୍ଦ୍ର ଓ ଲକ୍ଷ୍ମଣ ଯୁଦ୍ଧବିଦ୍ୟା (ଧନୁର୍ବିଦ୍ୟା) ଶିକ୍ଷାଲାଭ କରୁଥିବା ବିଦ୍ୟାର୍ଥୀ ଅଟନ୍ତି । ଆଶ୍ରମ ନିୟମାନୁଯାୟୀ ରାମଚନ୍ଦ୍ର ଓ ଲକ୍ଷ୍ମଣ ବ୍ରହ୍ମଚର୍ଯ୍ୟାଶ୍ରମରେ ଅବସ୍ଥାନ କରିଛନ୍ତି । ରାମଚନ୍ଦ୍ରଙ୍କୁ ସ୍ୱୟମ୍ବର ସଭାକୁ ନିମନ୍ତ୍ରଣ କରାଯାଇନି । ଏହା ବିଶ୍ୱାମିତ୍ର, ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ଭଲ ଭାବେ ଜଣାଅଛି । ଜନକ ବ୍ୟବସ୍ଥିତ ପ୍ରତିଯୋଗିତାରେ ରାମଚନ୍ଦ୍ର ଏକ ପ୍ରତିଯୋଗୀ ହେବାର ସମ୍ଭାବନା ନାହିଁ । ତଥାପି ବ୍ରହ୍ମଚର୍ଯ୍ୟାଶ୍ରମରେ ବିଦ୍ୟାଭ୍ୟାସ କରିବା ସମୟରେ କୌଣସି ଅପରିଚିତା ଯୁବତୀର ରୂପ ଲାବଣ୍ୟରେ ମୁଗ୍ଧ ହୋଇ ରାମଚନ୍ଦ୍ର କେବଳ ସେହି ଚିନ୍ତା ହିଁ କରୁଥିଲେ ବୋଲି କହିବା, ଏକ ନିଷ୍କଳଙ୍କ ବ୍ରହ୍ମଚାରୀଙ୍କୁ ନାରୀ ଲୋଲୁପ ରୂପୀ କଳଙ୍କ ମୁକୁଟ ପିନ୍ଧାଇବା ସଙ୍ଗେ ସମାନ ନୁହେଁକି ? ଅନ୍ୟପକ୍ଷରେ ସୀତା ଭଲ ଭାବେ ଜାଣିଥିଲେ ଯେ ଜନକଙ୍କର ସଂକଳ୍ପାନୁଯାୟୀ କେବଳ ଧନୁଷ ଯଜ୍ଞର ବିଜୟୀଙ୍କୁ ହିଁ ସେ ପତି ରୂପେ ବରଣ କରିବେ । ତଥାପି ସ୍ୱୟମ୍ବର ପୂର୍ବରୁ ଏକ ଅପରିଚିତ ଯୁବକର ରୂପରେ ମୁଗ୍‌ଧା ହୋଇ ତାଙ୍କୁ ପତି ରୂପେ ପାଇବା ପାଇଁ, ସୀତା ପାର୍ବତୀଙ୍କୁ ଆକୁଳ ପ୍ରାର୍ଥନା କରୁଥିଲେ ବୋଲି କହିବା କ'ଣ ଉଚିତ ହୋଇଛି ? ଶିବଧନୁର ଗୁରୁତାକୁ ନଷ୍ଟ କରି ହାଲୁକା କରିଦେବା ପାଇଁ ସୀତା, ଗଣେଶ, ଶିବ ଓ ପାର୍ବତୀଙ୍କୁ ଯାଚନା କରୁଥିଲେ କାରଣ ହାଲୁକା ଧନୁକୁ ଭାଙ୍ଗିବା ପାଇଁ ରାମଚନ୍ଦ୍ର ସକ୍ଷମ ହୋଇ ପାରିବେ, ଯାହା ଫଳରେ ସେ ରାମଚନ୍ଦ୍ରଙ୍କୁ ପତି ରୂପେ ପାଇପାରିବେ । ଏପରି ଏକ ବିଚାର ସୀତାଙ୍କ ଉପରେ ଆରୋପ କରିବା ଯାହା, ତାଙ୍କର ବ୍ରହ୍ମଚାରିଣୀ ଚରିତ୍ରରେ ସ୍ୱେଚ୍ଛାଚାର ରୂପୀ କଳଙ୍କ ଟିକା ଲଗାଇବା ତାହା ନୁହେଁକି ?

ରାମଚନ୍ଦ୍ର ଓ ସୀତା ଆଦର୍ଶ ଦମ୍ପତି ରୂପେ ସମାଜରେ ପ୍ରତିଷ୍ଠିତ ହୋଇସାରିଛନ୍ତି । ତାଙ୍କର ଜୀବନ ଦର୍ଶନକୁ ନିଜର ଜୀବନରେ ପ୍ରୟୋଗ କରିବା ପାଇଁ ଜନସାଧାରଣ ଶ୍ରେୟ ମଣୁଥିବା ସ୍ଥଳେ, ସେମାନଙ୍କ ଚରିତ୍ରରେ ଶୃଙ୍ଗାର ମୁଖ୍ୟ ପୁଟ ଦେବା ଯହା ସମାଜରେ ଉଶୃଙ୍ଖଳତା ଭରିଦେବା ତାହା ନୁହେଁକି ?

**ଶଙ୍କା:**

ତୁଳସୀ ଦାସଙ୍କ ପରି ଜଣେ ସନ୍ଥ ଓ ମହାମନା, ଯେ'କି ସାରା ଜଗତକୁ ସୀତାରାମମୟ ଦେଖିଥିଲେ, ସେ ସୀତା ଓ ରାମଙ୍କର ଚରିତ୍ରରେ କଳଙ୍କ ଲାଗିଲା ପରି କିଛି ତଥ୍ୟକୁ ସ୍ୱରଚିତ ରାମଚରିତ ମାନସରେ ସ୍ଥାନ ଦେଇଥିବେ ବୋଲି ଭାବିବା ଉଚିତ ହେଉନି । ତାଙ୍କର ରଚନାରେ ହୁଏତ କିଛି ଗୂଢ଼ ରହସ୍ୟ ଲୁଚି ରହିଥିବ ଯାହାକି ନିଜକୁ ବଡ଼ ବୁଦ୍ଧିଆ ମନେ କରୁଥିବା ଅଳ୍ପବୁଦ୍ଧିଆ ଲୋକମାନେ ବୁଝିପାରୁନାହାନ୍ତି ।

**ସମାଧାନ:**

ବୈଷ୍ଣବମାନେ ଯେତେବେଳେ କାବ୍ୟ ରଚନା କରିବା ପାଇଁ ମନ ବଳାଇଛନ୍ତି, ସେତେବେଳେ ଯୋଗୀରାଜ ଶ୍ରୀକୃଷ୍ଣଙ୍କୁ ଯେପରି ନଟରାଜ, ରସିକରାଜ, ରାସରାଜ ରୂପେ ସଜାଇଛନ୍ତି, ତାହା ଦେଖି ସମ୍ଭବତଃ ତୁଳସୀ ଦାସଙ୍କୁ ତାଙ୍କର ପ୍ରିୟ 'ରାମ' ଏକ ନିହାତି ବେରସିକ ପରି ମନେହୋଇଥିବ । ଏଣୁକରି ରାମଚନ୍ଦ୍ରଙ୍କୁ ମଧ୍ୟ ରସିକ ରୂପେ ନ'ହେଲା ନାହିଁ, ଜଣେ ସାଧାରଣ ରସିକ ରୂପେ ଚିତ୍ରଣ କରିବା ପାଇଁ ସୁଯୋଗ ଉଣ୍ଡୁଉଣ୍ଡୁ, ସୀତା ସ୍ୱୟମ୍ବର ପରିବେଶଟି ତାଙ୍କୁ ଉପଯୁକ୍ତ କ୍ଷେତ୍ର ରୂପେ ପ୍ରାପ୍ତ ହୋଇଯାଇଛି । ସୁଯୋଗକୁ ହାତଛଡ଼ା କରିବେ ବା କାହିଁକି ? ମନସ୍କାମନା ପୂର୍ଣ୍ଣ କରିଦେଲେ । ରଘୁନାଥଙ୍କ କୃପା । କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ବୈଷ୍ଣବ କବିମାନଙ୍କ ନିକଟରେ ହାରି ଯାଇଛନ୍ତି । ସେମାନେ ରସିକ ରାଜଙ୍କୁ ଗୋପାଙ୍ଗନାମାନଙ୍କର ଗାଧୁଆ ତୁଠ ଲୁଗା ଚୋରାଇବା କାମରେ ଲଗାଇଦେଇ, ତାଙ୍କୁ 'ଚୋରଜାର ଶିରୋମଣି' ରୂପେ ସ୍ତୁତି କରିଛନ୍ତି । ଗୋପାଙ୍ଗନା ମାନଙ୍କର ମୁଦୁକୁଳ କୌତୁହଳ ବଶତଃ ଚୋରାଇ ଥିବାରୁ 'ଚୋରାଗ୍ରଗଣ୍ୟଂ ପୁରୁଷଂ ନମାମି' ସମ୍ବୋଧନ କରିଛନ୍ତି । ଆମର ଓଡ଼ିଆ ବୈଷ୍ଣବ କବିମାନଙ୍କ ବିଚାର କିଛି

କମ୍ ନୁହେଁ । ଲେଖିଲେ

**ପାନେ ପାଚିଦାନ୍ତକୁ**
**ତହିଁ ସୁନାଖିଲକୁ.....**
**ଦେଖିବ ପରା ଆସରେ ପ୍ରାଣ ସଙ୍ଗିନୀ**
**ଶ୍ରୀ ବଂଶୀଧର ବେଶକୁ ।**

ଯୋଗିରାଜ କୃଷ୍ଣଙ୍କୁ ପୁଟଖଇର ମିଶା ପାନ ଖୁଆଇ ଦେଇ, ତାଙ୍କର କିଶୋର ବୟସର ଦାନ୍ତ ଗୁଡ଼ିକୁ ଖଇରିଆରଙ୍ଗରେ ରଙ୍ଗାଇ ଦେଇ ତା ଉପରେ ସୁନାଖିଲ ବସାଇ ଦେଇଛନ୍ତି ।

ଅତଏବ, ମିଥ୍ୟା କ୍ଷୀର ଭାଣ୍ଡ ମନ୍ଥନରୁ ସତ୍ୟ ନବନୀତ ଆଶା କରିବା କାହିଁକି ? ବେଦରେ ସ୍ଥାନପାଇନଥିବା ତଥ୍ୟକୁ ତୁଳସୀ ଦାସ ଯେପରି ବେଦନିହିତ ତଥ୍ୟ ବୋଲି ଲେଖିଛନ୍ତି, ସେହିପରି ରାମାୟଣରେ ସ୍ଥାନ ପାଇ ନଥିବା ବିଷୟକୁ ମଧ୍ୟ ରାମାୟଣର ବିଷୟ ରୂପେ ଉପସ୍ଥାପନା କରିଛନ୍ତି । ସେଥିରୁ କିଛି ଗୂଢ଼ ରହସ୍ୟ ଅନୁସନ୍ଧାନ କରିବା ଯାହା ନଡ଼ିଆରୁ ଲେମ୍ବୁରସ ଆଶାକରିବା ତାହା । ସୁତରାଂ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ଯେକୌଣସି ସାହିତ୍ୟକୁ ପ୍ରତ୍ୟାଖ୍ୟାନ କରିବାହିଁ ମାନବ ସମାଜ ପାଇଁ କଲ୍ୟାଣପ୍ରଦ ହେବ ।

ରାମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱକୁ ବିକୃତ ଚିତ୍ରଣ କରିଥିବା ଅନ୍ୟ ଏକ ଉପାଖ୍ୟାନ ରାମଚାରିତମାନସରୁ ପ୍ରାପ୍ତ ହେଉଛି, ଯଥା:-

**ରଖିଓ ନାରୀ ଯଦପିଉର ମାହିଁ ।**
**ଯୁବତୀ ଶାସ୍ତ୍ର ନୃପତି ବସ ନାହିଁ ॥**
**ଦେଖତୁ ତାତ ବସନ୍ତ ସୁହାବା ।**
**ପ୍ରିୟାହୀନ ମୋହି ଭୟ ଉପଯାବା ॥**

(ଅରଣ୍ୟକାଣ୍ଡ, ଦୋ.୩୬-ଚୌ-୫)

(ଅର୍ଥାତ୍) ମାରିଚକୁ ବଦ୍ଧକରି ରାମଚନ୍ଦ୍ର ଯେତେବେଳେ ନିଜ କୁଡ଼ିଆକୁ ଫେରିଛନ୍ତି, ସେଠାରେ ସୀତାଙ୍କୁ ନ'ଦେଖି, ଲକ୍ଷ୍ମଣଙ୍କୁ କହୁଛନ୍ତି, ହେ ଲକ୍ଷ୍ମଣ ! ନାରୀକୁ ହୃଦୟ ମଧ୍ୟରେ ରଖିଲେ ମଧ୍ୟ ଯୁବତୀ ସ୍ତ୍ରୀ କାହାର ବଶରେ ରହନ୍ତି ନାହିଁ ।

ଯେପରିକି ରାଜା ଓ ଶାସ୍ତ୍ର । ଏହି ବସନ୍ତ ଋତୁରେ ପ୍ରିୟାବିନା ମୋର ମନରେ ସେହି ଭୟ ଯାଗ୍ରତ ହେଉଛି ।

ଏଠାରେ ବିଚାର କରିବା ଉଚିତଯେ, ସୀତାଙ୍କ ପ୍ରତି ରାମଚନ୍ଦ୍ରଙ୍କର ବିଶ୍ୱାସ ସମ୍ପର୍କରେ ରାମଚରିତମାନସ କ'ଣ କହିବାକୁ ଚାହୁଁଛି ? ରାମଚନ୍ଦ୍ରଙ୍କ ହୃଦୟରେ ସୀତାଜୀଙ୍କ ପ୍ରତି ଏତେ ଅବିଶ୍ୱାସ ଭରି ରହିଥିଲାଯେ, ସୀତା ଅନ୍ୟ କାହାର ବଶତା ସ୍ୱୀକାର କରିନେଇ ପାରନ୍ତି ବୋଲି ରାମଚନ୍ଦ୍ରଙ୍କ ମନରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ? ଏହି ଭାବନାକୁ ରୋକି ନପାରି ସେ ଲକ୍ଷ୍ମଣଙ୍କ ସମ୍ମୁଖରେ ପ୍ରକାଶ କରିଦେଇପାରିଲେ ? ରାମଚନ୍ଦ୍ରଙ୍କ ମନକୁ ଏପରି ଶଙ୍କା ସ୍ପର୍ଶ କରିଥିବ ?

ସୀତା ଅପହରଣକାରୀକୁ ଖୋଜି ବାହାର କରି ତାକୁ ଉପଯୁକ୍ତ ଶାସ୍ତି ଦେବା ପାଇଁ ରାମଚନ୍ଦ୍ର ଯେଉଁ ସବୁ ସଫଳ ପ୍ରୟାସ କରିଥିଲେ, ସେଥିରୁ ତାଙ୍କ ହୃଦୟରେ ସୀତାଙ୍କ ପ୍ରତିଥିବା ସ୍ନେହ, ଶ୍ରଦ୍ଧା ଓ ଏକ ପତ୍ନୀ ବ୍ରତ ନିଷ୍ଠା ସ୍ୱତଃ ବାରି ହୋଇପଡୁଛି । ତଥାପି ରାମଚନ୍ଦ୍ରଙ୍କ ବ୍ୟକ୍ତିତ୍ୱ ପ୍ରତି ପ୍ରତିକୂଳ ଆରୋପ କାହିଁକି ?

**ଶଙ୍କା:**

ସ୍ତ୍ରୀ, ରାଜା ଓ ଶାସ୍ତ୍ର ଏଗୁଡ଼ିକ କାହାର ବଶରେ ରହନ୍ତି ନାହିଁ ବୋଲି କହି, ସମାଜକୁ ଏକ ଚେତନା ମୂଳକ ବାର୍ତ୍ତା ଦେବାପାଇଁ ତୁଳସୀ ଦାସ ଚେଷ୍ଟା କରିଛନ୍ତି । ଏଣୁକରି ରାମଚରିତମାନସରେ କିଛି ତ୍ରୁଟି ବିଚ୍ୟୁତି ଅଛି ବୋଲି କହିବା ଅଜ୍ଞାନତାର ପରିଚାୟକ ଅଟେ ।

**ସମାଧାନ:**

ମହାପୁରୁଷ ଏବଂ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଚରିତ୍ର ଚିତ୍ରଣ ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ । କିନ୍ତୁ ସେମାନଙ୍କର ବ୍ୟକ୍ତିତ୍ୱ ଉପରେ କୌଣସି ନିକୃଷ୍ଟ ବିଚାର ଆରୋପ କରିବା ସର୍ବାଦୌ ବର୍ଜନୀୟ । ରାମଚନ୍ଦ୍ର ଓ ସୀତାଙ୍କର ଦାମ୍ପତ୍ୟ ଜୀବନ ମଧ୍ୟରେ ପରସ୍ପରଙ୍କ ପ୍ରତି ଅବିଶ୍ୱାସର ପ୍ରଶ୍ନବାଚୀ ଲଗାଇବା, କୌଣସି ଦୂରଦୃଷ୍ଟି ବହନ କରିଥିବା ବିଚାର ପରି ମନେ ହେଉନି । ସୀତା ଓ ରାମଚନ୍ଦ୍ରଙ୍କର ଏତାଦୃଶ ଚରିତ୍ର ଚିତ୍ରଣ ସମାଜକୁ ଅଶୁଦ୍ଧ ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଅବାଟରେ ନେଇଯିବାର ସମ୍ଭାବନାକୁ ଏଡ଼ାଇ ହେବନି ।

ଆଦର୍ଶରେ ଚଳିବା, ସତ୍ ମାର୍ଗରେ ଗତି କରିବାପାଇଁ ପ୍ରେରଣାଦେବା, ଅନୁଶାସନରେ ରହିବା ପାଇଁ ଉପଦେଶ ଦେବା, ଓ ଅନ୍ୟାୟୀକୁ ଦଣ୍ଡଦେବା ଆଦି କାର୍ଯ୍ୟରେ ଉଦାସୀନ ରହିବା ଅନୁଚିତ । କିନ୍ତୁ ଏସବୁ କରିବା ସମୟରେ ବଳ ପୂର୍ବକ ନିଜ ସ୍ୱାର୍ଥ ସିଦ୍ଧିପାଁ ଯଦି କିଛି କରାଯାଉଛି, ତେବେ ତାହାକୁ ପରିତ୍ୟାଗ କରିବା ଉଚିତ ।

ରାମଚନ୍ଦ୍ରଙ୍କ ମୁଖରେ କିଛି ନିକୃଷ୍ଟ ବିଚାର ଉପସ୍ଥାପନା କରାଯାଇଥିବା ବାଲ୍ମିକୀ ରାମାୟଣରୁ (ପ୍ରକ୍ଷିପ୍ତ ସହିତ) ମଧ୍ୟ ଦେଖିବାକୁ ମିଳୁଛି । ତଦନୁଯାୟୀ, ମୃଗୟାରୁ ଫେରି ସୀତାଙ୍କୁ ନିଜ କୁଟୀରରେ ନ'ଦେଖି, ରାମଚନ୍ଦ୍ର ଓ ଲକ୍ଷ୍ମଣ ସୀତାଙ୍କୁ ଖୋଜିବାରେ ବ୍ୟସ୍ତ ରହିଛନ୍ତି । ସୀତାଙ୍କୁ ଦେଖିବାରେ ଯେତିକି ବିଳମ୍ବ ହେଉଛି, ରାମଚନ୍ଦ୍ର ତତୋଧିକ ଉଦ୍‌ବିଗ୍ନ ହୋଇପଡୁଛନ୍ତି । ବେଲ ଗଛକୁ ଦେଖି ପଚାରୁଛନ୍ତି-

**"ଶଂସୟ ଯଦି ସା ଦୃଷ୍ଟା ବିଲ୍ୱ ବିଲ୍ୱୋପମସ୍ତନି"**

(ଶ୍ରୀମଦ ବାଲ୍ମିକୀୟ ରାମାୟଣ-ଅର କାଣ୍ଡ- ଷଷ୍ଟିତମସର୍ଗ - ଶ୍ଳୋକ. ୧୩)

ହେବିଲ୍ୱ । ବିଲ୍ୱଫଳ ସମାନ ସ୍ତନଧାରଣ କରିଥିବା ମୋରସୀତାକୁ ଦେଖିଛକି ? ଯଦି ଦେଖିଥିବ ତାହାହେଲେ କହିଦିଅ ।

ତାଳ ଗଛକୁ ଦେଖି ପଚାରୁଛନ୍ତି;

**"ଯଦି ତାଳ ତ୍ୱୟା ଦୃଷ୍ଟା ପକ୍ୱତାଳୋପମସ୍ତନି"**

(ଅରଣ୍ୟକାଣ୍ଡ- ଷଷ୍ଟିତମ ସର୍ଗଃ- ଶ୍ଳୋ ୧୮)

ହେ ତାଳ ବୃକ୍ଷ ! ତୁମର ପକ୍ୱଫଳ ସମାନ ସ୍ତନ ଧାରଣ କରିଥିବା ମୋର ସୀତାଙ୍କୁ ଦେଖିଛକି ?

ହାତୀକୁ ଦେଖି ପଚାରୁଛନ୍ତି;

**ଗଜସା ଗଜନାସାରୁର୍ଯ୍ୟଦି ଦୃଷ୍ଟା ତ୍ୱୟ ଭବେତ୍ ।**
**ତା'ମନ୍ୟେ ବିବିତାଂ ତୁଭ୍ୟମାଖ୍ୟାହି ବର ବାରଣ ॥**

(ଅରଣ୍ୟକାଣ୍ଡ- ଷଷ୍ଟିତମ ସର୍ଗଃ- ଶ୍ଳୋକ-୨୪)

ହେ ଗଜରାଜ ! ତୁମର ଶୁଣ୍ଢପରି ଉରୁଧାରୀ ମୋର ସୀତାକୁ ଯଦି ଦେଖିଛ ତାହାହେଲେ କହିଦିଅ ।

ମହର୍ଷି ବାଲ୍ମିକୀ ଯେକି ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ସ୍ତୁତି କରିଛନ୍ତି, ସେ ରାମଚନ୍ଦ୍ର ମୁଖରେ ଏପରି ମର୍ଯ୍ୟାଦା ଉଲ୍ଲଙ୍ଘନ ଶବ୍ଦ କହିଥିବା ଆଦୌ ବିଶ୍ୱାସ ପରିସରକୁ ଆସୁନି । ଏହି ଶ୍ଳୋକ ସମୂହ କୌଣସି ଧୂର୍ତ୍ତ ପଣ୍ଡିତଙ୍କର ଅପମିଶ୍ରଣ ହିଁ ହୋଇପାରେ ।

***ପ୍ରଶ୍ନ:*** ***ଉପରୋକ୍ତ ଶ୍ଳୋକ ସମୂହରେ କ'ଣ ଏମିତି ମର୍ଯ୍ୟାଦା ଉଲ୍ଲଙ୍ଘନ ହୋଇଗଲା ଯେ ଏହାକୁ ଧୂର୍ତ୍ତ ପଣ୍ଡିତଙ୍କର ଅପମିଶ୍ରଣ ବୋଲି ବିବେଚନା କରାଯିବ ?***

ଉତ୍ତର: ଟିକିଏ ସ୍ଥିର ଚିତ୍ତରେ ଚିନ୍ତା କରନ୍ତୁ । ଏହା କ'ଣ ରାମଚନ୍ଦ୍ରଙ୍କର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁନି ?

***ପ୍ରଶ୍ନ:*** ***କାହିଁ ? କେଉଁଠାରେ ମର୍ଯ୍ୟାଦା କ୍ଷୁଣ୍ଣ ହେଲା ?***

ଉତ୍ତର: ଆପଣଙ୍କର ଧର୍ମପତ୍ନୀ ଅନିନ୍ଦ୍ୟସୁନ୍ଦରୀ ଅଟନ୍ତି । ତାଙ୍କର ଶରୀର ପୃଥୁଳ ହୋଇଥିବାରୁ....

***ଆସ୍ଫାଳିତ ଉକ୍ତି:*** ***ମୋର ଧର୍ମପତ୍ନୀ ସମ୍ବନ୍ଧରେ ତୁ କହିବାକୁ କିଏ ? ମାଡ଼ ଖାଇବାକୁ ତୋର ଇଚ୍ଛା ହେଲାଣିକି ?***

ଉତ୍ତର: ମହାଶୟ ! ଏବେ ଯାଇ ବୁଝିପାରିଲେ । ଆପଣଙ୍କ ଧର୍ମପତ୍ନୀ ପ୍ରକୃତରେ ସୁନ୍ଦରୀ । ତାଙ୍କର ପୃଥୁଳ ଶରୀର ସମ୍ବନ୍ଧରେ କିଛି କହିବା ନ'ସରୁଣୁ ଆପଣ କ୍ରୋଧାନ୍ୱିତ ହୋଇ ମତେ ମାଡ଼ ଦେବା ପାଇଁ ଉଦ୍ୟତ ହେଲେଣି । ଆପଣଙ୍କ ଧର୍ମ ପତ୍ନୀଙ୍କର ଶାରୀରିକ ଗଠନ ସମ୍ପର୍କରେ କିଛି କହିଲେ ଆପଣଙ୍କ ପକ୍ଷରେ ଯଦି ଅସହ୍ୟବୋଧ ହେଉଛି, ତାହାହେଲେ ରାମଚନ୍ଦ୍ର ସୀତାଙ୍କ ସମ୍ପର୍କରେ କିମ୍ବା ତାଙ୍କର ଶାରୀରିକ ଗଠନ ସମ୍ପର୍କରେ କିଛି ଅନୁଚିତ ବିଚାର ବେଲଗଛକୁ, ତାଳଗଛକୁ, ହାତୀକୁ କହୁଥିଲେ ବୋଲି ବିଶ୍ୱାସ ହେଲା କିପରି ? ତାହା ପୁଣି ରାମଚନ୍ଦ୍ର ଦୁଃଖି ଥିବା ସମୟରେ.. ।

***ପ୍ରଶ୍ନ:*** ***ରାମଚନ୍ଦ୍ରଙ୍କର ଚରିତ୍ରକୁ ଅନ୍ୟଥା ଚିତ୍ରଣ କରିଥିବା ବାଲ୍ମୀକି ରାମାୟଣର ଶ୍ଳୋକ ସମୂହକୁ ପ୍ରକ୍ଷିପ୍ତ କୋଟିକୁ ନିକ୍ଷେପ କରି ମହର୍ଷି ବାଲ୍ମିକୀଙ୍କୁ ଦୋଷ ମୁକ୍ତ କରାଯାଉଥିବା ସ୍ଥଳେ, ରାମଚରିତ***

***ମାନସରେ ଲେଖାଥିବା ତଦନୁକୂଳ ଦୋହା ଓ ଚୌପାଇକୁ ନେଇ ସନ୍ଥ ତୁଳସୀ ଦାସଜୀଙ୍କୁ ନିନ୍ଦା କରାଯିବ କାହିଁକି ?***

ଉତ୍ତର: ତୁଳସୀ ଦାସଙ୍କୁ ନିନ୍ଦା କିମ୍ବା ସମାଲୋଚନା କରିବା ପାଇଁ ଏଠାରେ କୌଣସି ଗୁରୁତ୍ୱ ଦିଆଯାଉନି ବରଂ ସମାଜକୁ କଲ୍ୟାଣପ୍ରଦ ବାର୍ତ୍ତା ଦେବା ପାଇଁ ରାମଚନ୍ଦ୍ରଙ୍କର ବାସ୍ତବ ଜୀବନିର ସୁରକ୍ଷା ପାଇଁ ଚେଷ୍ଟା କରାଯାଉଛି । ଯେଉଁ ସବୁ ଶ୍ଳୋକ, କବିତା, ଦୋହା, ଚୌପାଇ ଆଦି ଯେକୌଣସି ଲେଖକ ଲେଖିଥାନ୍ତୁ, ଯେକୌଣସି ଗ୍ରନ୍ଥ ତାହା ବହନ ବହନ କରି ଚାଲୁଥାଉ, ଯେଉଁଥିରେ ରାମଚନ୍ଦ୍ରଙ୍କର ମର୍ଯ୍ୟାଦା କ୍ଷୁଣ୍ଣ ହେଲାପରି କିଛି ଉପାଦାନ ଲକ୍ଷ୍ୟ କରାଯିବ, ତାହା ନିର୍ମୂଳନ ପାଇଁ ସବୁ ଦିଗରୁ ପ୍ରୟାସ କରାଯିବା ଉଚିତ ।

ପ୍ରକ୍ଷିପ୍ତ ରହିତ ରାମାୟଣ ଓ ତଦନୁକୂଳ ସାହିତ୍ୟ ପ୍ରଚାର ମାଧ୍ୟମରେ ସମାଜକୁ କଲ୍ୟାଣପ୍ରଦ ସନ୍ଦେଶ ପ୍ରେରଣ କରିବା ସମସ୍ତ ସଜ୍ଜନଙ୍କର ପରମ ଧ୍ୟେୟ ହେବା ଏକାନ୍ତ ବାଞ୍ଛନୀୟ ।

■

# ଅହଲ୍ୟା ଉଦ୍ଧାର

ପତିପତ୍ନୀ ରୂପେ ଋଷି ଗୌତମ-ଅହଲ୍ୟା ଏବଂ ବିଦ୍ୟାର୍ଥୀ ରୂପେ ଶ୍ରୀରାମ-ଲକ୍ଷ୍ମଣ, ଏହିମାନଙ୍କର ସର୍ପିଳ ଜୀବନ ରେଖା ଉଭୟସହ କୌଣସି ଏକ ସମୟରେ କୌଣସି ଏକ ବିନ୍ଦୁରେ ମିଳିତ ହୋଇ ପୁଣି ଦୂରେଇ ଯାଇଛି । ସେହି ସମ୍ବନ୍ଧରେ ରାମାୟଣରେ ଲେଖାଅଛି ଯେ; ମିଥିଳା ନରେଶ ଜନକ ଏକ ଧନୁଷ ଯଜ୍ଞର ଆୟୋଜନ କରିଥାନ୍ତି । ଯଜ୍ଞର ନିୟମ ଥିଲା ଯେ ଯେଉଁ କ୍ଷତ୍ରୀୟ ସେହି ଧନୁରେ ଗୁଣ ଚଢ଼ାଇ ପାରିବ, ସୀତା ତାଙ୍କୁ ପତି ରୂପେ ବରଣ କରିବେ । ବିଦ୍ୟାର୍ଥୀ ରାମ ଓ ଲକ୍ଷ୍ମଣଙ୍କୁ ସେହି ଶିବ ଧନୁଷ ଦେଖାଇବା ପାଇଁ ବିଶ୍ୱାମିତ୍ର ମହର୍ଷି ଉଭୟଙ୍କୁ ସାଙ୍ଗରେ ନେଇ ମିଥିଳା ନଗରରେ ପ୍ରବେଶ କରିଛନ୍ତି । ମିଥିଳାରେ ପହଞ୍ଚି, ଜନକପୁରୀର ଶୋଭାକୁ ସମସ୍ତେ ଭୁରି ଭୁରି ପ୍ରଶଂସା କରିଛନ୍ତି । ଇତ୍ୟବସରରେ,

**ମିଥିଳୋପବନେ ତତ୍ର ଆଶ୍ରମଂ ଦୃଶ୍ୟ ରାଘବଃ ।**
**ପୁରାଣଂ ନିର୍ଜନଂ ରମ୍ୟଂ ପପ୍ରଚ୍ଛ ମୂନୀ ପୁଙ୍ଗବମ୍ ।।**

(ବା.ରା- ବାଳ କାଣ୍ଡ, ୪୮ସର୍ଗ-ଶ୍ଳୋକ-୧୧)

ମିଥିଳାର ଉପବନରେ ରମଣୀୟ କିନ୍ତୁ ଜନଶୂନ୍ୟ ଏକ ଆଶ୍ରମକୁ ଦେଖି ରାମଚନ୍ଦ୍ର ଗୁରୁ ବିଶ୍ୱାମିତ୍ରଙ୍କୁ ପଚାରିଛନ୍ତି କି; ହେ ଭଗବନ୍ । ଏହା କେଉଁସ୍ଥାନ ? ଦେଖିବାକୁ ଆଶ୍ରମ ତୁଲ୍ୟ ପ୍ରତୀୟମାନ ହେଉଥିଲେ ମଧ୍ୟ, ମୁନୀ ଋଷି ବର୍ଜିତ କାହିଁକି ? ରାମଚନ୍ଦ୍ରଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବିଶ୍ୱାମିତ୍ର କହିଲେ କି, ଏହି ଆଶ୍ରମରେ ମହାତ୍ମା ଗୌତମ ଧର୍ମପତ୍ନୀ ଅହଲ୍ୟାଙ୍କ ସହ ଅନେକ ଦିନ ଧରି ତପସ୍ୟା କରି ଆସୁଥିଲେ । ଦିନେ ଗୌତମଙ୍କର ଅନୁପସ୍ଥିତିର ସୁଯୋଗ ନେଇ, ଦେବରାଜ ଇନ୍ଦ୍ର ମୁନୀ ବେଶରେ ଗୌତାମାଶ୍ରମରେ ପ୍ରବେଶ କରି ଅହଲ୍ୟାଙ୍କୁ କହିଲେ (ସଙ୍ଗମଂ ତ୍ୱହମିଚ୍ଛମି ତ୍ୱୟାସହ ସୁମଧମେ) ହେ ସୁମଧମେ ! ମୁଁ ତୁମ ସହ ସମାଗମ କରିବା ପାଇଁ ଇଚ୍ଛା କରୁଛି ।

**ମୁନୀବେଷଂ ସହସ୍ରାକ୍ଷଂ ବିଜ୍ଞାୟ ରଘୁନନ୍ଦନ ।**
**ମତିଚକାର ଦୁର୍ମେଧା ଦେବରାଜ କୁତୁହଳାତ୍ ॥**

(ବା.ରା- ବାଳ କାଣ୍ଡ, ୪୮ସର୍ଗଃ- ଶ୍ଳୋକ -୧୯)

(ଅର୍ଥାତ୍) ଅହଲ୍ୟା ଇନ୍ଦ୍ରକୁ ଚିହ୍ନିପାରି ମଧ୍ୟ, କୌତୁହଳ ବଶତଃ, ତାଙ୍କର ସମାଗମ ପ୍ରସ୍ତାବକୁ ସ୍ୱୀକାର କରିପକାଇଲେ । ସମାଗମ ପରେ ସନ୍ତୁଷ୍ଟ ଚିତ୍ତ ହୋଇ ଅହଲ୍ୟା ଦେବରାଜ ଇନ୍ଦ୍ରକୁ କହିଲେ;

**ଅଥବ୍ରବିତ୍ ସୂରଶ୍ରେଷ୍ଟଂ କୃତାର୍ଥେନାନ୍ତରାତ୍ମନା ।**
**କୃତାର୍ଥାସ୍ମି ସୂରଶ୍ରେଷ୍ଠ ଗଛ ଶିଘ୍ରମିତଃ ପ୍ରଭୋ ॥"**

(ବା.ରା- ବାଳ କାଣ୍ଡ, ୪୮ ସର୍ଗ- ଶ୍ଳୋକ ୨୦)

(ଅର୍ଥାତ୍) ହେ ସୂରଶ୍ରେଷ୍ଠ ! ଆପଣଙ୍କ ସହ ସମାଗମ କରି ମୁଁ ସାନ୍ତରାତ୍ମା କୁତାର୍ଥ ହୋଇଗଲି । ଗୌତମ ଆଶ୍ରମକୁ ଫେରିବା ପୂର୍ବରୁ ଆପଣ ଏଠାରୁ ଯଥାଶୀଘ୍ର ପଳାଇ ଯା'ନ୍ତୁ ।

ଅହଲ୍ୟାଙ୍କ ଠାରୁ ଏପରି ଶୁଣିବା ପରେ, ଇନ୍ଦ୍ର ଆତ୍ମଗୋପନ ପୂର୍ବକ ଗୌତାମାଶ୍ରମରୁ ପଳାୟନ କରିବା ପାଇଁ ପ୍ରଯତ୍ନ କଲେ । ଠିକ୍ ଏହି ସମୟରେ ଗୌତମ ଆଶ୍ରମକୁ ଫେରି ଆସିଛନ୍ତି । ଗୌତମଙ୍କୁ ଦେଖି ଇନ୍ଦ୍ରଙ୍କର ଦେହ ଥରି ଉଠିଲା ଓ ମୁଖ ବିଷାଦର କାଳିମାରେ ଢ଼ାଙ୍କି ହୋଇଯାଇଥିଲା । ମୁନୀ ବେଶଧାରି ଇନ୍ଦ୍ରକୁ ଦେଖି ଗୌତମ କ୍ରୋଧାନ୍ୱିତ ହୋଇ କହିଲେ, ଦୁର୍ମତେ ! ତୁ ମୋର ରୂପଧରି ଯେଉଁ ଅପକର୍ମ କଲୁ, ସେଥିପାଇଁ ତୁ ଅଣ୍ଡକୋଷ ରହିତ ହୋଇଯିବୁ । ତା'ପରେ ଅହଲ୍ୟାଙ୍କୁ ଅଭିଶାପ ଦେଇ କହିଲେ, ତୋର ଅନୁଚିତ ଆଚରଣର ପରିଣାମ ଏହିକି, ତୁ ହଜାର ବର୍ଷ ପର୍ଯ୍ୟନ୍ତ ଅନାହାର, ଅର୍ଥାତ୍ କେବଳ ପବନ ଆହାର କରି ଏଠାରେ ପାଉଁଶ ଗଦାରେ ପଡ଼ିରହିବୁ । ଯେତେବେଳେ ଦଶରଥ ନନ୍ଦନ ଶ୍ରୀରାମ ଏହି ଘୋର ବନକୁ (ବନଘୋରଂ) ଆସିବେ, ତୁ ସେତେବେଳେ ପୂର୍ବ ଶରୀର ଧାରଣ ପୂର୍ବକ ମୋତେ ପ୍ରାପ୍ତ ହେବୁ । ଏହା କହି ଗୌତମ ତପସ୍ୟା କରିବାପାଇଁ ହିମାଳୟକୁ ଚାଲିଗଲେ । (ହିମବସିଖରେ ରମ୍ୟେ ତପସ୍ତେପେ ମହାତପାଃ- ବା.ରା.- ୪୮ସର୍ଗ- ଶ୍ଳୋକ-୩୩)

ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ ପୁଣି କହିଲେ, ହେ ରାମ ! ସେହିଦିନଠାରୁ ଅହଲ୍ୟା ଏହି ଆଶ୍ରମରେ ଏକାକିନୀ ରହି ଆସୁଛନ୍ତି । ତୁମେ ଆଶ୍ରମକୁ ଯାଇ ଅହଲ୍ୟାଙ୍କୁ ଉଦ୍ଧାର କର । ବିଶ୍ୱାମିତ୍ରଙ୍କ ବଚନ ରକ୍ଷାକରି ରାମ ଓ ଲକ୍ଷ୍ମଣ ଆଶ୍ରମରେ ପ୍ରବେଶ କଲେ ଏବଂ ତପସ୍ୟାଜନିତ ଦେଦିପ୍ୟମାନ ହୋଇଥିବା ଅହଲ୍ୟାଙ୍କୁ ଦେଖିଲେ । (ଦଦର୍ଶଚ ମହାଭାଗାଂ ତପସ୍ୟା ଦ୍ୟୋତିତ ପ୍ରଭାନ୍ - ବା.ରା-୪୯ ସର୍ଗ- ଶ୍ଲୋକ-୧୩) ତା'ପରେ ରାମ ଓ ଲକ୍ଷ୍ମଣ ପ୍ରଶନ୍ନତା ପୂର୍ବକ ଅହଲ୍ୟାଙ୍କର ଚରଣ ସ୍ପର୍ଶ କଲେ । (ରାଘବୌତୁ ତଦାତସ୍ୟାଃ ପାଦୌ ଜଗୃହତୁର୍ମୁଦା- ବା.ରା.-୪୯ସର୍ଗ- ଶ୍ଲୋକ-୧୭)

ଅହଲ୍ୟା ଆଦର ସହକାରେ ଦୁଇ ଭାଇଙ୍କୁ ଅତିଥି ରୂପେ ପାଇ ଆନନ୍ଦିତ ହେଲେ ଓ ଯଥାଯୋଗ୍ୟ ସତ୍କାର କଲେ । ଦୁଇ ଭାଇ ମଧ୍ୟ ଅହଲ୍ୟାଙ୍କର ଆତିଥ୍ୟକୁ ସାଦର ସ୍ୱୀକାର କଲେ । ମହାତେଜସ୍ୱୀ ଗୌତମ ମଧ୍ୟ ଅହଲ୍ୟାଙ୍କୁ ପାଇ ଆନନ୍ଦିତ ହେଲେ । (ଗୌତମୋପି ମହାତେଜା ଅହଲ୍ୟା ସହିତଃ ସୁଖି- ବା.ରା-୪୯ ସର୍ଗଃ- ଶ୍ଲୋକ-୨୯) ଏହାପରେ ରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସହ ଜନକଙ୍କର ଯଜ୍ଞ ସ୍ଥଳକୁ ଚାଲିଗଲେ ।

**ସମୀକ୍ଷା :**

ଶ୍ରୀମଦ୍ ବାଲ୍ମିକୀୟ ରାମାୟଣର 'ଅହଲ୍ୟା ଉଦ୍ଧାର' ପ୍ରସଙ୍ଗକୁ ଯଦି ସୂକ୍ଷ୍ମ ଅନୁଧ୍ୟାନ କରାଯାଏ, ତାହାହେଲେ ଏହା ପୂର୍ଣ୍ଣତଃ ଏକ ମିଥ୍ୟା ଓ କଳ୍ପନା ପ୍ରସୁତ ପ୍ରସଙ୍ଗ ରୂପେ ପ୍ରମାଣିତ ହୋଇଯାଉଛି । କାରଣ ଏହିକି ମିଥ୍ୟାକୁ ସତ୍ୟରୂପେ ପ୍ରସ୍ତୁତ କରିବା ପାଇଁ ଚେଷ୍ଟାକଲେ, ସେହି ମିଥ୍ୟାରେ ଆଉ କିଛି ମିଥ୍ୟା ଯୋଡ଼ିବା ଆବଶ୍ୟକ ହୋଇଥାଏ । ସମସ୍ତ ବିଷୟବସ୍ତୁକୁ ଯଦି ପୂର୍ବାପର ସଙ୍ଗତିକରଣ କରାଯାଏ, ତାହାହେଲେ ସତ୍ୟ ଓ ମିଥ୍ୟା ଉଭୟ ଆପେ ଆପେ ପ୍ରଘଟ ହୋଇଯାଏ । ଅତଏବ 'ଅହଲ୍ୟା ଉଦ୍ଧାର' ଉପାଖ୍ୟାନରୁ ପ୍ରାପ୍ତ ହେଉଥିବା ସନ୍ଦେହାତ୍ମକ ଓ ପରସ୍ପର ବିରୁଦ୍ଧ ତଥ୍ୟଗୁଡ଼ିକୁ ବୁଦ୍ଧି ଓ ସତ୍ୟର କଷଟିରେ କଷିନେଇ ସତ୍ୟାସତ୍ୟ ନିର୍ଣ୍ଣୟ କରିବା ଉଚିତ ମନେହୁଏ ।

"ଦେବରାଜ ଇନ୍ଦ୍ର ସ୍ୱର୍ଗରୁ (କଳ୍ପିତ) ଓହ୍ଲାଇ ଆସି ମର୍ତ୍ତ୍ୟପୁରର ଏକ ଋଷିପତ୍ନୀଙ୍କ ସହ ସମାଗମ ପାଇଁ ପ୍ରସ୍ତାବ ରଖିବା ମାତ୍ରକେ ସେହି ଋଷିପତ୍ନୀ

କୌତୁହଳ ବଶତଃ ସେହି ନିନ୍ଦନୀୟ ତଥା ଅନୁଚିତ ଯାଚନାକୁ ସ୍ୱୀକାର କରିଗଲେ ।” ଏପରି ଏକ ପ୍ରସଙ୍ଗ ଲେଖିଥିବା ବ୍ୟକ୍ତି (ପ୍ରକ୍ଷିପ୍ତ କର୍ତ୍ତା) କେତେ ନିମ୍ନସ୍ତରର ଚିନ୍ତା କରିପାରନ୍ତି ତାହା ବିଚାର ଯୋଗ୍ୟ । ରୂପ ବ୍ୟବସାୟ କରି ଉଦରପୋଷଣ କରୁଥିବା କୌଣସି ମନ୍ଦମତି ନାରୀ ମଧ୍ୟ ଏମିତି ଆଶୁ ସ୍ୱୀକୃତି ସମ୍ଭବତଃ ଦେଉନଥିବ । ଧୂର୍ତ୍ତ ଲେଖକ (ପ୍ରକ୍ଷିପ୍ତ କର୍ତ୍ତା) ଏକ ଋଷି ପତ୍ନୀଙ୍କୁ ବାରାଙ୍ଗନା ଠାରୁ ମଧ୍ୟ ନିମ୍ନସ୍ତରକୁ ନେଇଯିବା ପାଇଁ ପ୍ରସ୍ତୁତ ହୋଇପାରିଲେ । ଏଣୁକରି ବିଚାରଶୀଳ ବ୍ୟକ୍ତିମାନେ ଇତିହାସ ଅବଲୋକନାନ୍ତେ କହନ୍ତିଯେ ଭାରତୀୟ ସଂସ୍କୃତିକୁ ନଷ୍ଟକରିବା ପାଇଁ ବିଦେଶାଗତ ଦସ୍ୟୁମାନେ ଯେତିକି କରିପାରିନାହାନ୍ତି, ତାହାଠାରୁ କିଛି ଅଧିକ କରିବା ପାଇଁ ଆମ ଦେଶର ଅର୍ଦ୍ଧପଣ୍ଡିତ କିଛି କଦର୍ଯ୍ୟମନା ବ୍ୟକ୍ତିମାନେ ପଛେଇଯାଇନାହାନ୍ତି । ଋଷିମୁନିମାନଙ୍କ ଅନାବିଳ ଚରିତ୍ରରେ କଳାବୋଳିବା, ମହାପୁରୁଷମାନଙ୍କ ବ୍ୟକ୍ତିତ୍ୱକୁ ଘୋଡ଼ାଇ ତାଙ୍କୁ ଈଶ୍ୱର ସଜାଇବା, ଯୋଗେଶ୍ୱରକୃଷ୍ଣଙ୍କୁ ଭୋଗେଶ୍ୱର ନାଟୁଆ (ନଟରାଜ) ସଜାଇବାରେ ସେମାନେ ସିଦ୍ଧହସ୍ତ । ସଙ୍କୀର୍ଣ୍ଣ ସ୍ୱାର୍ଥପୂର୍ତ୍ତି ପାଇଁ ଜୟଚନ୍ଦ୍ର କରିଥିବା ଅସାଧୁ କର୍ମପାଇଁ ଭାରତ କିପରି ଏକ ଦୀର୍ଘସମୟ ପରାଧୀନତାର ଶୃଙ୍ଖଳରେ ଆବଦ୍ଧହୋଇ ରହିଲା ତାହା ସର୍ବଜନବିଦିତ । ବେଦାଦି ଧର୍ମଶାସ୍ତ୍ରମାନଙ୍କୁ ନିଜର ସ୍ୱାର୍ଥସିଦ୍ଧି ପାଇଁ ପ୍ରୟୋଗ କରି ଭାରତର ଜନସାଧାରଣଙ୍କୁ କିପରି ଅନ୍ଧବିଶ୍ୱାସ ଓ ଅସତ୍ୟ କୂପରେ ନିକ୍ଷେପ କରାଯାଇଛି ତାହା ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମହର୍ଷି ଦୟାନନ୍ଦ କୃତ 'ସତ୍ୟାର୍ଥ ପ୍ରକାଶ' ଓ 'ଋକ୍‌ବେଦାଦିଭାଷ୍ୟ ଭୂମିକା' ଅବଶ୍ୟ ଅଧ୍ୟୟନ କରନ୍ତୁ । ଏହି ସ୍ଥିତିରେ ଆମର ପରମଧ୍ୟେୟ ଏହା ହେବା ଉଚିତକି, ଯେକୌଣସି ରାମାୟଣ ସମ୍ବନ୍ଧୀୟ ଲେଖା ଯେତେବଡ଼ ଲେଖକଙ୍କର ଲେଖା ହେଉନା କାହିଁକି, ତାହାର ଉପଯୋଗିତା ସମାଜ ପାଇଁ କେତେ ଅଛି ତାହା ନିରପେକ୍ଷତାର ସହ ବିଚାର କରିବା । ଯାହାହେଉ ପଛେ, ଅହଲ୍ୟା ଉଦ୍ଧାର ପ୍ରସଙ୍ଗ ମହର୍ଷି ବାଲ୍ମିକୀ ଲିଖିତ ନୁହେଁ ବୋଲି ପ୍ରମାଣିତ ହୋଇଯାଉଛି, ଅତଏବ ତ୍ୟାଗଯୋଗ୍ୟ ।

ମିଛପାଇଁ କିପରି ମିଛଲେଖାଯାଏ ତାହାର ଆଉ ଏକ ପ୍ରମାଣ:- ବାଲ୍ମିକୀୟ ରାମାୟଣ ଅନୁଯାୟୀ; ବିଶ୍ୱାମିତ୍ର, ରାମ ଓ ଲକ୍ଷ୍ମଣ ଗୌତମ ଆଶ୍ରମରେ ପ୍ରବେଶ କରି ଅହଲ୍ୟାଙ୍କୁ ଏକାକୀ ତପସ୍ୟାରତ ଥିବାର ଦେଖିଲେ । ସେଠାରେ ଗୌତମ

ମହର୍ଷି ନଥିଲେ । ବରଂ ତପସ୍ୟା କରିବା ପାଇଁ ହିମାଳୟକୁ ଚାଲିଯାଇଥିଲେ (ହିମବଚ୍ଛିଖରେ ରମୋ ତପସ୍ତେପେ ମହାତପାଃ-୪୮ସର୍ଗ, ଶ୍ଳୋକ-୩୩) । ଅତଏବ ବିଶ୍ୱାମିତ୍ର, ରାମ ଓ ଲକ୍ଷ୍ମଣଙ୍କର ଗୌତମ ଆଶ୍ରମ ରହଣି କାଳରେ (ସୀମିତ ସମୟ ପାଇଁ), ଅହଲ୍ୟା ଓ ଗୌତମଙ୍କର ମିଶ୍ରଣ ହୋଇଥିବା ପ୍ରଶ୍ନହିଁ ଉଠୁନି । କିନ୍ତୁ ବାଲ୍ମିକୀ ରାମାୟଣରେ ଲେଖାଯାଇଛି ଯେ:-

**ଗୌତମୋପି ମହାତେଜା ଅହଲ୍ୟା ସହିତଃ ସୁଖୀ ।**
**ରାମଂ ସଂପୂଜ୍ୟ ବିଧିବତ୍ ତପସ୍ତେପେ ମହାତପାଃ ।।**

(ବା.ରା- ବାଳ କାଣ୍ଡ, ୪୯ ବର୍ଗଃ- ଶ୍ଳୋକ-୨୧)

(ଅର୍ଥାତ୍) ଅହଲ୍ୟାଙ୍କୁ ପାଇ ଗୌତମ ଆନନ୍ଦିତ ହେଲେ । ସେ ଦୁହେଁ ରାମଚନ୍ଦ୍ରଙ୍କୁ ବିଧିବତ୍ ପୂଜାକରି ତପସ୍ୟା ଆରମ୍ଭ କଲେ ।

ଉକ୍ତ ସମୀକ୍ଷାରୁ ସ୍ପଷ୍ଟ ହେଉଛି ଯେ "ଅହଲ୍ୟା ଉଦ୍ଧାର ପ୍ରସଙ୍ଗ" ରାମାୟଣରେ ଏକ ପ୍ରକ୍ଷିପ୍ତ ପ୍ରସଙ୍ଗ । ଅତଏବ ସର୍ବାଦୌ ଅମାନ୍ୟ ଅଟେ ।

ଋଷିକୃତ ଗ୍ରନ୍ଥମାନଙ୍କରେ ଲେଖାଥିବା ଅହଲ୍ୟା, ଗୌତମ, ଇନ୍ଦ୍ରାଦି ଶବ୍ଦର ପରିଭାଷା (ବିଶେଷ ଅବଗତ ହେବାପାଇଁ ମହର୍ଷି ଦୟାନନ୍ଦ କୃତ 'ଋଗ୍‌ବେଦାଦି ଭାଷ୍ୟ ଭୂମିକା'ର 'ଗ୍ରନ୍ଥପ୍ରମାଣ୍ୟାପ୍ରମାଣ୍ୟ ବିଷୟଃ' ପାଠ କରନ୍ତୁ ।) ଓ ଏହାର ରୂପକାଳଙ୍କାର ପ୍ରୟୋଗକୁ ନ'ବୁଝି ତାହାର ଦୁରୁପଯୋଗ କରାଯାଇଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି । ଆର୍ଷ ସାହିତ୍ୟନୁଯାୟୀ,

**ଇନ୍ଦ୍ରଃ**

ସୂର୍ଯ୍ୟରୁ ଉତ୍ତାପ ପ୍ରାପ୍ତ ହୋଇଥାଏ । ସୂର୍ଯ୍ୟ ଉଦୟ ହେଲେ ଭୂମି, ସ୍ଥାନ, ପର୍ବତାଦି ପ୍ରକାଶ ହୋଇଥାଏ । ପରମ ଐଶ୍ୱର୍ଯ୍ୟ ପ୍ରାପ୍ତିର ହେତୁ ହୋଇଥିବାରୁ ସୂର୍ଯ୍ୟକୁ 'ଇନ୍ଦ୍ର' କୁହାଯାଏ ।

**ଗୌତମଃ**

ସମସ୍ତ ପ୍ରାଣୀକୁ ଆନନ୍ଦ ଦେଉଥିବାରୁ ଓ ଗତିଶୀଳ ହୋଇଥିବାରୁ ଚନ୍ଦ୍ରକୁ 'ଗୌତମ' କୁହାଯାଏ ।

**ଅହଲ୍ୟାଃ**

ରାତ୍ରି ଆସିଲେ ଦିନ (ଅହ) ଉଭେଇ ଯାଏ ଅର୍ଥାତ୍ ଲୟ ହୋଇଯାଏ । ଏଣୁକରି ରାତ୍ରିକୁ ଅହଲ୍ୟା (ଅହକୁ ଲୟ କରୁଥିବାରୁ) କୁହାଯାଏ ।

ଗୌତମ ଓ ଅହଲ୍ୟା (ଚନ୍ଦ୍ର ଓ ରାତ୍ରି) ପତିପତ୍ନୀ ରୂପେ ଏକାଠି ରହିଥାନ୍ତି । ଏହା ଏକ ରୂପକ ଅଳଙ୍କାର ଅଟେ । ଦୁହେଁ ରାତ୍ରି ସମୟରେ ସମସ୍ତ ପ୍ରାଣୀକୁ ଆନନ୍ଦ ଦେଇଥାନ୍ତି । ସୂର୍ଯ୍ୟ (ଇନ୍ଦ୍ର) ଉଦୟ ହେଲେ ରାତ୍ରି (ଅହଲ୍ୟା) ଅନ୍ତର୍ଧାନ ହୋଇଯାଏ ଅର୍ଥାତ୍ ସୂର୍ଯ୍ୟହିଁ ଅହଲ୍ୟା ଓ ଗୌତମକୁ (ପତି-ପତ୍ନୀ) ଶୃଙ୍ଗାର ସ୍ଥିତିରୁ ବିଚ୍ଛିନ୍ନ ବା ବିରତ କରିଦେଇଥାଏ । ଏଣୁକରି ଇନ୍ଦ୍ରଙ୍କୁ (ସୂର୍ଯ୍ୟକୁ) 'ଜାର' କୁହାଯାଏ ।

ଋଷିକୃତ ଆର୍ଷ ସାହିତ୍ୟର ଶବ୍ଦାର୍ଥ, ଶବ୍ଦର ପରିଭାଷାକୁ ଠିକ୍ ନବୁଝି ସ୍ୱେଚ୍ଛାପୂର୍ବକ କିଛି ଲେଖିଦେଇ ଏକ ଋଷିପତ୍ନୀକୁ ବ୍ୟଭିଚାରିଣୀ ରୂପେ ଚିତ୍ରଣ କରିଦିଆ ଯାଇଥିବା ମିଥ୍ୟା ଉପାଖ୍ୟାନକୁ ସତ୍ୟାନ୍ୱେଷି ସଜ୍ଜନ ମୂଳରୁହିଁ ପ୍ରତ୍ୟାଖ୍ୟାନ କରିଦେବା ଉଚିତ । କିନ୍ତୁ ଅଧୁନା ଉପଲବ୍ଧ ବିଭିନ୍ନ ରାମାୟଣ ସମ୍ବନ୍ଧୀୟ ରଚନା ସମୂହରୁ ଯାହା ଜଣାଯାଉଛି, ପରବର୍ତ୍ତୀ ଲେଖକ ମାନେ ସତ୍ୟାସତ୍ୟ, ଉଚିତାନୁଚିତ ନିର୍ଣ୍ଣୟ ପାଇଁ ଆଦୌ ପ୍ରୟାସ କରିନାହାନ୍ତି । ଅଧିକନ୍ତୁ ଶୁଦ୍ଧାଶୁଦ୍ଧ ପ୍ରତି ଲକ୍ଷ୍ୟ ନଦେଇ ବାଲ୍ମିକୀ ରାମାୟଣର ପ୍ରକ୍ଷିପ୍ତାଂଶକୁ (ଅହଲ୍ୟା-ଗୌତମ ଉପାଖ୍ୟାନ) ନିଜ ରଚନାରେ ମୌଳିକ ତଥ୍ୟରୂପେ ଉପଯୋଗକରି, ରାମଚନ୍ଦ୍ରଙ୍କର ମହାନତା ପ୍ରତିପାଦନ କରିବାପାଇଁ ତତ୍ପର ହୋଇଉଠିଛନ୍ତି । ଏହି କ୍ଷେତ୍ରରେ 'ରାମଚରିତମାନସ' ପାଦେ ଆଗକୁ ଅଗ୍ରସର ହୋଇଛି ।

ପ୍ରକ୍ଷିପ୍ତାଂଶକୁ ବାଦଦେଲେ, ବାଲ୍ମିକୀଙ୍କ ରାମାୟଣ ରାମଚନ୍ଦ୍ରଙ୍କୁ ଗୁଣବାନ, ବୀର୍ଯ୍ୟବାନ, ବିଦ୍ୱାନ, ଧୈର୍ଯ୍ୟବାନ, ବଳବାନ, ଶ୍ରୀସମ୍ପନ୍ନ, ପ୍ରବୀଣ, ଧର୍ମଜ୍ଞ, ଦୃଢ଼ ପ୍ରତିଜ୍ଞ, ନୀତିଜ୍ଞ, ବେଦଜ୍ଞ, ସତ୍ୟବକ୍ତା, ଯୋଗ୍ୟବକ୍ତା, ଯୋଗ୍ୟପତି, ଯୋଗ୍ୟପୁତ୍ର, ଯୋଗ୍ୟ ଭାଇ, ଯୋଗ୍ୟରାଜା, ସଦାଚାରଯୁକ୍ତ, ସର୍ବହିତସାଧକ, ଶତ୍ରୁ ସଂହାରକ, ସତ୍ୟପରାକ୍ରମ ଯୁକ୍ତ, ସୌମ୍ୟଦର୍ଶନ, ସର୍ବଜନପ୍ରିୟ, ସାଧୁ, ପିତୃମାତୃଭକ୍ତ, କ୍ଷମାଶୀଳ, ସମର୍ଥଶାଳୀ, ଜିତେନ୍ଦ୍ରିୟ, ଅକ୍ରୋଧୀ, କାନ୍ତିମାନ, ଯଶସ୍ୱୀ, ତ୍ୟାଗୀ, ତପସ୍ୱୀ, ସର୍ବସୁଗୁଣ ସମ୍ପନ୍ନ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ଚିତ୍ରଣ କରିଛନ୍ତି । କିନ୍ତୁ ରାମଚନ୍ଦ୍ରଙ୍କର ଏତିକି ପ୍ରଶସ୍ତିଗାନ ରାମଚରିତମାନସକୁ ତୃପ୍ତ କରିପାରିନି । ଏଣୁକରି ରାମଚନ୍ଦ୍ରଙ୍କୁ ଏହାଠାରୁ କିଛି ଅଧିକ ଉଚ୍ଚସ୍ଥାନ ଦେବାପାଇଁ, ରାମଚରିତ ମାନସ ପ୍ରଥମେ ଅହଲ୍ୟାଙ୍କୁ ପାତକମୟୀ ରୂପେ ସ୍ୱୀକାର କରିଗଲା (ଯେ ପରସି ମୁନୀ ବନିତା ଲହି ଗତିରହିଯୋ ପାତକମୟୀ, ବା.କା.ଦୋହା ୩୨୩-ଛ-୨)

ମିଥ୍ୟା ଉପାଖ୍ୟାନର ସତ୍ୟାସତ୍ୟ, ବାସ୍ତବାସ୍ତବ ଦିଗପ୍ରତି ଆଦୌ ଲକ୍ଷ୍ୟ ଦେଇନାହିଁ । ସମାଜ ଉପରେ ଏହାର ପ୍ରଭାବ ବିଷୟ ନେଇ ଆଦୌ ଚିନ୍ତାକରିନି ବରଂ ସେଥିରୁ କେବଳ ଏତିକି ଅଂଶକୁ (ପାତକମୟୀ ଅହଲ୍ୟା-ମୁନି ବନିତା) ଗ୍ରହଣ କରିନେଇଛି ଯେତିକି ଅଂଶକୁ ନିଜର ରଚନାରେ ଉପାଦାନ ରୂପେ ଉପଯୋଗକରି ରାମଚନ୍ଦ୍ରଙ୍କର ଜୀବନୀରେ କିଛି ଅଲୌକିକତା ଯୋଡ଼ିଦେଇହେବ ଏବଂ ରାମଚନ୍ଦ୍ରଙ୍କୁ ଈଶ୍ୱରାବତାର ରୂପେ ପ୍ରତିପାଦନ କରିବା ପାଇଁ ସହଜ ହୋଇପାରିବ ।

"ଆଶ୍ରମ ଭିତରେ ଅହଲ୍ୟା ତପସ୍ୟାରତ ଥିଲେ ଏବଂ ରାମ-ଲକ୍ଷ୍ମଣ ତାଙ୍କର ପାଦ ଛୁଇଁ ପ୍ରଣାମ କଲେ" ଏତାଦୃଶ ଆଚରଣ ତାଙ୍କ ମର୍ଯ୍ୟାଦାପୁରୁଷୋତ୍ତମ ବ୍ୟକ୍ତିତ୍ୱ ଉପରେ ଏକ ସ୍ନିଗ୍ଧ ଆଲୋକପ୍ରଦ ହୀରାଖଣ୍ଡ ଝଟକୁ ଥିବା ପରି ବୋଧ ହେଉଥିବା ସ୍ଥଳେ, ଏହା ରାମଚରିତ ମାନସକୁ ଆନନ୍ଦ ଦେଇପାରିନି । ଏଣୁ ଏହାକୁ ଖଣ୍ଡବିଖଣ୍ଡ କରିବା ପାଇଁ ପାଷାଣ ଖଣ୍ଡ ଖୋଜି ଖୋଜି ଲେଖିଲେ:-

**ଆଶ୍ରମ ଏକ ଦିଖ ମଗମାହି ।**
**ଖଗ ମୃଗ ଜୀବ ଜନ୍ତୁ ତହଁ ନାହିଁ ॥**
**ପୁଛା ମୁନୀହି ଶିଲା ପ୍ରଭୁ ଦେଖି ।**
**ସକଳ କଥା ମୁନୀ କହା ବିଷେଷି ॥** (ବା.କା-ଦୋହା ୨୦୯-୬)

ଅର୍ଥାତ୍ ମାର୍ଗରେ (ମିଥିଳା ଯିବା ସମୟରେ) ଏକ ଆଶ୍ରମ ଦୃଷ୍ଟିଗୋଚର ହେଲା । ଏଥିରେ କୌଣସି ଜୀବଜନ୍ତୁ ନ'ଥିଲେ । ଏକ ଶିଳାକୁ ଦେଖି ପ୍ରଭୁରାମ ମୁନୀ ବିଶ୍ୱାମିତ୍ରଙ୍କୁ ଏହାର ରହସ୍ୟ ପଚାରିଲେ । ବିଶ୍ୱାମିତ୍ର କହିଲେ:-

**ଗୌତମ ନାରୀ ଶ୍ରାପବସ ଉପଲ ଦେହ ଧରି ଧୀର ।**
**ଚରନ କମଲ ରଜ ଚାହତି କୃପା କରହୁ ରଘୁବୀର ॥**
(ବା.କା-ଦୋହା-୨୧୦)

(ଅର୍ଥାତ୍) ଗୌତମ ନାରୀ ଅହଲ୍ୟା ଶାପବଶରୁ ପଥରଦେହ ଧାରଣ କରି ଆପଣଙ୍କ ପଦରେଣୁ ଅପେକ୍ଷାରେ ଏଠାରେ ପଡ଼ି ରହିଛି । ହେ ରଘୁବୀର । ଏହାଙ୍କ ପ୍ରତି କୃପା କରନ୍ତୁ ।

ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶପାଇ, ସେହି ପଥରରୁ ଅହଲ୍ୟା ପ୍ରକଟ ହେଲେ । ହାତଯୋଡ଼ି ରାମଚନ୍ଦ୍ରଙ୍କୁ ପ୍ରଣାମ କଲେ ଏବଂ ରାମଚନ୍ଦ୍ରଙ୍କର ଚରଣରେ ପଡ଼ିରହିଲେ ।

ଶ୍ରୀମଦ୍ ବାଲ୍ମିକୀ ରାମାୟଣ କହେ, "ଅହଲ୍ୟା ତପସ୍ୟାରତ ଥିଲେ" । ରାମଚନ୍ଦ୍ର ଆଶ୍ରମରେ ପ୍ରବେଶ କରି ଅହଲ୍ୟାଙ୍କର ଚରଣ ସ୍ପର୍ଶ କଲେ ।

ରାମଚରିତମାନସ କହେ, ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶପାଇ ପଥରରୁ ଅହଲ୍ୟା ପ୍ରକଟ ହେଲେ ଏବଂ ରାମଚନ୍ଦ୍ରଙ୍କ ଚରଣରେ ପଡ଼ି ରହିଲେ ।

ଉପରୋକ୍ତ ପ୍ରସଙ୍ଗ ଦ୍ୱୟରୁ ଯାହା ଅନୁମାନ ହୁଏ, କେହି ଜଣେ ଧୂର୍ତ୍ତ (ପ୍ରକ୍ଷିପ୍ତ କର୍ତ୍ତା) ଶ୍ରୀମଦ୍ ବାଲ୍ମିକୀ ରାମାୟଣରେ ଅପ୍ରାସଙ୍ଗିକ ତଥା ଅନୁଚିତ ଅପମିଶ୍ରଣ କରି, ଏକ ଋଷିପତ୍ନୀଙ୍କର ଚରିତ୍ର ସଂହାର ପୂର୍ବକ ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ପ୍ରତିପାଦନ କରିବା ପାଇଁ ପ୍ରୟାସ କରିଛି । ଅନ୍ୟ ପକ୍ଷରେ ତୁଳସୀ ଦାସଜୀ ସତ୍ୟାସତ୍ୟ ଉଚିତାନୁଚିତ ନିର୍ଣ୍ଣୟ କରିବା ପରିବର୍ତ୍ତେ ଏକ ମିଥ୍ୟା ପ୍ରସଙ୍ଗକୁ ନିଜରୁଚୀ । (ଅହଲ୍ୟାଙ୍କୁ ନଷ୍ଟ ଚରିତ୍ର ସ୍ୱୀକାର କରି) ଅନୁଯାୟୀ ଅନ୍ୟ ରୂପ ଦେଇ ରାମଚନ୍ଦ୍ରଙ୍କୁ ଈଶ୍ୱରାବତାର ରୂପେ ପ୍ରତିପାଦନ କରି ତୃପ୍ତି ଲାଭ କରିଛନ୍ତି ।

ଅତଏବ ବାଲ୍ମିକୀୟ ରାମାୟଣ ଲିଖିତ ଓ ରାମଚରିତମାନସାଦି ଗ୍ରନ୍ଥ ଦ୍ୱାରା ଉପସ୍ଥାପିତ "ଅହଲ୍ୟା ଉଦ୍ଧାର" ଉପାଖ୍ୟାନ ଗ୍ରହଣୀୟ କିମ୍ବା ସ୍ପୃହଣୀୟ ନୁହେଁ । ଅହଲ୍ୟା, ଗୌତମ, ଇନ୍ଦ୍ରାଦି ଶବ୍ଦର ଋଷିପ୍ରୋକ୍ତ ତଥା ବ୍ୟାକରଣାଦି ସମ୍ମାସ୍ତ୍ର ସମ୍ମତ ପରିଭାଷାକୁ ସ୍ୱରଚିତ କାଳଜୟୀ ଗ୍ରନ୍ଥ ଋଗ୍‌ବେଦାଦିଭାଷ୍ୟ ଭୂମିକାରେ ପରିଭାଷିତ କରି ଅହଲ୍ୟାଙ୍କୁ ପାପ ପଙ୍କରୁ ଉଦ୍ଧାର କରିଥିବାରୁ ମହର୍ଷି ଦୟାନନ୍ଦ ଧନ୍ୟବାଦାର୍ହ ।

***ପ୍ରଶ୍ନ:*** ***ମହର୍ଷି ଦୟାନନ୍ଦଙ୍କ ପୂର୍ବରୁ 'ଅହଲ୍ୟା ଉଦ୍ଧାର' ପ୍ରସଙ୍ଗକୁ ସମାଜ ଯେଉଁ ଢ଼ଙ୍ଗରେ ବୁଝିଥିଲା (ବର୍ତ୍ତମାନ ମଧ୍ୟ ପ୍ରଚଳିତ) ତାହାଦ୍ୱାରା ସମାଜର କ'ଣ କ୍ଷତି ହେଉଥିଲା ?***

**ଉତ୍ତର:** ଭାରତୀୟ ବୈଦିକ ସଂସ୍କୃତି ପ୍ରତି ଅନାଦର ଭାବନା ପୋଷଣ କରୁଥିବା ବ୍ୟକ୍ତିମାନେ ଯେତେବେଳ କୁତ୍ସାରଟନା କରିବା ମନୋବୃତ୍ତି ନେଇ ଏହି ପ୍ରସଙ୍ଗକୁ ଆଧାରକରି ଭାରତୀୟ ନାରୀ ଚରିତ୍ର ବିଶେଷ କରି ଏକ ଋଷିପତ୍ନୀଙ୍କର ଚରିତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶକରି ଭାରତୀୟ ଶୁଦ୍ଧ ତଥା ସୁଚିମନ୍ତ ପ୍ରବାହକୁ ନୀଚ ସ୍ତରକୁ ନେଇଯିବା ପାଇଁ ଚେଷ୍ଟା କରୁଥିଲେ, ସେତେବେଳେ ନିଜକୁ ସନାତନୀ ବୋଲି ଦାବି କରୁଥିବା ପୌରାଣିକମାନେ ମୁଖ ଖୋଲିନପାରି ନିଜକୁ ଅସହାୟ ମନେ

କରୁଥିଲେ ଏବଂ ଶୁଦ୍ଧ ସଂସ୍କୃତିର ଶୁଦ୍ଧତା ସପ୍ରମାଣ ରକ୍ଷା କରିପାରୁନଥିଲେ । ଠିକ୍ ଏପରି ଏକ ଘଡ଼ିସନ୍ଧି ମହୂର୍ତ୍ତରେ ମହର୍ଷି ଦୟାନନ୍ଦ ସ୍ଥାପିତ ଆର୍ଯ୍ୟସମାଜ ହିଁ ସଂସ୍କୃତି ରକ୍ଷକ ଭୂମିକାରେ ଅବତୀର୍ଣ୍ଣ ହୋଇଛି । ମିଥ୍ୟା କଳ୍ପନା ଆଧାରରେ ଜନମାନସରେ ପୁରାଇ ଦିଆଯାଇଥିବା ଘୃଣ୍ୟ ବିଚାରଧାରାକୁ ଜନମାନସର କଳ୍ପନା ରାଜ୍ୟରୁ ନିର୍ମୂଳନ-ନିଶ୍ଚିହ୍ନ କରିବା ପାଇଁ ଯେଉଁ ପ୍ରୌଢ଼ ତର୍କ ଓ ପ୍ରମାଣର ଆବଶ୍ୟକ ହୋଇଥାଏ, ତାହା କେବଳ - "ଆର୍ଯ୍ୟ ସମାଜ" ହିଁ ଉପସ୍ଥାପନା କରିଥାଏ । ସତ୍ୟ ଓ ଜ୍ଞାନର ଆଲୋକବର୍ତ୍ତିକା ହସ୍ତରେ କେବଳ ଆର୍ଯ୍ୟସମାଜ ହିଁ ଆଗଭର ହୋଇଥାଏ ।

***ପ୍ରଶ୍ନ: ଦୟାନନ୍ଦଙ୍କ ପୂର୍ବରୁ କ'ଣ ଅନ୍ୟ କେହି ମଧ ଏହି ମିଥ୍ୟା ସମ୍ବନ୍ଧରେ ଆଲୋଚନା କରିନଥିଲେ ?***

**ଉତ୍ତର:** ବର୍ତ୍ତମାନ ଉପଲବ୍ଧ ସାହିତ୍ୟମାନଙ୍କରେ ଏମିତି କିଛି ଉପଲବ୍ଧ ହେଉନି । କୌଣସି ବ୍ୟକ୍ତି ବିଶେଷ ଏହି ମିଥ୍ୟା ଉପାଖ୍ୟାନ ସମ୍ବନ୍ଧରେ କୌଣସି ସଠିକ୍ ଆଲୋଚନା କରିନାହାନ୍ତି ବରଂ ଏକ ଋଷିପତ୍ନୀଙ୍କୁ (କଳ୍ପିତ) ଚରିତ୍ରହୀନା ରୂପେ ସ୍ୱୀକାର କରିନେଇଛନ୍ତି ।

***ପ୍ରଶ୍ନ: ବର୍ତ୍ତମାନ ମଧ "ଅହଲ୍ୟା ଉଦ୍ଧାର" ପ୍ରସଙ୍ଗ ପୂର୍ବପରି ସମାଜ ମାନିଚାଲିଛି । ଏହାଦ୍ୱାରା ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦାପୁରୁଷୋତ୍ତମ ଓ ଈଶ୍ୱରାବତାର ପ୍ରତିପାଦନ କରିବାରେ ସହାୟତା ମିଳୁଛି । ଏହାକୁ ଖଣ୍ଡନ କରିବା କାହିଁକି ?***

**ଉତ୍ତର:** ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ କିମ୍ବା ଈଶ୍ୱରାବତାର ରୂପେ ପ୍ରତିପାଦନ କରିବା ପାଇଁ ଯେକୌଣସି ବ୍ୟକ୍ତି ସ୍ୱତନ୍ତ୍ର କିନ୍ତୁ ଏଇଥିପାଇଁ ଏକ ନାରୀଚରିତ୍ରକୁ ବିଶେଷକରି ଏକ ଋଷିପତ୍ନୀଙ୍କର ଚରିତ୍ରକୁ ସଂହାର କରିବା ପ୍ରଚେଷ୍ଟାରୁ ସମସ୍ତେ ବିରତ ହେବା ଉଚିତ । ଯେହେତୁ ଅହଲ୍ୟାଙ୍କୁ ନଷ୍ଟ ଚରିତ୍ରାରୂପେ ସ୍ୱୀକାର କରିବା ବ୍ୟତୀତ 'ଅହଲ୍ୟା ଉଦ୍ଧାର' ପ୍ରସଙ୍ଗ ପୂର୍ଣ୍ଣ ହୋଇପାରୁନି, ସେହେତୁ ଏହାକୁ ସମ୍ପୂର୍ଣ୍ଣ କପୋଳକଳ୍ପିତ କୋଟିରେ ରଖିବା ନିହାତି ଆବଶ୍ୟକ ।

■■